ବର୍ଷ-୫୩ : ସଂଖ୍ୟା-୧ ଜାନୁଆରୀ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୦୨୨ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଆଗାମୀ ଅଭିମୁଖେ | ... | ଶ୍ରୀମା | ... | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ତ୍ରୟୋଦଶ ଅଧ୍ୟାୟ) | | | | |
| କ୍ଷେତ୍ର ଓ କ୍ଷେତ୍ରଜ୍ଞ | ... | ଶେଖ ଅବଦୁଲ କାଶମ | ... | ୯ |
| ତଟିନୀ (କବିତା) | ... | ସନ୍ତୋଷ ରଥ | ... | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୨) | ... | ... | ... | ୧୫ |
| ୨୦୨୨ ବର୍ଷସୂଚୀ(Calendar)ରେ ପରିବେଷିତ ବାଣୀ | ... | ... | ... | ୧୭ |
| ଯୁଗ-ପରିବର୍ତ୍ତନର ସମୟ | ... | ରାମକୃଷ୍ଣ ଦାସ | ... | ୧୮ |
| ପ୍ରକାଶଶୀଳ ପୂର୍ଣ୍ଣାଙ୍ଗ ସତ୍ୟ | ... | ପ୍ରପତ୍ତି | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୭) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୩ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୪) | ... | ସାହାନା ଦେବୀ | ... | ୨୬ |
| ଶାନ୍ତି ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୨୮ |
| କବି ନିଶିକାନ୍ତ (୧୬) | ... | ... | ... | ୩୪ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୮) | ... | ଗୟାଧର ଦାଶ | ... | ୩୮ |
| ସଂସ୍କୃତ ବିଷୟରେ କେତୋଟି ଅଜଣା କଥା | ... | ନରେନ୍ଦ୍ର ଭାଇ | ... | ୪୨ |
| ଦିବାସ୍ୱପ୍ନ (୧୧) | ... | ଗିଜୁଭାଇ ବଧେକା | ... | ୪୬ |
| ଶିକ୍ଷାକେନ୍ଦ୍ରର ଅଗ୍ରଗତି | ... | ପ୍ରସାଦ ତ୍ରିପାଠୀ | ... | ୫୦ |
| ଟିନା ଏବଂ ଅନ୍ଧାରି ମୁଲକର କଦାକାର ଭୂତଟିଏ | ... | ... | ... | ୫୨ |
| ଦୁର୍ଜୟ ଆଶା ଅଭୀପ୍ସାର ଆଲେଖ୍ୟ – | | | | |
| ବିକ୍ରମ ବେତାଳ କାହାଣୀ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ହେ ପ୍ରଭୁ ! ସେମାନଙ୍କୁ ପ୍ରଦାନ କର ସବୁକିଛି – ତୁମ ଶାନ୍ତି ଏବଂ ଆଲୋକ, ଉନ୍ମୋଚିତ କର ସେମାନଙ୍କ ଅନ୍ଧାୟିତ ନୟନ ଏବଂ ତମସାଚ୍ଛନ୍ନ ବୋଧଶକ୍ତି; ସେମାନଙ୍କ ବୃଥା ଚିନ୍ତା ଏବଂ ଅଯଥା ଉତ୍କଣ୍ଠାକୁ ପ୍ରଶମିତ କର । ନିଜ ନିଜ ଉପରେ ନିବଦ୍ଧ ସେମାନଙ୍କ ଦୃଷ୍ଟିର ଦିଗ ପରିବର୍ତ୍ତନ କର ଏବଂ ହିସାବନିକାଶ ଅଥବା ମାନସିକ ଦ୍ୱିଧା ବିନା ସେମାନଙ୍କୁ ତୁମ କାର୍ଯ୍ୟ ପ୍ରତି ଉତ୍ସର୍ଗିତ ରହିବାର ଆନନ୍ଦ ପ୍ରଦାନ କର । ସବୁଥିରେ କୁସୁମିତ ହେଉ ତୁମରି ସୌନ୍ଦର୍ଯ୍ୟ, ସବୁରି ହୃଦୟରେ ଜାଗରିତ କର ତୁମ ପ୍ରେମ ଯାହାଦ୍ୱାରା ତୁମ ଶାଶ୍ୱତ ପ୍ରଗତିମୁଖୀ ବିଧାନ ପୃଥିବୀରେ ଉପଲବ୍ଧ ହୋଇପାରିବ ଏବଂ ପରିପୂର୍ଣ୍ଣ ବିଶୁଦ୍ଧି ଏବଂ ଶାନ୍ତି ମଧ୍ୟରେ ସବୁକିଛି ତୁମ ସତ୍ତାରେ ପରିଣତ ହେବା ପର୍ଯ୍ୟନ୍ତ ତୁମ ସଂହତି ପ୍ରସାରିତ ହୋଇଚାଲିଥିବ ।

ଆହା ! ଏ ସମସ୍ତ ଅଶ୍ରୁ ବିଲୋପିତ ହେଉ, ହେଉ ସମସ୍ତ ଦୁଃଖଯନ୍ତ୍ରଣାର ନିରସନ, ସମସ୍ତ ବ୍ୟଥା ହେଉ ଦୂରୀଭୂତ ଏବଂ ଯାବତୀୟ ହୃଦୟରେ ବିରାଜମାନ କରୁ ପ୍ରଶାନ୍ତ ସ୍ଥୈର୍ଯ୍ୟ, ଏବଂ ପ୍ରତ୍ୟେକ ମନକୁ ସୁଦୃଢ଼ କରୁ ଶକ୍ତିମନ୍ତ ନିଶ୍ଚୟତା । ସବୁରି ଭିତରେ ବହମାନ ହେଉ ତୁମ ଜୀବନ – ଏକ ସଂଜୀବନୀ ପ୍ରବାହରୂପେ; ଯାହାଦ୍ୱାରା ସଭିଏଁ ହେବେ ତୁମ ଦିଗେ ଅଭିମୁଖୀ ଏବଂ ସେହି ଧ୍ୟାନାଭିନିବେଶ ମଧ୍ୟରୁ ଆହରଣ କରିବେ ଯାବତୀୟ ବିଜୟ ନିମନ୍ତେ ଶକ୍ତି ।

ଜାନୁଆରୀ ୭, ୧୯୧୪ — ଶ୍ରୀମା

# ୨୦୨୨ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ

Only those years that are passed uselessly make you grow old.

A year spent uselessly is a year during which no progress has been accomplished, no growth in consciousness has been achieved, no further step has been taken towards perfection.

Consecrate your life to the realisation of something higher and broader than yourself and you will never feel the weight of the passing years.

– The Mother

ଯେଉଁ ବର୍ଷଗୁଡ଼ିକ ତୁମର ଅଯଥାରେ ବିତିଯାଏ କେବଳ ସେହି ବର୍ଷଗୁଡ଼ିକ ତୁମକୁ ବୟସ୍କ କରିଦିଏ ।

ଗୋଟିଏ ବର୍ଷ ଅଯଥାରେ ବିତିଯାଇଛି, ତାହାର ଅର୍ଥ ହେଉଛି ଯେ ସେ ବର୍ଷ କୌଣସି ଅଗ୍ରଗତି ହାସଲ ହୋଇ ନାହିଁ, ଚେତନାରେ କୌଣସି ଅଭିବୃଦ୍ଧି ଘଟି ନାହିଁ, ପରିପୂର୍ଣ୍ଣତା ଆଡ଼କୁ ଆଉ ଅଧିକ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

ତୁମ ନିଜଠାରୁ ଉଚ୍ଚତର ଓ ପ୍ରଶସ୍ତତର କିଛିର ଉପଲବ୍ଧି ଲାଗି ଆପଣାର ଜୀବନକୁ ଉତ୍ସର୍ଗୀକୃତ କରି ରଖ ଏବଂ ଅତିବାହିତ ହୋଇ ଯାଉଥିବା ବର୍ଷଗୁଡ଼ିକର ବୋଝ ତୁମେ କେବେ ହେଲେ ଅନୁଭବ କରିବ ନାହିଁ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୨)

## ଶ୍ରୀଅରବିନ୍ଦ

All was a chaos of the true and false,
Mind sought amid deep mists of Nescience;
It looked within itself but saw not God.

ସବୁକିଛି ଥିଲା ସତ୍ୟ ଓ ମିଥ୍ୟାର ଏକ ବିଭ୍ରାଟ, ନିଶ୍ଚେତନାର ଗଭୀର କୁଜ୍ଝଟିକା ମଧ୍ୟରେ ମନ ଅନ୍ୱେଷଣ କରି ଚାଲିଥିଲା; ଆପଣା ଅନ୍ତର ଭିତରକୁ ତାହା ଅବଲୋକନ କରୁଥିଲା ମାତ୍ର ଭଗବାନଙ୍କୁ ଦେଖି ପାରୁ ନଥିଲା ।

A material interim diplomacy
Denied the Truth that transient truths might live
And hid the Deity in creed and guess
That the World-Ignorance might grow slowly wise.

ମଧ୍ୟବର୍ତ୍ତୀକାଳୀନ ଏକ ସ୍ଥୂଳ କୂଟନୀତି ଅଳୀକ ସତ୍ୟସକଳ ତିଷ୍ଠି ରହିବେ ବୋଲି ପରମ ସତ୍ୟକୁ ଅସ୍ୱୀକାର କରୁଥିଲା ଏବଂ ଦେବସତ୍ତାଙ୍କୁ ଧର୍ମୀୟ ଅନୁଶାସନ ଓ ଅନୁମାନ ମଧ୍ୟରେ ଲୁଚାଇ ରଖିଥିଲା ଯଦ୍ଦ୍ୱାରା ବିଶ୍ୱ-ଅଜ୍ଞାନ ଧୀରେ ଧୀରେ ଜ୍ଞାନବନ୍ତ ହୋଇ ଉଠିବ ।

This was the imbroglio made by sovereign Mind
Looking from a gleam-ridge into the Night
In her first tamperings with Inconscience :
Its alien dusk baffles her luminous eyes;
Her rapid hands must learn a cautious zeal;
Only a slow advance the earth can bear.

ଏହାହିଁ ଥିଲା ସାର୍ବଭୌମ ମାନସ ନିର୍ମିତ ଜଟିଳ ପରିସ୍ଥିତି, ନିଶ୍ଚେତନା ଉପରେ ଆପଣାର ପ୍ରଥମ ହସ୍ତକ୍ଷେପ ସ୍ୱରୂପ ଏକ କ୍ଷୀଣାଲୋକିତ ପର୍ବତ-ପୃଷ୍ଠରୁ ତାହା ରାତ୍ରି ଭିତରକୁ ଦୃଷ୍ଟିପାତ କରୁଥିଲା : ତାହାର ଅପରିଚିତ ଆଂଶିକ ଅନ୍ଧାର ବ୍ୟାହତ କରେ ରଜନୀର ଜ୍ୟୋତିର୍ମୟ ନୟନଯୁଗଳ; ତାହାର ତତ୍ପର ହସ୍ତକୁ ଅବଶ୍ୟ ଶିକ୍ଷା କରିବାକୁ ହେବ ଏକ ସତର୍କ ଉତ୍ସାହ; କେବଳ ଏକ ମନ୍ଥର ଅଗ୍ରଗତିକୁ ପୃଥିବୀ ସହ୍ୟ କରିପାରେ ।

Yet was her strength unlike the unseeing earth's
Compelled to handle makeshift instruments
Invented by the life-force and the flesh.

ତଥାପି ତାହାର ସାମର୍ଥ୍ୟ ଦୃଷ୍ଟିରହିତ ପୃଥିବୀର ସାମର୍ଥ୍ୟ ପରି ପ୍ରାଣଶକ୍ତି ଓ ସ୍ଥୂଳ ତନୁ ଉଦ୍ଭାବିତ କାମଚଳା ଯନ୍ତ୍ରପାତିର ବ୍ୟବହାର ନିମନ୍ତେ ବାଧ୍ୟ ନଥିଲା ।

Earth all perceives through doubtful images,
All she conceives in hazardous jets of sight,
Small lights kindled by touches of groping thought.

ପୃଥିବୀ ସବୁକିଛିକୁ ଅନୁଭବ କରେ ସଂଶୟସଂକୁଳ ପ୍ରତିଛବି-ଗୁଡ଼ିକ ମାଧ୍ୟମରେ, ସବୁକିଛିର ଧାରଣା ସେ କରେ ସଂକଟପୂର୍ଣ୍ଣ ସବେଗ ଦୃଷ୍ଟି ସମ୍ପାତରେ, ସନ୍ଧାନରତ ଭାବନାର ସ୍ପର୍ଶ ଦ୍ୱାରା ସଂଦୀପିତ ଛୋଟ ଛୋଟ ଆଲୋକମାଳାରେ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଆଗାମୀ ଅଭିମୁଖେ

## ଶ୍ରୀମା

### ଅତୀତ : ଆରୋହଣର ଏକ ସୋପାନ

ଆଉ ଏକ ଉଚ୍ଚତର ଓ ଅଧିକତର ଭଲ ଅବସ୍ଥାକୁ ଯିବା ଲାଗି ସମର୍ଥ ହେବାକୁ ହେଲେ ଯାହାକିଛି ଅଭିଜ୍ଞତା ତୁମେ ପାଇ ସାରିଲଣି, ସେଗୁଡ଼ିକୁ ଅଧିକରୁ ଅଧିକ ପଛରେ ଛାଡ଼ିଦେବା ନିମନ୍ତେ ପ୍ରସ୍ତୁତ ହେବାକୁ ହେବ । ତା'ହେଲେ ତୁମେ ଦ୍ରୁତଗତିରେ ଆଗକୁ ଯାଇ ପାରିବ; ଅନ୍ୟ ପକ୍ଷରେ ଅତୀତର ସମସ୍ତ ବୋଝକୁ ଯଦି ତୁମେ ଫିଙ୍ଗି ନଦେଇ ସେଗୁଡ଼ିକୁ ତୁମ ସାଥିରେ ଟାଣିଟାଣି ନେଇ ଚାଲିବ, ତେବେ ତୁମର ଅଗ୍ରଗତି ନିଶ୍ଚୟ ଖୁବ୍ ମନ୍ଥର ହୋଇଯିବ ।

ସମସ୍ତ ଅତୀତ ତୁମ ପାଇଁ ଖୁବ୍ ସରଳଭାବେ ଏକ ପ୍ରଗତିର ସୋପାନ ବା ଶିଡ଼ି ଭଳି ହେବା ଉଚିତ, ଯାହାକି ତୁମକୁ ଆଗକୁ ବା ଊର୍ଦ୍ଧ୍ୱକୁ ନେଇଚାଲିବ । ତୁମକୁ ଆଗକୁ ଠେଲିଦେବା ବ୍ୟତୀତ ଏହି ସୋପାନଗୁଡ଼ିକର ଆଉ କୌଣସି ବ୍ୟବହାର ନାହିଁ । ଏବଂ ତୁମେ ଯଦି ଏହା ଅନୁଭବ କରୁଥାଅ ଓ ସର୍ବଦା ଅତୀତକୁ ପଛରେ ପକାଇ ଆଗକୁ କ'ଣ କରିବାକୁ ହେବ ସେଦିଗରେ ଦୃଷ୍ଟି ରଖୁଥାଅ, ତେବେ ତୁମର ଗତି ଖୁବ୍ ଦ୍ରୁତ ହେବ, ତୁମେ ରାସ୍ତାରେ ଆଉ ବେଶୀ କାଳକ୍ଷେପଣ କରିବ ନାହିଁ । ତୁମର ଗତି ମନ୍ଥର ହେବାର କାରଣ ପଛରେ ସେଇ ଗୋଟିଏ କଥା ରହିଛି – ତୁମର ଯାହା ସରିଯାଇଛି ତାକୁ ଧରିରଖିବା, ଅତୀତର ଯାହା କିଛି ତୁମକୁ ଭଲ ବା ସୁନ୍ଦର ମନେ ହୋଇଛି ତାକୁ ଧରି ରଖିବା । ଏହା ଅବଶ୍ୟ ତୁମକୁ ସହାୟତା କରିବ, ତୁମକୁ ଏହା ଛାଡ଼ି ଦେବାକୁ କୁହାଯାଉ ନାହିଁ; କିନ୍ତୁ ଏହା ତୁମକୁ ଅଗ୍ରଗତି କରିବାରେ ସହାୟକ ହେବା ଉଚିତ, ଏହା ଏପରି ହେବା ଉଚିତ, ଯେପରିକି ତୁମେ ତାହା ଉପରେ ନିର୍ଭର କରି ଆଗକୁ ପାଦ ବଢ଼ାଇ ପାରିବ ।

### ଆଗକୁ ଚାଲ

ମଣିଷ ସବୁବେଳେ ତା' କାନ୍ଧରେ ଅସରନ୍ତି ବୋଝ ବୋହି ଆସୁଛି । ସେ ଅତୀତର କୌଣସି ଜିନିଷକୁ ଫୋପାଡ଼ି ଦେବାକୁ ଚାହେଁ ନାହିଁ ଏବଂ ସେ ତା'ର ଏହିସବୁ ଅନାବଶ୍ୟକ ସଞ୍ଚୟନଗୁଡ଼ିକର ଭାରରେ ଦିନକୁ ଦିନ ଅଧିକ ନଇଁ ପଡୁଥାଏ ।

ରାସ୍ତାର କିଛି ଦୂର ପର୍ଯ୍ୟନ୍ତ ତୁମେ ଜଣେ ପଥପ୍ରଦର୍ଶକ ଲୋଡ଼ିଥାଅ କିନ୍ତୁ ଯେତେବେଳେ ତୁମେ ସେତେକ ବାଟ ଅତିକ୍ରମ କରିଯାଅ, ସେତେବେଳେ ସେ ବାଟକୁ ଓ ପଥପ୍ରଦର୍ଶକଙ୍କୁ ସେଠାରେ ଛାଡ଼ି ଆଗକୁ ଗତିକର ! କିନ୍ତୁ ଏତେକ କରିବା ବହୁ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼େ । ଯେତେବେଳେ ସେମାନେ କିଛିର ବା କାହାର ସାହାଯ୍ୟ ନିଅନ୍ତି, ତାକୁ ସେମାନେ ଜାବୁଡ଼ି ଧରନ୍ତି, ଆଉ ଆଗକୁ ବଢ଼ିବାକୁ ଚାହାନ୍ତି ନାହିଁ । ଯେଉଁମାନେ ଖ୍ରୀଷ୍ଟଧର୍ମର ସହାୟତା ନେଇ କିଛି ଅଗ୍ରଗତି କରିଥା'ନ୍ତି ସେମାନେ ଆଉ ତାକୁ ଛାଡ଼ନ୍ତି ନାହିଁ ଏବଂ ସେମାନେ ତାକୁ ସେମାନଙ୍କ କାନ୍ଧରେ ବହନ କରିଥା'ନ୍ତି; ଯେଉଁମାନେ ବୌଦ୍ଧଧର୍ମର ସାହାଯ୍ୟ ନେଇ କିଛି ଅଗ୍ରଗତି କରିଛନ୍ତି, ସେମାନେ ମଧ୍ୟ ଏହାକୁ ଛାଡ଼ନ୍ତି ନାହିଁ ଏବଂ ତା'କୁ କାନ୍ଧରେ ଧରି ରଖିଥା'ନ୍ତି । ଏଣୁ ଏହି ମନୋଭାବ ଅଗ୍ରଗତିରେ ବାଧା ଦେଇଥାଏ ଏବଂ ତୁମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଯଥାରେ ବିଳମ୍ବିତ ହୋଇଥାଅ ।

ଯେତେବେଳେ ତୁମେ ଗୋଟିଏ ଅବସ୍ଥା ବା ସୋପାନ ଅତିକ୍ରମ କରି ସାରିଲ, ତାକୁ ଛାଡ଼ିଦିଅ, ତାହା ଚାଲିଯାଉ ! ତୁମେ ଆଗକୁ ଗତିକର ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ତ୍ରୟୋଦଶ ଅଧ୍ୟାୟ)

## କ୍ଷେତ୍ର ଓ କ୍ଷେତ୍ରଜ୍ଞ

ଶେଖ ଅବଦୁଲ କାଶମ

ମାନବସମାଜର ପ୍ରତିନିଧିଭାବରେ ଅର୍ଜୁନ ଜାଣିବାକୁ ଚାହିଁଛନ୍ତି ପୁରୁଷ ଓ ପ୍ରକୃତି ବିଷୟରେ, ସତ୍ତାର କ୍ଷେତ୍ର ଏବଂ ସେହି କ୍ଷେତ୍ରରେ ଯିଏ ଜ୍ଞାତା ଓ ଭୋକ୍ତା ଅର୍ଥାତ୍ କ୍ଷେତ୍ରଜ୍ଞ ବିଷୟରେ। ଜ୍ଞାନ ଓ ଜ୍ଞେୟ ବିଷୟରେ ବି ତାଙ୍କର ଜିଜ୍ଞାସା ରହିଛି। ଏସବୁ ନ ଜାଣିଲେ ଆତ୍ମା ଓ ଜଗତ୍ ସମ୍ପର୍କରେ ତାଙ୍କର ଜ୍ଞାନ ସମ୍ପୂର୍ଣ୍ଣ ହେବ ନାହିଁ। ତାଙ୍କ ସମ୍ମୁଖରେ ଯେଉଁ ମହାନ୍ ଲକ୍ଷ୍ୟ ରଖାଯାଇଛି ତାହା ହେଲା ନିମ୍ନତର ପ୍ରକୃତିରୁ ଊର୍ଦ୍ଧ୍ୱତର ପ୍ରକୃତିରେ ଆରୋହଣ, ମରଣଶୀଳ ସତ୍ତାରୁ ଅମର ସତ୍ତା ମଧ୍ୟକୁ ଉତ୍ତରଣ ଏବଂ ଜଗତର ଶାଶ୍ୱତ ସତ୍ତା ସହିତ ଏକତ୍ୱ ସାଧନ। ଏଥିପାଇଁ ତାଙ୍କୁ ଜ୍ଞାନ, ଜୀବନ ଓ କର୍ମର ଯଥାର୍ଥ ବିନିଯୋଗ କରିବାକୁ ହେବ ତଥା ଭଗବାନଙ୍କ ସହ ତାଙ୍କ ସମ୍ବନ୍ଧର ଯଥାର୍ଥ ଉପଯୋଗ କରିବାକୁ ହେବ।

ଶ୍ରୀଅରବିନ୍ଦ କହନ୍ତି ଯେ ସମସ୍ତ ଜୀବନ ଓ ସମସ୍ତ କର୍ମ ହେଉଛି ଆତ୍ମା (ପୁରୁଷ) ଓ ପ୍ରକୃତି ମଧ୍ୟରେ ଏକ ଆଦାନ-ପ୍ରଦାନ। ଏହି ଆଦାନପ୍ରଦାନର ମୂଳସ୍ୱରୂପ ଏବଂ ତା'ର ଚରମ ଆଧ୍ୟାତ୍ମିକ ପରିଣତି ବିଷୟରେ ଆମକୁ ଜାଣିବାକୁ ହେବ।

ଜୀବାତ୍ମା ଶରୀର ଧାରଣ କରି ପ୍ରକୃତି ଭିତରେ ନିଜକୁ ପ୍ରକାଶିତ କରିଥାଏ। ଏହା ଫଳରେ ତିନି ପ୍ରକାର ଅଭିଜ୍ଞତା ଲାଭ କରିବାର ସମ୍ଭାବନା ରହିଥାଏ। ପ୍ରଥମତଃ ସେ ଅନୁଭବ କରିପାରେ ଯେ ସେ ଏକ ଅଧ୍ୟାତ୍ମସତ୍ତା ହୋଇ ମଧ୍ୟ ପ୍ରକୃତିର ଅଜ୍ଞାନମୟ କ୍ରିୟା ଭିତରେ ଜଡ଼ିତ ହୋଇ ରହିଛି। ଅହଂକୁ ନେଇ ଏକ ପୃଥକ୍ ବ୍ୟକ୍ତିସତ୍ତା ରୂପେ ସେ ଅବସ୍ଥାନ କରୁଛି। ଦ୍ୱିତୀୟ ପର୍ଯ୍ୟାୟରେ ସେ ଯେତେବେଳେ ପ୍ରକୃତିଚାଳିତ କର୍ମ ଓ ଗତିବୃତ୍ତିରୁ ପଛକୁ ହଟି ଛିଡ଼ା ହୁଏ, ସେ ଦେଖେ ଯେ ସେ ହେଉଛି ଏକ ଶାଶ୍ୱତ ନୈର୍ବ୍ୟକ୍ତିକ ଆତ୍ମା ଓ ଅକ୍ଷର ଅଧ୍ୟାତ୍ମ ସତ୍ତା। ଏହି ପର୍ଯ୍ୟାୟରେ ସେ ସମତାପୂର୍ଣ୍ଣ ସାକ୍ଷୀଭାବ ନେଇ ପ୍ରକୃତିଗତ କର୍ମଧାରାକୁ ଅବଲୋକନ କରେ, ଉଦାସୀନ ସ୍ଥିତିରେ ରହି ସେସବୁକୁ ସମର୍ଥନ ପ୍ରଦାନ କରେ। ତା' ପାଇଁ ଏକ ତୃତୀୟ ପ୍ରକାରର ଅନୁଭୂତି ଆସିପାରେ ଯେତେବେଳେ କି ସେ ଏହି ଦୁଇ ପରସ୍ପର ବିରୋଧୀ ଅନୁଭବରୁ ଊର୍ଦ୍ଧ୍ୱକୁ ଉଠିଯାଏ। ଏହି ସ୍ଥିତିରେ ସେ ଏକ ମହତ୍ତର ଶାଶ୍ୱତ ସତ୍ୟ ବା ସତ୍ତାର ସନ୍ଧାନ ପାଏ। ସେ ଦେଖେ ଯେ ସେହି ପରମସତ୍ତା ହେଉଛନ୍ତି ସମସ୍ତ ଆତ୍ମାର ଆତ୍ମା, ସକଳ କର୍ମ ଓ ସମଗ୍ର ପ୍ରକୃତିର ଅଧୀଶ୍ୱର। ସେ ପୁଣି ସମସ୍ତ ବସ୍ତୁ ଓ ଶକ୍ତିର ଆଧ୍ୟାତ୍ମିକ ଉତ୍ସ ତଥା ସବୁକିଛି ମଧ୍ୟରେ ଅନ୍ତର୍ନିବାସୀ ରୂପେ ବିରାଜମାନ। ସେହିଁ ସମସ୍ତ ତେଜ, ସମସ୍ତ ଶକ୍ତି, ସମସ୍ତ ବସ୍ତୁ ଓ ସମସ୍ତ ସତ୍ତା ହୋଇଛନ୍ତି।

ଏହି ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ଦୁଇ ପ୍ରକାର ପ୍ରକୃତି ରହିଛି। ଗୋଟିଏ ହେଉଛି ନିମ୍ନତର ପ୍ରକୃତି ଯାହା ତ୍ରିଗୁଣର ମାୟା ଦ୍ୱାରା ଜୀବକୁ ପୀଡ଼ିତ ଓ ସୀମିତ କରିଦିଏ, ତାକୁ କାମନା ଓ ମୃତ୍ୟୁର ଦାସରେ ପରିଣତ କରେ। ଅନ୍ୟଟି ହେଉଛି ଉଚ୍ଚତର ପ୍ରକୃତି ବା ପରାପ୍ରକୃତି ଯେଉଁଠି ଅବସ୍ଥାନ କଲେ ଜୀବ ନିଜକୁ ଭଗବାନଙ୍କର ଏକ ସଚେତନ ଓ ସନାତନ ଅଂଶ ରୂପେ ଜାଣିପାରେ, ଦିବ୍ୟତା ପ୍ରାପ୍ତିର ଜ୍ଞାନ, ପ୍ରେମ ଓ କର୍ମ ଭିତର ଦେଇ ସେ ଶାଶ୍ୱତଙ୍କ ଭିତରକୁ ଉଠିଯାଇପାରେ। ଏହାହିଁ ପୂର୍ଣ୍ଣ ଅଧ୍ୟାତ୍ମ ମୁକ୍ତିର ପନ୍ଥା।

ଗୀତାର ତ୍ରୟୋଦଶ ଅଧ୍ୟାୟରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ ବିଷୟରେ ଆଲୋଚନା କରାଯାଇଛି। ସେଥିରେ ପ୍ରଥମେ କୁହାଯାଇଛି ଯେ ଶରୀର ହେଉଛି ଆତ୍ମାର କ୍ଷେତ୍ର (ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ) ଏବଂ ଶରୀରରୂପୀ କ୍ଷେତ୍ରକୁ ଯିଏ ଜାଣନ୍ତି ସେ ହେଉଛନ୍ତି କ୍ଷେତ୍ରଜ୍ଞ। ପରେ ଏହା ସ୍ପଷ୍ଟ ହୋଇଛି ଯେ କ୍ଷେତ୍ର କହିଲେ କେବଳ ସ୍ଥୂଳ ଶରୀରଟିକୁ ବୁଝାଉ ନାହିଁ। ବରଂ ଶରୀରକୁ ଆଶ୍ରୟ କରି ଅନ୍ୟ ଯାହାସବୁ ରହିଛି – ଯଥା : ପ୍ରକୃତିର କ୍ରିୟା, ମନ, ସତ୍ତାର ବାହ୍ୟ କର୍ମ

ଓ ଅନ୍ତଃକରଣର କ୍ରିୟାବଳୀ ଆଦି ମଧ୍ୟ କ୍ଷେତ୍ରର ଅନ୍ତର୍ଗତ । ଉପନିଷଦ୍ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିସତ୍ତାର ପାଞ୍ଚ ପ୍ରକାର କୋଷ ରହିଛି ଯଥା : ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ଏ ସମସ୍ତକୁ ସଂପୂର୍ଣ୍ଣ କ୍ଷେତ୍ର ରୂପେ ଗ୍ରହଣ କରାଯାଇପାରେ । ତେବେ ଏହି ବ୍ୟାପକତର ଶରୀର ମଧ୍ୟ କେବଳ ବ୍ୟକ୍ତିଗତ କ୍ଷେତ୍ର ଅଟେ । କ୍ଷେତ୍ରଜ୍ଞଙ୍କର ଏକ ବିଶ୍ୱଶରୀର ଓ ବିଶ୍ୱକ୍ଷେତ୍ର ମଧ୍ୟ ରହିଛି । ସମଗ୍ର ବିଶ୍ୱରେ କ୍ରିୟାଶୀଳ ପ୍ରକୃତି ସହିତ ତାଙ୍କର ଯୋଗାଯୋଗ ରହିଛି । ବ୍ୟକ୍ତିଗତ କ୍ଷେତ୍ର ଓ ବିଶ୍ୱଗତ କ୍ଷେତ୍ର ପ୍ରକୃତରେ ଏକହିଁ କ୍ଷେତ୍ର । ଜଣେ ବାହ୍ୟଚେତନାରେ ବାସ କରୁଥିବା ପର୍ଯ୍ୟନ୍ତ ଏ ଦୁଇଟି ଭିନ୍ନ ଭଳି ମନେ ହୁଏ । ମାତ୍ର ବ୍ୟକ୍ତି ଯେତେବେଳେ ଆନ୍ତର ଚେତନା ମଧ୍ୟରେ ପ୍ରବେଶ କରେ ଏଇ ପାର୍ଥକ୍ୟ ଆଉ ରହେ ନାହିଁ । ଦୁଇଟି କ୍ଷେତ୍ର ଏକ ଓ ଅଭିନ୍ନ ରୂପେ ଉପଲବ୍ଧ ହୁଏ ।

ପ୍ରତ୍ୟେକ ଦେହଧାରୀ ଜୀବ ଭିତରେ ସେହି ଏକ କ୍ଷେତ୍ରଜ୍ଞହିଁ ରହିଛନ୍ତି । ବ୍ୟକ୍ତିର ଦେହାଶ୍ରିତ ଚେତନା ନିଜକୁ ପ୍ରସାରିତ କରି ନିଜ ଭିତରେ ସମଗ୍ର ବିଶ୍ୱକୁ ଧାରଣ କରିପାରେ (ଆତ୍ମନି ବିଶ୍ୱଦର୍ଶନମ୍) । ବୃହତ୍ ବ୍ରହ୍ମାଣ୍ଡଟି ମଧ୍ୟ ଏକ କ୍ଷେତ୍ର ଯାହାର ଜ୍ଞାତା ରୂପେ ଅଧ୍ୟାତ୍ମ କ୍ଷେତ୍ରଜ୍ଞ ରହିଛନ୍ତି ।

ନିମ୍ନ ପ୍ରକୃତିର ସମଗ୍ର କ୍ରିୟାକୁ ଆମେ କ୍ଷେତ୍ର ବୋଲି ବୁଝିବା । ଆଉ କ୍ଷେତ୍ରଜ୍ଞ ହେଉଛନ୍ତି ପ୍ରକୃତିର ଜ୍ଞାତା । ଆତ୍ମାର କର୍ମକ୍ଷେତ୍ର ହେଉଛି ଏହି ପ୍ରକୃତି । ବେଦ, ଉପନିଷଦ୍, ବ୍ରହ୍ମସୂତ୍ର ଆଦି ଶାସ୍ତ୍ରରେ ପ୍ରକୃତି ଭିତରର ସମସ୍ତ ଜଗତକୁ ଆଧ୍ୟାତ୍ମିକ ଦୃଷ୍ଟିରେ ବିଚାର କରାଯାଇଛି । ଋଷିମାନେ ତାଙ୍କ ରଚନାରେ ପ୍ରକୃତି ବିଷୟରେ ବିସ୍ତୃତ ଜ୍ଞାନ ପ୍ରଦାନ କରିଛନ୍ତି । ନିମ୍ନତର ପ୍ରକୃତି ସମ୍ବନ୍ଧରେ ସାଂଖ୍ୟ ମନୀଷୀମାନେ ଦେଇଥିବା ପରିଭାଷାକୁ ଗୀତା ଗ୍ରହଣ କରିଛି । ଏହି ପରିଭାଷା ଅନୁସାରେ ଚବିଶଟି ତତ୍ତ୍ୱକୁ ନେଇ ନିମ୍ନ ପ୍ରକୃତି ଗଠିତ । ସେଗୁଡ଼ିକ ହେଉଛି – ନିର୍ବିଶେଷ ଅବ୍ୟକ୍ତ ଶକ୍ତି (ମୂଳ ପ୍ରକୃତି), ବୁଦ୍ଧି (ମହତ୍ ତତ୍ତ୍ୱ), ଅହଙ୍କାର, ପଞ୍ଚ ମହାଭୂତ, ଦଶ ଇନ୍ଦ୍ରିୟ (ପାଞ୍ଚୋଟି ଜ୍ଞାନେନ୍ଦ୍ରିୟ ଓ ପାଞ୍ଚୋଟି କର୍ମେନ୍ଦ୍ରିୟ), ମନ ଓ ପଞ୍ଚ ଇନ୍ଦ୍ରିୟଗୋଚର ବିଷୟ (ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ) । ବୁଦ୍ଧି ଓ ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରି ଅହଂ ବିଶ୍ୱର ସମସ୍ତ ପଦାର୍ଥ ଉପରେ କ୍ରିୟା କରେ । ତା'ପରେ ଏକ ସାଧାରଣ ଚେତନା ରହିଛି ଯାହାର ଶକ୍ତି ପ୍ରଥମେ କର୍ମରେ ଅନୁପ୍ରାଣିତ କରେ ଓ ପରେ ଆଲୋକିତ କରେ । ଏହି ଶକ୍ତି ପଦାର୍ଥଗୁଡ଼ିକର ସମ୍ବନ୍ଧସବୁକୁ ଏକତ୍ର ଧରି ରଖେ । ଚେତନାହିଁ ବିଷୟସବୁ ସହିତ ସମ୍ବନ୍ଧକୁ ଅବିଚ୍ଛିନ୍ନ କରି ରଖେ । ଆମର ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତିର ସମସ୍ତ ଶକ୍ତି ଓ କ୍ରିୟା ହେଉଛି କ୍ଷେତ୍ରର ଉପାଦାନ । ସୁଖ, ଦୁଃଖ, ଅନୁରାଗ ଓ ବିଦ୍ୱେଷ ହେଉଛି କ୍ଷେତ୍ରର ପ୍ରଧାନ ବିକାର । ସୁଖ ଓ ଦୁଃଖ ହେଉଛି ପ୍ରାଣିକ ଓ ଇନ୍ଦ୍ରିୟଗତ ବିକାର । ଆତ୍ମାର ଆନନ୍ଦହିଁ ନିମ୍ନପ୍ରକୃତିର କ୍ରିୟା ଦ୍ୱାରା ବିକୃତ ହୋଇ ସୁଖ ଓ ଦୁଃଖରେ ପରିଣତ ହୁଏ । ଅନ୍ୟ ପକ୍ଷରେ ଅନୁରାଗ ଓ ବିଦ୍ୱେଷ ହେଉଛି ମାନସିକ ବିକାର । ଆତ୍ମାର ଇଚ୍ଛାଶକ୍ତି ନିମ୍ନପ୍ରକୃତି ଦ୍ୱାରା ବିକୃତ ହୋଇ ଅନୁରାଗ ଓ ବିଦ୍ୱେଷରେ ପରିଣତ ହୁଏ । ନିମ୍ନ ପ୍ରକୃତିଗତ ଅହଂ ଏହିସବୁ ବିକାରଜାତ ପରିଣାମସବୁକୁ ଭୋଗକରେ ।

ଆମର ବାସ୍ତବ ଜୀବନ ପ୍ରାକୃତ ଜଗତ୍ ଭିତରେ ସୀମିତ ନୁହେଁ । ଆମକୁ ଆହୁରି ଅଧିକ କିଛି ଜାଣିବାକୁ ହେବ (ଜ୍ଞେୟମ୍) । ବାହ୍ୟରୂପର ପଶ୍ଚାତରେ ଯାହାକିଛି ଅଛି ତାହାକୁ ଜାଣିବା ଲାଗି ଆମକୁ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ତାହାହେଲେ ଯାଇ ଆମେ ପ୍ରକୃତ ଜ୍ଞାନରେ ପହଞ୍ଚିପାରିବା । ଉଭୟ କ୍ଷେତ୍ର ଓ କ୍ଷେତ୍ରଜ୍ଞର ଜ୍ଞାନ ହେଉଛି ସମ୍ପୂର୍ଣ୍ଣ ଜ୍ଞାନ । ଆତ୍ମଜ୍ଞାନ ଓ ଜଗତ୍ ଜ୍ଞାନର ସଂଯୋଗରେହିଁ ଯଥାର୍ଥ ଜ୍ଞାନ ବା ପ୍ରଜ୍ଞା ଉପଲବ୍ଧ ହୁଏ । ଆମକୁ ଜାଣିବାକୁ ହେବ ଯେ ଆତ୍ମା ଓ ପ୍ରକୃତି ଉଭୟେ ହେଉଛନ୍ତି ବ୍ରହ୍ମ । ତେଣୁ ଉଭୟ ଆତ୍ମା ଓ ପ୍ରକୃତି ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହେଲେ ଯାଇ ଆମେ ବ୍ରହ୍ମଙ୍କୁ ଉପଲବ୍ଧି କଲୁ ବୋଲି କୁହାଯିବ ।

ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ଜ୍ଞାନ ଲାଭ ପାଇଁ ଅନ୍ତର୍ମୁଖୀ ହେଲେ ବା ପ୍ରୟାସ କଲେ ଯେଉଁ ଲକ୍ଷଣସବୁ ତା' ଭିତରେ ପ୍ରକାଶିତ ହୁଏ ସେ ବିଷୟରେ ଗୀତା ଉଲ୍ଲେଖ କରିଛି । ସେହି ଲକ୍ଷଣଗୁଡ଼ିକ ହେଉଛି – ଗର୍ବ ଓ ଅହମିକାର ଅଭାବ (ଅମାନିତ୍ୱମଦମ୍ଭିତ୍ୱମ୍), ସରଳତା (ଆର୍ଜବମ୍), କ୍ଷମାଶୀଳତା (କ୍ଷାନ୍ତିଃ), ଚିରସହିଷ୍ଣୁ, ଦୟାଳୁ ଓ ଅହିଂସ ସ୍ୱଭାବ, ମନ ଓ ଶରୀରର ଶୁଦ୍ଧତା (ଶୌଚମ୍), ଗୁରୁଭକ୍ତି, ପ୍ରଶାନ୍ତ ସ୍ଥିରତା ଓ ଦୃଢ଼ତା, ଆତ୍ମସଂଯମ ଓ ନିମ୍ନପ୍ରକୃତି ଉପରେ ପ୍ରଭୁତ୍ୱ, ପୂର୍ଣ୍ଣ ଅନାସକ୍ତି, ଇନ୍ଦ୍ରିୟମାନଙ୍କ ଆକର୍ଷଣର ପ୍ରତ୍ୟାଖ୍ୟାନ, ଅହଙ୍କାରଶୂନ୍ୟତା, ଜନ୍ମ, ମୃତ୍ୟୁ, ରୋଗ ଓ ଜରା କବଳିତ ସାଧାରଣ ଜୀବନର ଦୋଷପୂର୍ଣ୍ଣ ସ୍ୱରୂପ ସମ୍ପର୍କରେ ତୀବ୍ର ଉପଲବ୍ଧି, ଆସକ୍ତିଶୂନ୍ୟ ସଂକଳ୍ପ, ଗୃହ ଓ ପରିବାର ପ୍ରତି

ଅନାସକ୍ତି ଓ ମୋହଶୂନ୍ୟତା, ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ପ୍ରତି ସମଚିତ୍ତତା, ଅବିଚଳ ଭକ୍ତି, ଏକାନ୍ତବାସ କରିବାର ସ୍ୱଭାବ (ବିବିକ୍ତଦେଶସେବିତ୍ୱମ୍), ଲୋକମାନଙ୍କର ଅଯଥା ଭିଡ଼ ଓ କୋଳାହଳଠାରୁ ଦୂରେଇ ରହିବା (ଜନସଂସଦିଅରତିଃ), ଅଧ୍ୟାତ୍ମ ଜ୍ଞାନରେ ନିତ୍ୟ-ନିରନ୍ତର ସ୍ଥିତ ହେବା, ଗୁରୁତ୍ୱପୂର୍ଣ୍ଣ ଓ ପ୍ରୟୋଜନୀୟ ବିଷୟଗୁଡ଼ିକ ପ୍ରତି ଉନ୍ମୁଖତା, ଜଗତର ପ୍ରକୃତ ଅର୍ଥ ଓ ବୃହତ୍ତର ମୂଳତତ୍ତ୍ୱଗୁଡ଼ିକ ସମ୍ପର୍କରେ ଏକ ଦାର୍ଶନିକ ଉପଲବ୍ଧି ଏବଂ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ସହ ତାଙ୍କର ନିରନ୍ତର ଆରାଧନା । ପ୍ରଥମେ ଏହିପରି ଏକ ସାତ୍ତ୍ୱିକ ଆତ୍ମ-ନିୟନ୍ତ୍ରଣର ଅଭ୍ୟାସ କଳାପରେ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ଭିତରେ ପ୍ରବେଶ କରିବାକୁ ହୁଏ ।

ଜୀବନର ଲକ୍ଷ୍ୟ ହେଉଛି ପରମ ଶାଶ୍ୱତଙ୍କୁ ଉପଲବ୍ଧି କରିବା । କ୍ଷଣସ୍ଥାୟୀ ଅନିତ୍ୟ ବସ୍ତୁ ଓ ପ୍ରକୃତିର ବାହ୍ୟ ଦୃଶ୍ୟାବଳୀ ଦ୍ୱାରା ମୋହାବିଷ୍ଟ ହୋଇ ରହିବା ମୃତ୍ୟୁ ସହିତ ସମାନ । ଏହାଦ୍ୱାରା ବ୍ୟକ୍ତି ନିଜକୁ ହରାଇ ଦିଏ ଅର୍ଥାତ୍ ନିଜର ଯଥାର୍ଥ ଆତ୍ମସତ୍ତାକୁ ହରାଇଦିଏ । ଶାଶ୍ୱତ ସତ୍ତାକୁ ଉପଭୋଗ କରିବାହିଁ ହେଉଛି ଯଥାର୍ଥ ଅମରତ୍ୱ । ଶାଶ୍ୱତ ସତ୍ତା କହିଲେ ଆମେ ସେହି ବ୍ରହ୍ମଙ୍କୁ ବୁଝିବା ଯିଏ ଏକ ସଙ୍ଗେ ବିଶ୍ୱବ୍ୟାପ୍ତ ଓ ବିଶ୍ୱାତୀତ । ବ୍ରହ୍ମଙ୍କୁ ଉପଲବ୍ଧି କରିବା ଅର୍ଥ କ୍ଷର, ଅକ୍ଷର ଓ ପରାତ୍ପରଙ୍କୁ ଉପଲବ୍ଧି କରିବା । ବ୍ରହ୍ମ ବା ଅନନ୍ତ ଶାଶ୍ୱତ ସତ୍ତା ସମସ୍ତ ଜଗତ୍ ମଧ୍ୟରେ ନିଜକୁ ପ୍ରକ୍ଷିପ୍ତ ଓ ପ୍ରସାରିତ କରି ରହିଛନ୍ତି । ସେ ନିଜେହିଁ ସମସ୍ତ ଜଗତ୍ ଲୀଳାରେ ପରିଣତ ହୋଇଛନ୍ତି । ଏହି ଦୃଷ୍ଟିରେ ଯଦି ଜଗତକୁ ଦର୍ଶନ କରାଯାଏ ତାହାହେଲେ ସେହି ଦର୍ଶନ ହେଉଛି ଯଥାର୍ଥ ଦର୍ଶନ । ତାହା ମନ ଓ ଇନ୍ଦ୍ରିୟର ଭ୍ରମାତ୍ମକ ଦୃଷ୍ଟିଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଗୀତା ପରମ ପୁରୁଷଙ୍କୁ ବର୍ଣ୍ଣନା କରି କହୁଛି –

''ସର୍ବତଃ ପାଣିପାଦଂ ତତ୍ ସର୍ବ ତୋଽକ୍ଷିଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥''

(୧୩/୧୩)

ଅର୍ଥାତ୍, ''ପରମ ପୁରୁଷଙ୍କର ସବୁ ସ୍ଥାନରେ ହସ୍ତ ଓ ପଦ ରହିଛି, ସବୁ ସ୍ଥାନରେ ନେତ୍ର, ଶିର ଓ ମୁଖ ରହିଛି । ସବୁ ସ୍ଥାନରେ ତାଙ୍କର କର୍ଣ୍ଣ ରହିଛି । ସେ ବିଶ୍ୱରେ ସମସ୍ତଙ୍କୁ ବ୍ୟାପ୍ତ କରି ସ୍ଥିତ ହୋଇଛନ୍ତି ।''

ଯଥାର୍ଥ ଦୃଷ୍ଟିଲାଭ କଲେ ଆମେ ଯେଉଁ ଆଡ଼େ ମୁହଁ ଫେରାଇବା ତାଙ୍କୁ ଦର୍ଶନ କରିପାରିବା । ଆମେ ଅନୁଭବ କରିପାରିବା ଯେ ବିଶ୍ୱମୟ ବିରାଟ ପୁରୁଷ ଜଗତର ସମସ୍ତଙ୍କୁ ତାଙ୍କର ଆଲିଙ୍ଗନ ମଧ୍ୟରେ ଆବଦ୍ଧ କରି ରହିଛନ୍ତି ।

ପରମପୁରୁଷ ଇନ୍ଦ୍ରିୟରହିତ ଓ ଇନ୍ଦ୍ରିୟାତୀତ ଅଟନ୍ତି । କିନ୍ତୁ ସେ ଇନ୍ଦ୍ରିୟ ଓ ଗୁଣଗୁଡ଼ିକୁ ଉପାୟ ରୂପେ ବ୍ୟବହାର କରି ନିଜର ଶକ୍ତିକୁ ଯାବତୀୟ କର୍ମଧାରାର ସମ୍ମୁଖକୁ ଆଣନ୍ତି । ସେ ସମସ୍ତ ବସ୍ତୁକୁ ଦେଖନ୍ତି, କିନ୍ତୁ ସ୍ଥୂଳଚକ୍ଷୁ ଦ୍ୱାରା ନୁହେଁ । ସେ ସବୁକିଛି ଶୁଣନ୍ତି, କିନ୍ତୁ ସ୍ଥୂଳକର୍ଣ୍ଣ ଦ୍ୱାରା ନୁହେଁ । ସେ ସବୁକିଛି ଜାଣନ୍ତି, ମାତ୍ର ସୀମିତ ମନ ଦ୍ୱାରା ନୁହେଁ । ପରମପୁରୁଷ ସମସ୍ତ ଗୁଣକୁ ଧାରଣ କରନ୍ତି କିନ୍ତୁ କୌଣସି ଗୁଣ ଦ୍ୱାରା ସୀମାବଦ୍ଧ ହୋଇ ନଥା'ନ୍ତି । ତାଙ୍କୁ କିଛି ବି ଆସକ୍ତ କିଂବା ଆବଦ୍ଧ କରିପାରେ ନାହିଁ । ଅନ୍ତର ଓ ବାହାର, ଦୂର ଓ ନିକଟ, ସ୍ଥାବର ଓ ଜଙ୍ଗମ– ଯୁଗପତ୍ ଭାବେ ଏସବୁହିଁ ହେଉଛନ୍ତି ସେ । ସୂକ୍ଷ୍ମାତିସୂକ୍ଷ୍ମ ହୋଇଥିବାରୁ ସେ ଆମର ଜ୍ଞାନର ଗୋଚର ନୁହନ୍ତି । ଗୀତାର ଭାଷାରେ –

''ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥''

(୧୩/୧୫)

ପରମପୁରୁଷ ଅବିଭାଜ୍ୟ ଅଟନ୍ତି । କିନ୍ତୁ ନାନା ବସ୍ତୁ ଓ ନାନା ଜୀବର ରୂପ ଧାରଣ କରିଥିବାରୁ ସେ ବିଭାଜିତ ହୋଇଥିଲା ଭଳି ମନେ ହୁଅନ୍ତି (ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍) । ସେ ସମସ୍ତ ବସ୍ତୁ ଓ ପ୍ରାଣୀଙ୍କର ଉତ୍ପାଦକ (ପ୍ରଭବିଷ୍ଣୁ), ପାଳକ (ଭୂତଭର୍ତ୍ତୃ) ଓ ସଂହାରକ (ଗ୍ରସିଷ୍ଣୁ) ଅଟନ୍ତି । ସମସ୍ତ ଜ୍ୟୋତିର ସେ ଜ୍ୟୋତି (ଜ୍ୟୋତିଷାମପି ତଜ୍ଜ୍ୟୋତିଃ) । ଅଜ୍ଞାନ-ଅନ୍ଧକାରର ଅତୀତ ଜ୍ୟୋତିର୍ମୟ ପୁରୁଷ ରୂପେ (ତମସଃ ପରମ୍) ସେ ରହିଛନ୍ତି । ସେ ଜ୍ଞାନସ୍ୱରୂପ ଓ ଜାଣିବାର ଯୋଗ୍ୟ ଅଟନ୍ତି ଏବଂ ତାଙ୍କୁ ଜ୍ଞାନ ଦ୍ୱାରା ପ୍ରାପ୍ତ କରାଯାଇପାରେ (ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟମ୍) । ରୂପାନ୍ତରକାରୀ ଅତିମାନସ ଜ୍ଞାନ ତାଙ୍କ ମଧ୍ୟରୁ ଉତ୍ସାରିତ ହୁଏ । ସେ ସମସ୍ତଙ୍କ ହୃଦୟରେ ଅଧ୍ୟାତ୍ମଜ୍ୟୋତି ରୂପେ ବିରାଜିତ (ହୃଦି ସର୍ବସ୍ୟ ବିଷ୍ଠିତମ୍) । ସମସ୍ତ ପ୍ରକୃତି ମଧ୍ୟରେ ତଥା ଜଗତ୍ ମଧ୍ୟରେ ସର୍ବତ୍ର ସେହି ଶାଶ୍ୱତ ସତ୍ତାଙ୍କୁ ଆବିଷ୍କାର କରିବାହିଁ ମୁକ୍ତିର ମାର୍ଗ । ଏଥିପାଇଁ ଦିବ୍ୟଜ୍ଞାନ ଓ ଭକ୍ତି ସହିତ ଭଗବାନଙ୍କୁ ଏକାନ୍ତଭାବେ ଲୋଡ଼ିବାକୁ ହେବ ।

ପୁରୁଷ ଓ ପ୍ରକୃତିର ଅବିଚ୍ଛିନ୍ନ ସମ୍ବନ୍ଧ ଫଳରେ ବିଶ୍ୱଜଗତରେ ଯାବତୀୟ ଘଟଣା ରୂପାୟିତ ହୁଏ । ଗୀତାନୁସାରେ

ପୁରୁଷ ହେଉଛି ଅନାଦି ଓ ଶାଶ୍ୱତ ଏବଂ ପ୍ରକୃତି ମଧ୍ୟ ଅନାଦି ଓ ଶାଶ୍ୱତ । ଜଗତରେ ଯାହାକିଛି ଅନିତ୍ୟ ଓ ନଶ୍ୱର ସେସବୁ ପ୍ରକୃତିରୁହିଁ ଉଦ୍‌ଭୂତ ହୋଇଛନ୍ତି । ସମସ୍ତ ବିକାର ଓ ଗୁଣଗୁଡ଼ିକ ପ୍ରକୃତିରୁହିଁ ଉତ୍ପନ୍ନ ହୁଏ । କାର୍ଯ୍ୟ ଓ କରଣ, କର୍ମ ଓ କର୍ମଫଳ, ଶକ୍ତି ଓ ଶକ୍ତିର କ୍ରିୟା ଏସବୁର ହେତୁ ହେଉଛି ପ୍ରକୃତି । ପ୍ରକୃତି ସୃଷ୍ଟି କରେ ଓ କର୍ମ କରେ ଏବଂ ପୁରୁଷ ତା'ର ସେହି ସୃଷ୍ଟି ଓ କର୍ମକୁ ଉପଭୋଗ କରେ । ସୁଖ-ଦୁଃଖ ଭୋଗିବାରେ ପୁରୁଷକୁ ହେତୁ ବୋଲି କୁହାଯାଇଛି (ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ) । ଏହାର ପ୍ରକୃତ ଅର୍ଥ ହେଉଛି କର୍ମର ନିମ୍ନତର ରୂପରେ ପ୍ରକୃତି ଏହି ଉପଭୋଗକୁ ସୁଖଦୁଃଖର କ୍ଷୁଦ୍ର ରୂପ ଦେଇଛି । ପ୍ରକୃତିର ଗୁଣଗୁଡ଼ିକ ଦ୍ୱାରା ଆକର୍ଷିତ ହୋଇ ବ୍ୟକ୍ତି ଯେଉଁ କର୍ମ କରେ ତାହା ତା'ର ବନ୍ଧନର କାରଣ ହୁଏ । ଏଥିଯୋଗୁଁ ତାକୁ ବାରଂବାର ଜନ୍ମଗ୍ରହଣ କରି ତଜ୍ଜନିତ ଶୁଭ ଓ ଅଶୁଭକୁ ଭୋଗ କରିବାକୁ ହୋଇଥାଏ । କ୍ଷର ପ୍ରକୃତି ସହିତ ଏକାତ୍ମ ହୋଇ ବ୍ୟକ୍ତି କ୍ଷରଭାବାପନ୍ନ ହୋଇଥାଏ, ନଶ୍ୱରତାର ଦୁର୍ଭାଗ୍ୟ ଆଗରେ ନତଶିର ହୋଇ ଜନ୍ମ ଜନ୍ମ ଧରି କଷ୍ଟ ପାଏ ।

ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ଆତ୍ମାଗୁଡ଼ିକ ହେଉଛି ଏକହିଁ ପରମ ପୁରୁଷଙ୍କର ଅନେକ ବ୍ୟକ୍ତିରୂପ (indivisualisation) । ବ୍ୟକ୍ତିଗତ ସ୍ତରରେ ହେଉ କିଂବା ବିଶ୍ୱଗତ ସ୍ତରରେ ହେଉ ସେହି ଏକ ପୁରୁଷହିଁ ସମଗ୍ର କ୍ରିୟାର ତତ୍ତ୍ୱାବଧାନ କରୁଛି ଏବଂ ସକଳ ବିଷୟକୁ ଉପଭୋଗ କରୁଛି । ମାତ୍ର ବ୍ୟକ୍ତିର ଅହଂସତ୍ତା ସେହି ଉପଭୋଗରେ ଅଂଶୀଦାର ହୋଇପାରେ ନାହିଁ, କାରଣ ପ୍ରକୃତିର କ୍ରିୟା ଭିତରେ ଏହା ନିଜକୁ ହଜାଇ ଦେଇଥାଏ । ପରମପୁରୁଷ ସୁଖଦୁଃଖ, ଭଲମନ୍ଦ ଆଦି ଦ୍ୱନ୍ଦ୍ୱ ଭିତରେ ମଧ୍ୟ ବିଶ୍ୱଗତ ଆନନ୍ଦ ଆସ୍ୱାଦନ କରିଥା'ନ୍ତି । ଏହି ଦ୍ୱନ୍ଦ୍ୱଗୁଡ଼ିକ ମାଧ୍ୟମରେ ଶିକ୍ଷା ଗ୍ରହଣ କରି ବିକଶିତ ହେବା ଲାଗି ସେ ବ୍ୟକ୍ତିସତ୍ତାକୁ ଛାଡ଼ି ଦେଇଥା'ନ୍ତି । ସୁତରାଂ ଜଣେ ଯଦି ପ୍ରକୃତିର ନିମ୍ନତର ଖେଳାରୁ ହଟି ଆସି ପରମ ଦିବ୍ୟପୁରୁଷଙ୍କ ସହିତ ନିଜକୁ ଏକାତ୍ମ କରିଦିଏ ତାହାହେଲେ ସେ ମଧ୍ୟ ବିଶ୍ୱପ୍ରକୃତିରୁ ଆନନ୍ଦ ଗ୍ରହଣ କରିପାରିବ ।

ଆମ ଶରୀର ଭିତରେହିଁ ରହିଛନ୍ତି ପ୍ରକୃତିର ମହାନ୍ ଈଶ୍ୱର । ତାଙ୍କ ବିଷୟରେ ଗୀତା କହିଛି –''ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ'' । ଅର୍ଥାତ୍, ଆମ ଅନ୍ତର ଭିତରେ ଥାଇ ପରମାତ୍ମା ପ୍ରକୃତିର କାର୍ଯ୍ୟକୁ ସାକ୍ଷୀ (ଉପଦ୍ରଷ୍ଟା) ରୂପେ ଦର୍ଶନ କରନ୍ତି । ସେ ଅନୁମନ୍ତା ଭାବରେ ପ୍ରକୃତିର କ୍ରିୟାକୁ ଅନୁମୋଦନ କରନ୍ତି, ସମର୍ଥନ କରନ୍ତି । ପ୍ରକୃତିର ବହୁବିଧ ସୃଷ୍ଟିକୁ ସେ ଭର୍ତ୍ତା ରୂପେ ନିୟମିତ ଓ ନିୟନ୍ତ୍ରିତ କରନ୍ତି, ସବୁକିଛିର ଭରଣପୋଷଣ କରନ୍ତି । ଅନ୍ତରନିବାସୀ ସେହି ପରମପୁରୁଷ ହେଉଛନ୍ତି ଭୋକ୍ତା ଯିଏ କି ବିଶ୍ୱମୟ ଆନନ୍ଦ ନେଇ ପ୍ରକୃତିର ନାନା କ୍ରୀଡ଼ାକୁ ଉପଭୋଗ କରନ୍ତି, ତଟସ୍ଥ ହୋଇ ପ୍ରକୃତିସଂଜାତ ସୁଖଦୁଃଖକୁ ଭୋଗ କରନ୍ତି । ସେ ପୁଣି ମହେଶ୍ୱର ରୂପେ ଆମ ଭିତରେ ଅଧିଷ୍ଠିତ ଅଛନ୍ତି, ସେ ପ୍ରକୃତିର ସ୍ୱାମୀ ଓ ପରମ ପ୍ରଭୁ । ଆମ ଶରୀର ଭିତରେ ରହୁଥିଲେ ମଧ୍ୟ ସେ ତାହାର ଅତୀତ ହୋଇ ରହିଛନ୍ତି । ଏହି ସର୍ବମୁକ୍ତ ପୁରୁଷ ଓ ସଗୁଣ ପ୍ରକୃତିକୁ ଯଥାର୍ଥ ରୂପେ ଜାଣିଲେ ବ୍ୟକ୍ତି ଜନ୍ମମୃତ୍ୟୁର ଚକ୍ରରେ ଆଉ ଆବଦ୍ଧ ହୋଇ ରହେ ନାହିଁ । ସୁତରାଂ ଏହାହିଁ ହେଉଛି ଆତ୍ମଜ୍ଞାନ ଯାହା ଉପରେ ଆମକୁ ସର୍ବଦା ଏକାଗ୍ର ହେବାକୁ ପଡ଼ିବ, ସେଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ । ନିଜକୁ ଭଗବାନଙ୍କର ସନାତନ ଅଂଶ ରୂପେ ଜାଣିବା ଦ୍ୱାରାହିଁ ମୁକ୍ତିଲାଭ ସମ୍ଭବ ।

ଉପରୋକ୍ତ ଜ୍ଞାନ ଲାଭ ନିମନ୍ତେ ଅନେକ ମାର୍ଗ ରହିଛି । ନିରନ୍ତର ଆନ୍ତର ଧ୍ୟାନ ଦ୍ୱାରା ଶାଶ୍ୱତ ଆତ୍ମାକୁ ଉପଲବ୍ଧି କରାଯାଇପାରେ । ସାଂଖ୍ୟଯୋଗ ଦ୍ୱାରା ଅର୍ଥାତ୍ ପୁରୁଷକୁ ପ୍ରକୃତିଠାରୁ ପୃଥକ୍ କରି ଅନୁଭବ କରିବା ଦ୍ୱାରା ଏହି ଜ୍ଞାନ ପ୍ରାପ୍ତ ହୋଇପାରେ । କର୍ମଯୋଗ ଅବଲମ୍ବନ କରି ବ୍ୟକ୍ତିଗତ ସଂକଳ୍ପ ଓ ଇଚ୍ଛାକୁ ଭଗବାନଙ୍କ ଉଦ୍ଦେଶ୍ୟରେ ନିବେଦିତ କରିବା ଦ୍ୱାରା ଏବଂ ପ୍ରକୃତିର ସକଳ କର୍ମର ଭାର ଭଗବାନଙ୍କଠାରେ ସମର୍ପଣ କରିବା ଦ୍ୱାରା ମଧ୍ୟ ସେହି ଆତ୍ମଜ୍ଞାନ ଲାଭ କରାଯାଇପାରେ । ଶ୍ରଦ୍ଧା ଓ ଏକାଗ୍ରତା ସହ ଜୀବନ୍ମୁକ୍ତ ମହାପୁରୁଷମାନଙ୍କ ପାଖରୁ ଏହି ଦିବ୍ୟ ସତ୍ୟ ଶ୍ରବଣ କରିବା ଦ୍ୱାରା ଜଣେ ସେହି ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତ ହୋଇପାରେ । ଏହା ସ୍ୱତଃସିଦ୍ଧ ଯେ ଯେଉଁ ଭାବରେ ହେଲେ ମଧ୍ୟ ଯଦି ଜଣେ ଏହି ଜ୍ଞାନ ଲାଭ କରେ ତାହାହେଲେ ସେ ମୃତ୍ୟୁରୁ ଅମରତ୍ୱ ଆଡ଼କୁ ଯାଇପାରେ ।

ଜ୍ଞାନ ଦ୍ୱାରା ଯଥାର୍ଥ ଓ ବାସ୍ତବ ଦୃଷ୍ଟି ଲାଭ ହୋଇଥାଏ । ଗୀତା ଯଥାର୍ଥ ଦର୍ଶନ ସମ୍ପର୍କରେ କହିଛି –

''ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍‌ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥''
(୧୩/୨୭)

ଅର୍ଥାତ୍, ''ଯିଏ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ

ପରମାତ୍ମାଙ୍କୁ ଅବିନାଶୀ, ଏକ ଓ ସମ ରୂପେ ଦର୍ଶନ କରେ ସିଏହିଁ ଯଥାର୍ଥ ରୂପେ ଦେଖେ ।''

ପୁଣି,

''ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।
ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥''

(୧୩/୨୯)

ଅର୍ଥାତ୍, ''ଯିଏ ସମସ୍ତ କ୍ରିୟାକୁ ସର୍ବତୋଭାବେ ପ୍ରକୃତି ଦ୍ୱାରାହିଁ କରାଯାଉଥିବାର ଦେଖେ ଏବଂ ନିଜକୁ ଅକର୍ତ୍ତା ରୂପେ ଦେଖେ ସେହିଁ ଯଥାର୍ଥରେ ଦେଖେ ।''

ଆମର ସର୍ବୋଚ୍ଚ ଆତ୍ମା ଦେହଧାରୀ ହୋଇଥିଲେ ମଧ୍ୟ ତା'ର ପ୍ରକୃତରେ ଜନ୍ମ ବା ମୃତ୍ୟୁ ନାହିଁ । ଏକହିଁ ଈଶ୍ୱର ସମସ୍ତଙ୍କ ଭିତରେ ଆତ୍ମାରୂପେ ଅବସ୍ଥିତ ଅଛନ୍ତି । ସର୍ବତ୍ର ସମଭାବରେ ଅବସ୍ଥିତ ଏହି ଅବିନାଶୀ ଆତ୍ମାକୁ ଆମେ ଯେତେ ଅଧିକ ଦର୍ଶନ କରିବା ଆମ ଭିତରେ ସେତେ ବିଶ୍ୱମୟ ଭାବ ସୃଷ୍ଟି ହେବ ଏବଂ ଆତ୍ମାର ଶାଶ୍ୱତତା ସହିତ ଆମେ ସେତେ ଏକାତ୍ମ ହୋଇ ପାରିବା ।

ଆମର ସମସ୍ତ କର୍ମ ପ୍ରକୃତିରହିଁ କ୍ରିୟା ଏବଂ ଆମର ଯଥାର୍ଥ ଆତ୍ମା କର୍ମର ସାକ୍ଷୀ ଓ ଭୋକ୍ତା । ପ୍ରକୃତି ଭିତରେ ଆତ୍ମା ନାନା ରୂପ ଓ ଗୁଣ ଧାରଣ କରୁଥିଲେ ମଧ୍ୟ ସେଥିରେ ଲିପ୍ତ ହୁଏ ନାହିଁ ବା ତଦ୍ଦ୍ୱାରା ସେ କୌଣସି ପ୍ରକାରେ ପ୍ରଭାବିତ ହୁଏ ନାହିଁ । ପ୍ରକୃତିଗତ କ୍ରିୟା ଓ ଗୁଣସକଳ ପରିବର୍ତ୍ତିତ ହେଉଥା'ନ୍ତି, ମାତ୍ର ଆତ୍ମା ସେସବୁ ଦ୍ୱାରା ପରିବର୍ତ୍ତିତ ହୁଏ ନାହିଁ । କର୍ମ କରୁଥିଲେ ମଧ୍ୟ ଆତ୍ମା ପ୍ରକୃତରେ କୌଣସି କର୍ମ କରେ ନାହିଁ (କର୍ତ୍ତାରମପି ଅକର୍ତ୍ତାରମ୍) । ପ୍ରକୃତିର କର୍ମକୁ ଏହା ଧାରଣ କରିଥାଏ, କିନ୍ତୁ ତାହାର ଫଳସବୁରୁ ଏହା ମୁକ୍ତ ହୋଇ ରହିଥାଏ ।

ଆତ୍ମାର ସ୍ୱାଧୀନତା ଓ ଅଲିପ୍ତତାକୁ ବର୍ଣ୍ଣନା କରିବାକୁ ଯାଇ ଗୀତା କହିଛି –

''ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥''

(୧୩/୩୨)

ଅର୍ଥାତ୍, ''ସର୍ବତ୍ର ପରିବ୍ୟାପ୍ତ ଆକାଶ ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ ଯେପରି କେଉଁଠାରେ ଲିପ୍ତ ହୁଏ ନାହିଁ ସେହିପରି ସର୍ବତ୍ର ପରିପୂର୍ଣ୍ଣ ଆତ୍ମା କୌଣସି ଶରୀରରେ ଲିପ୍ତ ହୁଏ ନାହିଁ ।''

ସର୍ବବ୍ୟାପୀ ଆକାଶ ବହୁରୂପ ଗ୍ରହଣ କରିଥାଏ, ମାତ୍ର ସେହି ରୂପସବୁ ଦ୍ୱାରା ତାହା ପରିବର୍ତ୍ତିତ ବା ପ୍ରଭାବିତ ହୁଏ ନାହିଁ; ତାହାର ମୂଳ ଶୁଦ୍ଧ ଓ ସୂକ୍ଷ୍ମ ସ୍ୱରୂପ ଅପରିବର୍ତ୍ତିତ ହୋଇ ରହେ । ଠିକ୍ ସେହିପରି ଆତ୍ମା ପ୍ରକୃତିର କ୍ରିୟା ଭିତରେ ଯଥାସମ୍ଭବ ସବୁ କରି ସାରିଲା ପରେ ବା ସବୁ ହୋଇ ସାରିଲା ପରେ ମଧ୍ୟ ସେହି ଏକ ଶୁଦ୍ଧ ଅପରିବର୍ତ୍ତନୀୟ ଅନନ୍ତ ସତ୍ତା ରୂପେ ବିଦ୍ୟମାନ ରହିଥାଏ । ଏହାହିଁ ଆତ୍ମାର ପରାସ୍ଥିତି ଓ ପରମ ଗତି (ପରାଗତିଃ) ଯାହା ମଧ୍ୟକୁ ଜ୍ଞାନ ଦ୍ୱାରା ଜଣେ ଉନ୍ନୀତ ହୋଇ ପାରିବ ଏବଂ ତଦ୍ଦ୍ୱାରା ଅମରତ୍ୱକୁ ଉପଲବ୍ଧି କରିପାରିବ ।

କ୍ଷେତ୍ର ଓ କ୍ଷେତ୍ରଜ୍ଞ ତତ୍ତ୍ୱକୁ ବୁଝାଇବା ପାଇଁ ଭଗବାନ୍ ଶ୍ରୀକୃଷ୍ଣ ସୂର୍ଯ୍ୟର ଉପମା ଦେଇ କହିଛନ୍ତି –

''ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ॥''

(୧୩/୩୩)

ଅର୍ଥାତ୍, ''ହେ ଭରତବଂଶଜ ଅର୍ଜୁନ ! ଏକମାତ୍ର ସୂର୍ଯ୍ୟ ଯେପରି ଏହି ସମଗ୍ର ସଂସାରକୁ ପ୍ରକାଶିତ କରେ ସେହିପରି କ୍ଷେତ୍ରଜ୍ଞ (ଆତ୍ମା) ସମସ୍ତ କ୍ଷେତ୍ରକୁ ପ୍ରକାଶିତ କରେ ।''

ବ୍ରହ୍ମ ହେଉଛନ୍ତି ଶାଶ୍ୱତ କ୍ଷେତ୍ରଜ୍ଞ, ପ୍ରକୃତି ହେଉଛି ତାଙ୍କର ଶାଶ୍ୱତ ଶକ୍ତି, ତାଙ୍କର କ୍ଷେତ୍ର । କ୍ଷେତ୍ରଜ୍ଞହିଁ ନିଜକୁ କ୍ଷେତ୍ରରେ ପରିଣତ କରିଛନ୍ତି । ଏହି କ୍ଷେତ୍ର-କ୍ଷେତ୍ରଜ୍ଞ ସମ୍ବନ୍ଧକୁ ନେଇ ଆମ ଜୀବନର ସମଗ୍ର ସତ୍ୟ ଗଠିତ । ଏହି ସତ୍ୟକୁ ବୁଝାଇବା ପାଇଁ ଶ୍ରୀଅରବିନ୍ଦ କହନ୍ତି –

"The spirit within, when we turn to it, illumines the entire field of Nature with its own truth in all the splendour of its rays. In the light of that sun of knowledge the eye of knowledge opens in us and we live in that truth and no longer in this ignorance. Then we perceive that our limitation to our present mental and physical nature was an error of the darkness, then we are liberated from the law of the lower Prakriti, the law of the mind and body, then we attain to the supreme nature of the spirit."

(CWSA, Vol. 19, P. 420)

ଅର୍ଥାତ୍, ‘‘ଆମେ ଯେତେବେଳେ ଆମର ଅନ୍ତରସ୍ଥ ଆତ୍ମା ଆଡ଼କୁ ଫେରୁ, ସେତେବେଳେ ସେ (କ୍ଷେତ୍ରଜ୍ଞ) ତାହାର ଜ୍ୟୋତିର୍ମୟ ସତ୍ୟର ମହାନ୍ ରଶ୍ମିସବୁ ନେଇ ପ୍ରକୃତିର ସମଗ୍ର କ୍ଷେତ୍ରଟିକୁ ଉଦ୍ଭାସିତ କରିଦିଏ । ସେହି ଜ୍ଞାନ-ସୂର୍ଯ୍ୟର ଆଲୋକରେ ଆମର ଜ୍ଞାନ-ଚକ୍ଷୁ ଖୋଲିଯାଏ ଏବଂ ଆମେ ଆଉ ଏହି ଅଜ୍ଞାନରେ ବାସ ନ କରି ସେହି ସତ୍ୟରେ ବାସ କରୁ । ସେତେବେଳେ ଆମେ ଉପଲବ୍ଧି କରୁ ଯେ ଆମର ବର୍ତ୍ତମାନର ମାନସିକ ଓ ଶାରୀରିକ ପ୍ରକୃତି ଭିତରେ ଆମର ଯେଉଁ ସୀମାବଦ୍ଧତା ତାହା ଏକ ଅନ୍ଧକାରମୟ ଭ୍ରାନ୍ତି ମାତ୍ର, ସେତେବେଳେ ଆମେ ନିମ୍ନ ପ୍ରକୃତିର ନିୟମରୁ, ମନ ଓ ଶରୀରର ନିୟମରୁ ମୁକ୍ତ ହେଉ ଏବଂ ଆତ୍ମାର ପରମ ପଦ ଲାଭ କରୁ ।’’

(ଗୀତାନିବନ୍ଧମାଳା, ପୃ. ୫୧୮)

କ୍ଷେତ୍ର-କ୍ଷେତ୍ରଜ୍ଞର ଏହି ମହାନ୍ ତତ୍ତ୍ୱକୁ ନେଇ ସମ୍ପୂର୍ଣ୍ଣ ଜୀବନଟିଏ ବଞ୍ଚିବାରେ ଯେଉଁ ଆନନ୍ଦ ରହିଛି ତାହା ପ୍ରକୃତରେ କଳନା କରି ହେବ ନାହିଁ । ଅନ୍ତଃକରଣରେ ଏହାର ପୂର୍ଣ୍ଣ ଉପଲବ୍ଧି ଏବଂ ବାହ୍ୟ ଜୀବନରେ ତା'ର ସଫଳ ପ୍ରୟୋଗ ଦ୍ୱାରା ମୁକ୍ତି ଓ ଅମରତ୍ୱ ସହଜରେ ପ୍ରାପ୍ତ କରାଯାଇପାରେ ।

(କ୍ରମଶଃ)

❑❑❑

# ତଟିନୀ

## ସନ୍ତୋଷ ରଥ

ନିର୍ଝର ରାଗିଣୀ ସାଜେ ତରଙ୍ଗିଣୀ
ତେଜି କଙ୍କରିଳ ଶଯ୍ୟା ସରଣି
ସ୍ରୋତସ୍ୱିନୀ ଧାର ବହେ ନିରନ୍ତର
ଭେଟିବାକୁ ସିନ୍ଧୁ ଭବ୍ୟ ବରଣି ।୧।

ରହିଯାଏ ଦୂରେ କନ୍ଦର ସେପାରେ
ଜନ୍ମଶାଳା ସ୍ମୃତି ସୁଖ ସପନ
ଉଦ୍ଧତ ପର୍ବତ ନ ରୋଧେ ତା ସ୍ରୋତ
କେବେ ଶାନ୍ତ ଅବା ଭୈରବୀ ତାନ ।୨।

ସ୍ତବ୍ଧ କଳରୋଳ ବିଜନେ ବିହ୍ୱଳ
ନୀଳ ନଭ ସାଥେ ହୁଅଇ ସାଥି
ତରଙ୍ଗ ମୁକୁରେ ପ୍ରତିବିମ୍ବ ଭରେ
ଉପତ୍ୟକା ଘନ ଶ୍ୟାମଳ ବୀଥି ।୩।

ଦିଗନ୍ତ ବିସ୍ତାରି ତଟିନୀର ଶିରି
ଶ୍ୟାମଳ କେଦାର ଭାଙ୍ଗେ ଅଳସ
ଶିଳ୍ପ ଅସୁମାରି ବନ୍ଦର ନଗରୀ
ଜନପଦେ ଭରା ତା' ତଟଦେଶ ।୪।

ନୀଳ ବୀଚିମାଳା କିଙ୍କିଣି ମେଖଳା
ପିପାସା ପରାଣେ ନୀର ପୀୟୂଷ
ଅପରୂପ ତା'ର ଶୋଭାର ଭଣ୍ଡାର
ମନ୍ଦାକିନୀ ମୃଦୁ ମଧୁର ଲାସ୍ୟ ।୫।

ମୁହାଣ ସେପାରି ସାଗର ଲହରି
ଚାହିଁଥାଏ ତା'ର ଫେରନ୍ତା ବାଟ
ସୁନାବ୍ୟା ଲହର ବହଇ ସତ୍ୱର
ଅନ୍ତିମେ ସରିତ ସାଗର ଭେଟ ।୬। ❑

(ଶ୍ରୀଅରବିନ୍ଦଙ୍କ ରଚିତ 'River' କବିତାର ଅବଲମ୍ବନରେ)

ନିଜ ସମୁଦ୍ର କଦାଚ ଖୋଜି ନପାଇବା ନଦୀଟିଏ (ଭଳି),
**କା**ଳର ଧାରରେ ସେ ଜୀବନ ଓ ମୃତ୍ୟୁ ଭିତରେ ଥାଏ ଧାବମାନ;
(ସାବିତ୍ରୀ) — ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୨)

### 'ଗୋଲକୁଣ୍ଡ'ର ଅଗ୍ରଗତି (୨) :

ଇତିପୂର୍ବରୁ ଆମେ ଜଣାଇଛୁ ଯେ ବିଶ୍ୱଯୁଦ୍ଧର ପ୍ରାରମ୍ଭରେ ୧୯୩୯ ମସିହାରେ ରେମଣ୍ଡ ଆଶ୍ରମରୁ ବିଦାୟ ନେବାକୁ ବାଧ ହୋଇଥିଲେ । ପୁନଶ୍ଚ ଏହି ୧୯୩୯ରେ ଚୀନକୁ ଜାପାନ ଆକ୍ରମଣ କରିବା ପରେ ଅକ୍‌ଟୋବର ମାସରେ ନାକାଶିମା ଆଶ୍ରମରୁ ବିଦାୟ ନେବାକୁ ସିଦ୍ଧାନ୍ତ ନେଇଥିଲେ । ତାଙ୍କ ନିଜସ୍ୱ ଉକ୍ତିରେ : 'ମୋ ପକ୍ଷରେ ଏହା ଥିଲା ସବୁଠାରୁ କଷ୍ଟସାଧ ସିଦ୍ଧାନ୍ତ ।' ଏବଂ ଏହି ଯୁଦ୍ଧ ଚାଲିଥିବା ବେଳେ ସ୍ୟାମାରଙ୍କୁ ମଧ ୧୯୪୨ରେ ଆଶ୍ରମରୁ ବିଦାୟ ନେଇ ବ୍ରିଟିଶ ଆର୍ମିରେ ଯୋଗ ଦେବାକୁ ହୋଇଥିଲା । ଯେଉଁ ଅଦୃଶ୍ୟ ହସ୍ତ ଏହି ତିନିଜଣଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ଏକତ୍ର କରି ତଦାନୀନ୍ତନ ପରିସ୍ଥିତିରେ 'ଗୋଲକୁଣ୍ଡ' ସଦୃଶ ଏକ ଅକଳ୍ପନୀୟ ସୌଧ ସୃଜନ କରିବାରେ ସର୍ବାନ୍ତଃକରଣରେ ବ୍ରତୀ କରାଇ ଥିଲା, ସେହି ଅଦୃଶ୍ୟ ହସ୍ତ ଏହି ସୌଧଟିର ଚୂଡ଼ାନ୍ତ ଅଭିବ୍ୟକ୍ତିରେ କୌଣସି ବ୍ୟାଘାତ ସୃଷ୍ଟି ନକରି ପ୍ରତ୍ୟେକଙ୍କୁ ନିଜ ନିଜର କର୍ମକ୍ଷେତ୍ରକୁ ଅପସରାଇ ନେଇଥିଲା । ଯେମିତି ଅପୂର୍ବ ମିଳନ ସେମିତି ଅପୂର୍ବ ବିଚ୍ଛେଦ !

କିନ୍ତୁ ଇତ୍ୟବସରରେ 'ଗୋଲକୁଣ୍ଡ' ନିର୍ମାଣରେ ଉପରୋକ୍ତ ତିନି ଇଞ୍ଜିନିୟରଙ୍କ ସହିତ ଓତପ୍ରୋତ ଭାବରେ, ସର୍ବାନ୍ତଃକରଣରେ ତୀବ୍ର ଉତ୍ସାହ-ଉଦ୍ଦୀପନା ସହ କର୍ମ କରିବାରେ ନିଜକୁ ଉତ୍ସର୍ଗ କରି ଦେଇଥିବା ଆଶ୍ରମ ଅନ୍ତେବାସୀଗଣ ସେହି ନିର୍ମାଣ କାର୍ଯ୍ୟକୁ ପୂର୍ବବତ୍ ନିଷ୍ଠାର ସହିତ ଚାଲୁ ରଖିବାକୁ ପ୍ରସ୍ତୁତ ହୋଇ ଉଠିଲେ । ଏହା ସେମାନଙ୍କର ଅସ୍ଥିମଜ୍ଜାଗତ ହୋଇ ଉଠିଥିଲା । ସର୍ବୋପରି ଏସବୁର ପଶ୍ଚାତରେ ଚିର ବିଦ୍ୟମାନ ଥିଲା ଶ୍ରୀମାଶ୍ରୀଅରବିନ୍ଦଙ୍କର ପ୍ରେରଣା ଓ ଆଶୀର୍ବାଦ ।

ତେଣୁ ସମାନ ଧାରାରେ ବିଭିନ୍ନ ବାଧା ବିପତ୍ତି ଭିତର ଦେଇ କ୍ରମଶଃ 'ଗୋଲକୁଣ୍ଡ' ମନ୍ଦିରର ଦଧିନଉତି ସଗୌରବରେ ସର୍ବସାଧାରଣଙ୍କର ଦୃଷ୍ଟି ପଥାରୂଢ଼ ହୋଇ ଉଠିଲା – କହିବାକୁ ଗଲେ ଏକ ଦଶନ୍ଧି ପରେ, ୧୯୪୮ ମସିହାରେ ।

ଏହାର ବାହ୍ୟ ଅବୟବର ରକ୍ଷଣାବେକ୍ଷଣ ସକାଶେ ଶ୍ରୀମା ଯେମିତି ଏକ ଉପଯୁକ୍ତ ସାଧକ ଗୋଷ୍ଠୀ ପ୍ରସ୍ତୁତ କରି ପାରିଥିଲେ, ସେମିତି ଏହାର ଆଭ୍ୟନ୍ତରୀଣ କର୍ମଧାରାରେ ଟିକିନିଖି ବ୍ୟାପାରର ରକ୍ଷଣାବେକ୍ଷଣ ସକାଶେ ତାଙ୍କ ଦ୍ୱାରା ନିର୍ବାଚିତ ମୋନା ମଧ ତାଙ୍କର ଦିବ୍ୟ ସହାୟତାରେ ଏକ ଉପଯୁକ୍ତ ସାଧିକା ଗୋଷ୍ଠୀର ନିର୍ବାଚନ କରି ପାରିଥିଲେ । ଆଜିକୁ ଷାଠିଏ, ସତୁରି ବର୍ଷ ପରେ ମଧ ଦ୍ୱିତୀୟ ପିଢ଼ିର ରକ୍ଷଣାବେକ୍ଷଣ ଗୋଷ୍ଠୀ ପୂର୍ବାଧିକାରୀଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିବା କର୍ମଭାରକୁ କ୍ରମାଗତ ସମାନ ନିୟମନିଷ୍ଠା ଓ ଯତ୍ନର ସହ ନିର୍ବାହ କରି ଚାଲିଛନ୍ତି । ତେଣୁ ଆଜି ବି 'ଗୋଲକୁଣ୍ଡ' ତା'ର ବାହ୍ୟ ଓ ଆଭ୍ୟନ୍ତରୀଣ ପରିବେଶକୁ ପ୍ରାରମ୍ଭରୁ ସୃଷ୍ଟ ହୋଇଥିବା ପରିବେଶ ଭଳି ଅକ୍ଷୁଣ୍ଣ ରଖିପାରିଛି ।

ବର୍ତ୍ତମାନ ନାକାଶିମାଙ୍କର 'ଆତ୍ମ-ଚରିତ'ରୁ କିଛି : ''ଦୁଇ ବର୍ଷ ପରେ (୧୯୩୮-୩୯ ମସିହା ବେଳକୁ) ମୋ ସକାଶେ ଏକ କଠିନ ସମସ୍ୟା ଉପୁଜିଲା – ଆଶ୍ରମରେ ଚିରଦିନ ସକାଶେ ରହିଯିବି ଅଥବା ବାହାର ଜଗତକୁ ଫେରିଯିବି ।... ପ୍ରତ୍ୟେକଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମୋ ସକାଶେ ଶ୍ରୀମା'ଙ୍କର ନିର୍ଦ୍ଦେଶ ଥିଲା ଅନ୍ତିମ ସମାଧାନ,– ତେଣୁ ଏ ବିଷୟରେ ମଧ ଶ୍ରୀମା'ହିଁ ମୋ ସକାଶେ ଠିକ୍ କରିବେ ।

''ଯେତେବେଳେ ପରିଶେଷରେ ମୁଁ ସିଦ୍ଧାନ୍ତ ନେଲି ଯେ ମୁଁ ଯିବାକୁ ଚାହେଁ, ମୁଁ ତାଙ୍କର ଅନୁମତି ଭିକ୍ଷା କଲି । ସେ ତାଙ୍କର ଉତ୍ତର ଗୋଟିଏ କାଗଜର ଠିକ୍ ମଝାମଝିରେ ଲେଖିଲେ 'yes' ('ହଁ') । ଏହା ଏତେ ଛୋଟ ଅକ୍ଷରରେ ଲେଖାଥିଲା ଯେ ମୋ ପକ୍ଷେ ପଢ଼ିବା କଷ୍ଟକର ଥିଲା ।...''

### ନାକାଶିମାଙ୍କର 'ନୋଟ୍ ବୁକ୍'ରୁ ଉଦ୍ଧୃତି :

୪ ଜୁନ୍ ୧୯୩୯

ମା,

ମୁଁ ଜାଣିବାକୁ ଉତ୍ସୁକ ଯେ ଏହି ମାସରେ କୌଣସି ଦିନ ତୁମ ସହିତ ଏକ ସାକ୍ଷାତ୍‌କାର ହେବା ମୋ ପକ୍ଷରେ ସମ୍ଭବ

ହେବ କି ? ମୋର ଏଠାରୁ ଯିବା ବିଷୟରେ କଥାବାର୍ତ୍ତା ହୋଇଥା'ନ୍ତି ଯାହାକି ସେପ୍‌ଟେମ୍ବର ମାସରେ ଯିବା ପାଇଁ ଠିକ୍ ହୋଇଛି । ଯଦିଓ ମୋର ମାତାପିତା ଏଥିନିମିତ୍ତ ପ୍ରତ୍ୟକ୍ଷ ଭାବରେ କୌଣସି ଦାବି କରୁ ନାହାନ୍ତି, ତଥାପି ମୋତେ ଥରେ ଦେଖିବାକୁ ଖୁବ୍ ବ୍ୟଗ୍ର ଅଛନ୍ତି, ଯେହେତୁ ବହୁତ ବର୍ଷ ଧରି ମୁଁ ଘରକୁ ଯାଇ ସେମାନଙ୍କୁ ଦେଖା କରି ନାହିଁ ।

ଶ୍ରୀମା : ମୁଁ ତୁମକୁ ପବିତ୍ରର ଘରେ ଦେଖା କରିବି – ରବିବାର, ୨୫ ତାରିଖ ଉପରଓଳି, ଛ'ଟା-ପନ୍ଦର ମିନିଟରେ ।

ଆଶୀର୍ବାଦ

(ସ୍ୱାକ୍ଷର)

*

୩ ସେପ୍‌ଟେମ୍ବର ୧୯୩୯

ମା,

... ଗୋଲକୁଣ୍ଡର କକ୍ଷସବୁକୁ କଂକ୍ରିଟ୍ କରିବା ସକାଶେ ସବୁକିଛିର ବନ୍ଦୋବସ୍ତ ପ୍ରାୟୋଗିକ ଭାବରେ ପ୍ରସ୍ତୁତ । ଯଦି ତୁମେ ଅନୁମୋଦନ କର ତେବେ ନିମ୍ନ ପ୍ରକାରେ କର୍ମସୂଚୀ ରଖିପାରିବା –

ସେପ୍‌ଟେମ୍ବର ୫ ତାରିଖ – E7 & E8; ୧୪ ତାରିଖ – E5 & E6; ୧୯ ତାରିଖ – W1 & Wall; ୨୩ ତାରିଖ – E3 & E4; ସେପ୍‌ଟେମ୍ବର ୩୦ ବା ଅକ୍‌ଟୋବର ୩ ତାରିଖ – E1 & E2.*

(ଏହାପରେ 'NYK' ଜାହାଜରେ ସେ ତାଙ୍କର ଯାତ୍ରାର ବିବରଣୀ ଉଲ୍ଲେଖ କରିଛନ୍ତି ।)

(କ) କଲିକତା ଟ୍ରିପ୍ (ଇଣ୍ଟର୍‌ନେଶନାଲ୍) ଏବଂ ସେଠାରେ ଦୁଇ ସପ୍ତାହ ରହଣି – ଟ.୧୦୦/-

(ଖ) କଲିକତା ବନ୍ଦରରୁ ଜାପାନର 'କୋବେ' ବନ୍ଦର ଯାତ୍ରା; (ଦ୍ୱିତୀୟ ଶ୍ରେଣୀ) – ଟ. ୩୬୦/-

(ଗ) ସେଠାରୁ 'ୟୋକହାମା' ବନ୍ଦର (ସମୁଦ୍ର ପଥରେ, ତୃତୀୟ ଶ୍ରେଣୀ) – ଟ.୨୦୦/-

– ସମୁଦାୟ ଟ.୬୬୦/-

(ଏତତ୍ ବ୍ୟତୀତ) ମୋର ପୋଷାକସବୁ ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇ ଯାଇଛି; ତେଣୁ ମୋତେ ନିଶ୍ଚିତ ରୂପେ ନୂତନ ପୋଷାକ କେତୋଟି ଖରିଦ କରିବାକୁ ହେବ ଏବଂ ଏହା ସାଙ୍ଗକୁ ମୁଁ ଏଠାରୁ ଘରକୁ କିଛି ଉପହାର ଦ୍ରବ୍ୟ ଖରିଦ କରି ନେଇ ଯିବାକୁ ମନସ୍ଥ କରିଛି । ତେଣୁ ଏସବୁ ବିଷୟରେ ମଧ୍ୟ ମୁଁ ଜାଣିବାକୁ ଉତ୍ସୁକ ଯେ ମୁଁ ହୁଏତ ତୁମକୁ ୭୫୦ ଟଙ୍କା ମାଗିପାରେ କି ? ମୋ ପାଖରେ ବର୍ତ୍ତମାନ ମାତ୍ର ଚାରି ଅଣା ଅଛି; ଏତକ ମୁଁ ବ୍ରିଟିଶ-ଇଣ୍ଡିଆ ଦେଇ କଲିକତା ଯିବା ସକାଶେ ବ୍ରିଟିଶ-ଟ୍ରାନ୍ସପୋର୍ଟ ଅନୁମତି ପତ୍ର (visa) ପାଇବା ସକାଶେ ଖର୍ଚ୍ଚ କରିବାକୁ ରଖିଛି ।

**ଶ୍ରୀମା** : ନିଶ୍ଚିତ ରୂପେ, ମୁଁ ତୁମକୁ ୮୦୦ ଟଙ୍କା ଦେବା ସକାଶେ ରାଜି ଅଛି ଏବଂ ଆଶା କରୁଛି ଏହା ତୁମକୁ ଯାତ୍ରାପଥରେ କୌଣସି ଅସୁବିଧାରେ ନ ପକାଇବା ସକାଶେ ସାହାଯ୍ୟ କରିବ । କିନ୍ତୁ ବର୍ତ୍ତମାନର ଏଇ ଜଟିଳ ପରିସ୍ଥିତିସବୁରେ ଯାତ୍ରା କରିବା କ'ଣ ତଥାପି ସମ୍ଭବ ?

ଆଶୀର୍ବାଦ

(ସ୍ୱାକ୍ଷର)

*

୧୦ ସେପ୍‌ଟେମ୍ବର ୧୯୩୯

(ଶ୍ରୀମା'ଙ୍କୁ ଲିଖିତ ଏହି ପତ୍ରରେ ନାକାଶିମା ତାଙ୍କର ଯାତ୍ରାପଥର ସବିଶେଷ ବିବରଣୀ ଉଲ୍ଲେଖ କରିଛନ୍ତି ଏବଂ ଶେଷ ପରିଚ୍ଛେଦରେ ଲେଖିଛନ୍ତି :)

ଗତ କେତେ ଦିନ ହେଲା ମୁଁ କେତେକ ମାତ୍ରାରେ କ୍ଳାନ୍ତ ଅନୁଭବ କରୁଛି ଏବଂ କର୍ମକ୍ଷେତ୍ରରେ ସକ୍ରିୟ ଅଂଶ ନେବାରେ ଅକ୍ଷମ ହୋଇ ଉଠୁଛି ।

ବିଶ୍ୱସ୍ତ

ସୁନ୍ଦରାନନ୍ଦ

ଶ୍ରୀମା : ଆଶୀର୍ବାଦ

(ସ୍ୱାକ୍ଷର)

*

୧ ଅକ୍‌ଟୋବର ୧୯୩୯

ମା,

ମୋର ବୋଧ ହେଉଛି କଲିକତା ଯିବା ସକାଶେ ଜାହାଜ ରହିଛି ।

ଏଠାରୁ ବିଦାୟ ନେବା ମୋ ପକ୍ଷରେ ବେଶ୍ କଷ୍ଟକର

* ଉପରୋକ୍ତ ସାଂକେତିକ ସୂଚନାଗୁଡ଼ିକ ସମ୍ବନ୍ଧେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯିବ ।

ହୋଇ ଉଠିବ ।... ମୋର ଦୃଢ଼ ବିଶ୍ୱାସ ତୁମର ଆଶୀର୍ବାଦ ମୋ ସହିତ ସର୍ବଦା ରହିଥିବ ।

**ଶ୍ରୀମା** : ମୋତେ ତୁମେ ୪ ତାରିଖ (ବୁଧବାର) ଦିନ ସନ୍ଧ୍ୟା ଛ'ଟାରେ ସାକ୍ଷାତ୍ କରି **ଆମର** ଆଶୀର୍ବାଦ ସହ ଯାତ୍ରାରମ୍ଭ କରିବ ।

(ସ୍ୱାକ୍ଷର)

*

ରେମଣ୍ଡ ଏବଂ ନାକାଶିମା ୟୁରୋପରେ ପହଞ୍ଚିବା ପରେ ଯୁଦ୍ଧକାଳୀନ ପରିସ୍ଥିତିରେ ଉଭୟେ ଜେଲ ବରଣ କରିଛନ୍ତି ଏବଂ ଶ୍ରୀମା'ଙ୍କର ଅଶେଷ କୃପାରୁ ଖୁବ୍ ଶୀଘ୍ର ସେମାନେ ଜେଲରୁ ମୁକ୍ତ ହୋଇ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରିଛନ୍ତି । ଆଶ୍ରମ ସହିତ ଯୋଗାଯୋଗ ରଖିବାକୁ ସେମାନେ କେବେ ବି ଭୁଲି ନାହାନ୍ତି । ପରେ ନାକାଶିମା ବିବାହ କରିଛନ୍ତି ଏବଂ ଦୁଇଟି ସନ୍ତାନର ଜନକ ହୋଇଛନ୍ତି; କନ୍ୟାର ନାମ ଦେଇଛନ୍ତି 'ମୀରା' । ସେମାନେ ପରେ ଆଶ୍ରମକୁ ଆସିଛନ୍ତି; ବିଶେଷ କରି ମୀରା ଏବେ ବି ଆଶ୍ରମକୁ ଆସନ୍ତି ।

୧୯୭୨ରେ ନାକାଶିମା ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀରେ ଆଶ୍ରମକୁ ଆସି ଧୋତି-ପଞ୍ଜାବି ପରିଧାନ କରି ଶ୍ରୀମା'ଙ୍କ କକ୍ଷକୁ ପ୍ରବେଶ କରିବା ମାତ୍ରେ ଶ୍ରୀମା ଅତ୍ୟନ୍ତ ଖୁସି ହୋଇ କହି ଉଠିଛନ୍ତି : 'ଓ, ସୁନ୍ଦରାନନ୍ଦ, ତୁମେ ଆସିଛ !' ଶ୍ରୀମା'ଙ୍କର ହୃଦୟଜିଣା ସୁମଧୁର କଣ୍ଠରେ ନିଜର ନାମ ଶୁଣିବାକୁ ଅତ୍ୟନ୍ତ ତୃଷିତ ସୁନ୍ଦରାନନ୍ଦ ଭକ୍ତି ଗଦଗଦ ହୃଦୟରେ ଆନନ୍ଦାଶ୍ରୁ ବୁହାଇ ଶ୍ରୀମା'ଙ୍କ କୋଳରେ ମଥା ରଖି ଦେଇଛନ୍ତି ।

ପୁନଶ୍ଚ ୧୯୮୬ରେ ସେ ଆଶ୍ରମକୁ ଆସିଥିଲେ : ଖୁବ୍ ସମ୍ଭବତଃ ଆଶ୍ରମକୁ ଏହା ତାଙ୍କର ଶେଷ ପରିଦର୍ଶନ । ୧୫ ଜୁନ୍ ୧୯୯୦ ମସିହାରେ ତାଙ୍କର ଦେହାବସାନ ଘଟିଥିଲା ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**


(1) Chitra Sen : "Work as Sadhana under the Mother's Guidance."

(2) George Nakashima : "The Soul of a Tree : A Woodworker's Reflections"

(3) Sundarananda : 'The Mother' (Note Book); Archieves & Research Library, Sri Aurobindo Ashram.

(4) 'Udar – One of Mother's Children', P. 126




## ୨୦୨୨ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

Here is the truth, God's harmony is here.

ସତ୍ୟ ବିରାଜିତ ଏଠି, ବିଦ୍ୟମାନ ଈଶ୍ୱରଙ୍କ ସଂଗତି ଏଠାରେ ।

# ଯୁଗ-ପରିବର୍ତ୍ତନର ସମୟ

## ରାମକୃଷ୍ଣ ଦାସ

ସମଗ୍ର ସଂସାରରେ ଅନ୍ୟାୟ, ଅସତ୍ୟ, ହିଂସା, ସ୍ୱାର୍ଥ ବଢ଼ି ଚାଲିଛି । ସମସ୍ତ ବ୍ୟକ୍ତି ନିଜ ନିଜ ଅବସ୍ଥାରେ ଅସନ୍ତୋଷ ଅନୁଭବ କରୁଛନ୍ତି ତଥା ଜ୍ଞାତରେ ବା ଅଜ୍ଞାତରେ ଗୋଟିଏ ପରିବର୍ତ୍ତନ ଚାହୁଁଛନ୍ତି ଏବଂ ଠିକ୍ ବା ଭୁଲ୍ ମାର୍ଗରେ ପ୍ରଯତ୍ନ ବି କରୁଛନ୍ତି । ସଂଖ୍ୟାରେ ଖୁବ୍ କମ୍ ହେଲେ ମଧ୍ୟ କେତେକ ବ୍ୟକ୍ତି ପୃଥିବୀରେ ପ୍ରତିଷ୍ଠିତ ହେବା ସତ୍ୟ ପ୍ରତି ଉନ୍ମୁକ୍ତ ହୋଇଛନ୍ତି । ସମସ୍ତ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତରେ ଠିକ୍ ବା ଭୁଲ୍ ମାର୍ଗରେ ପରିବର୍ତ୍ତନ ଚାହିଁବା ତଥା ଅଳ୍ପ କେତେକ ବ୍ୟକ୍ତି ଭବିଷ୍ୟତ୍ ଯୁଗରେ ପ୍ରତିଷ୍ଠିତ ହେବା ସତ୍ୟ ପ୍ରତି ଉନ୍ମୁକ୍ତ ହେବା ହେଲା ଯୁଗ-ପରିବର୍ତ୍ତନର ସୂଚନା ।

ପୃଥିବୀ ହେଉଛି ପରିବର୍ତ୍ତନର କ୍ଷେତ୍ର । ସେଥିରେ ଅଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ମୃତ୍ୟୁ, ରୋଗ ଇତ୍ୟାଦି ପୂର୍ଣ୍ଣ ହୋଇଛି । ଅନ୍ଧକାର ରାତ୍ରିରେ ବିଜୁଳି ଚମକିଲା ସଦୃଶ କ୍ଷଣିକ ସୁଖ ଦେଖା ଦେଇ ଦୁଃଖରେ ବିଲୀନ ହୋଇ ଯାଉଛି । ସମସ୍ତ ବ୍ୟକ୍ତି ଦୁଃଖ କଷ୍ଟ ଭୋଗୁଥା'ନ୍ତି; ମୃତ୍ୟୁ, ରୋଗ, ବୃଦ୍ଧତ୍ୱର କବଳରେ ପଡୁଥା'ନ୍ତି; କିନ୍ତୁ ଚାହୁଁଥା'ନ୍ତି ଦୁଃଖବିହୀନ ପରମାନନ୍ଦ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ଅମରତ୍ୱ – ଏହାହିଁ ଏହି ମୃତ୍ୟୁପୁରୀର ସମସ୍ତ ବ୍ୟକ୍ତି, ଆବାଳବୃଦ୍ଧବନିତାଙ୍କର ଲକ୍ଷ୍ୟ । ଏହି ଲକ୍ଷ୍ୟ ଦିଗରେ ପୃଥିବୀ ସର୍ଜନା ହେବା ଦିନରୁ କ୍ରମବିକାଶ ମାର୍ଗରେ ଦୁଃଖ-କଷ୍ଟ, ଉତ୍ଥାନ-ପତନ ମାର୍ଗ ଦେଇ ଗତି କରି ଆସୁଛି । ବର୍ତ୍ତମାନ ବ୍ୟକ୍ତି ପହଞ୍ଚିଛି ଏହି ଅଜ୍ଞାନ ଭୂମିର ଶେଷ ପ୍ରାନ୍ତରେ । ଏହାକୁ ଅତିକ୍ରମ କଲେ ସେ ପ୍ରବେଶ କରିବ ଜ୍ଞାନ, ଆନନ୍ଦ, ଶାନ୍ତି, ସମତା ଓ ଅମୃତର ରାଜ୍ୟରେ ।

ଭଗବାନ୍ ସୃଷ୍ଟି ସର୍ଜନା କରିବା ସମୟରେ ଏହାକୁ ଦୁଇ ଭାଗରେ ବିଭକ୍ତ କଲେ । ଗୋଟିଏ ଭାଗରେ ଭାଗବତ ଶକ୍ତିକୁ ପରିଚାଳନାର ଭାର ଦେଲେ । ତା' ନାମ ରଖିଲେ ପରାର୍ଦ୍ଧ, ସେଥିରେ ଦୁଃଖ, କଷ୍ଟ, ମିଥ୍ୟା, ମାୟା, ମୋହ, ଅଜ୍ଞାନର ଅଭାବ ରହିଲା । ସେହି ଭୂମିର ଗୁଣ-ଧର୍ମ ହେଲା ଜ୍ଞାନ, ଆନନ୍ଦ, ସତ୍ୟ, ନ୍ୟାୟ, ସମତା ଓ ସ୍ୱତନ୍ତ୍ରତା । ସେହି ପରାର୍ଦ୍ଧରେ ରହିଲା ଭଗବାନଙ୍କର ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସାଦି ଦିବ୍ୟଧାମ । ଏହାର ଅନ୍ୟ ନାମ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ବିଜ୍ଞାନ ଏବଂ ଆନନ୍ଦ ସ୍ତର ବା ଚେତନା ।

ଭଗବାନ୍ ଅନ୍ୟଭାଗର ଅଧିକାରିଣୀ କଲେ ଅପରା ପ୍ରକୃତିକୁ – ଯେ କି ଭାଗବତୀ ଶକ୍ତିର ବିକୃତ ଭାଗ, ତା'ର ନାମ ହେଲା ଅପରାର୍ଦ୍ଧ । ଏହି ଅପରା ପ୍ରକୃତିର ପରିଚାର ହେଲେ ମୃତ୍ୟୁ, ରୋଗ, ପରିବର୍ତ୍ତନଶୀଳତା, ବୃଦ୍ଧତ୍ୱ, ଅଜ୍ଞାନ, ମୋହ, ମାୟା, ହିଂସା, ସ୍ୱାର୍ଥ ଓ ଅହଂ ଆଦି । ଏହି ଅପରାର୍ଦ୍ଧର ପୀଠଭୂମି ହେଲା ମୃତ୍ୟୁପୁରୀ । ଏହି ଭୂମିର ଏହାହିଁ ଗୁଣ-ଧର୍ମ । ଏହି ସ୍ତରର ବିକାଶ ସକାଶେ ଏହି ସବୁର ହେଲା ଆବଶ୍ୟକ । ଏହାର ଅନ୍ୟ ନାମ ମନ, ପ୍ରାଣ ଓ ଶରୀର-ଭୂମିର ଚେତନା । ସୃଷ୍ଟିର ଏହି ଯେଉଁ ପରାର୍ଦ୍ଧ ଓ ଅପରାର୍ଦ୍ଧ ଭୂମି ବା ଲୋକ, ଏହିସବୁ ଚେତନାର ସ୍ତର ରୂପେ ରହିଲେ ମନୁଷ୍ୟ ମଧ୍ୟରେ । ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇଛି ଅପରା ପ୍ରକୃତିର ଅଜ୍ଞାନ, ମୋହ, ମାୟାଦି ଅବିଦ୍ୟା ବା ଅଦିବ୍ୟ ଗୁଣ ଏବଂ ମନ, ପ୍ରାଣ-ଚେତନା ବା ସ୍ତର । ଅପ୍ରକାଶ୍ୟ ବା ସୁପ୍ତ ରହିଛି ପରାପ୍ରକୃତିର ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ସ୍ୱତନ୍ତ୍ରତା ଆଦି ଦିବ୍ୟଗୁଣ । ଏହିସବୁ ଦିବ୍ୟଗୁଣକୁ ଧାରଣ କରିଛନ୍ତି ଅନ୍ତରାତ୍ମା ବା (Psychic being) । କ୍ରମବିକାଶ ମାର୍ଗରେ ମନୁଷ୍ୟକୁ ରକ୍ଷା କରିବା ସକାଶେ ଅନ୍ତରାତ୍ମାର ଦିବ୍ୟଗୁଣର ପ୍ରଭାବ କିଛି ଅଂଶରେ ପଡ଼େ ମନୁଷ୍ୟର ମନ ଓ ପ୍ରାଣରେ । ସେହି କାରଣରୁ ବ୍ୟକ୍ତି ଜୀବନରେ କିଛି ଅଂଶରେ ସତ୍ୟ, ନ୍ୟାୟ, ଶାନ୍ତି, ସମତା, ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ ।

ଯେତେବେଳେ ପରାର୍ଦ୍ଧ ଭୂମି ବା ବିଦ୍ୟା ପରାଶକ୍ତି ବା ତାହାରି ଧର୍ମରେ ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବ ଯାହାର ରୂପ ବା ପ୍ରତିଭୂ ପ୍ରକାଶ ହେବ ଅନ୍ତରରେ ସେତେବେଳେ ମନୁଷ୍ୟକୁ ପ୍ରାପ୍ତ ହେବ ପୂର୍ଣ୍ଣତା । ସେ ମୃତ୍ୟୁ, ରୋଗ, ଅଜ୍ଞାନ, ମୋହ, ମାୟା, ଦୁଃଖ, କଷ୍ଟରୁ ପୂର୍ଣ୍ଣମୁକ୍ତ ହେବ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ପ୍ରାଣୀ ଜ୍ଞାତ ବା ଅଜ୍ଞାତରେ ଧାବିତ, ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଆସୁଛନ୍ତି । ବର୍ତ୍ତମାନ ମନୁଷ୍ୟ ପହଞ୍ଚିଛି ଅବିଦ୍ୟା ଅପରା ପ୍ରକୃତି ବା ମନ-ପ୍ରାଣ-ସ୍ତରର ଏକେବାରେ ଶେଷ ସୀମାରେ । ଅର୍ଥାତ୍ ବ୍ୟକ୍ତିର ମନ-ପ୍ରାଣର ବିକାଶ ଶେଷ ହୋଇଛି । ଏହି କାରଣରୁ ମନର ନିର୍ଦ୍ଧାରିତ ନୈତିକତା ସମସ୍ତ

ସଂସାରରେ ଭରି ଯାଇଛି । ଏହାହିଁ ଯୁଗ ପରିବର୍ତ୍ତନର ସମୟ । ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ବା ସଂସାରରେ ବିଜ୍ଞାନ-ଆନନ୍ଦ ଚେତନା ପ୍ରତିଷ୍ଠା ନ ହୋଇଛି ସେପର୍ଯ୍ୟନ୍ତ ଏହି ଦୁଃଖ, କଷ୍ଟ, ବିଶୃଙ୍ଖଳା କୌଣସି ବାହ୍ୟ ଉପାୟରେ କଦାପି ଦୂର ହେବ ନାହିଁ ବରଂ ଅଧିକାଧିକ ବୃଦ୍ଧି ହେଉଥିବ ।

ବ୍ୟକ୍ତି କ୍ରମବିକାଶ ଅନୁସାରେ ଅପରା ପ୍ରକୃତିର ଶେଷ ସୀମାର ଯେତେ ନିକଟବର୍ତ୍ତୀ ହେଉଛି ଅର୍ଥାତ୍ ମନର ବିକାଶ ଯେତେ ଅଧିକ ହେଉଛି, ସେ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ବିଜ୍ଞାନ-ଆନନ୍ଦ ଚେତନାର ଗୁଣଧର୍ମର ତେତେ ଅଧିକ ଆଭାସ ପାଉଛି ଏବଂ ଆଂଶିକ ରୂପେ ପ୍ରାପ୍ତ କରିବାକୁ ଚାହୁଁଛି ।

## ବିଜ୍ଞାନ-ଆନନ୍ଦ ବା ପରା-ପ୍ରକୃତିରେ ପ୍ରବେଶର ସୂଚନା :

ପୂର୍ବେ ମନୁଷ୍ୟ ଜଣେ ରାଜାର ଶାସନ ଅଧୀନରେ ସୁରକ୍ଷିତ ରହୁଥିଲେ । ସମସ୍ତ ସମ୍ପତ୍ତିକୁ ମନେ କରୁଥିଲେ ରାଜାର । ସେମାନେ ରାଜାର ଆଜ୍ଞାରେ ସମସ୍ତ କାର୍ଯ୍ୟ କରୁଥିଲେ । ଯେତେବେଳେ ମନୁଷ୍ୟ-ମନ ବିକାଶର ଶେଷ ସୀମାରେ ପହଞ୍ଚିଲା, ସେ ଅସ୍ପଷ୍ଟ ରୂପେ ଆଭାସ ପାଇଲା ବିଜ୍ଞାନ-ଚେତନାର, ପରମ ସ୍ୱତନ୍ତ୍ରତାର । ମନୁଷ୍ୟ ଅଜ୍ଞାନ ପ୍ରଭାବିତ ମନର ଊର୍ଦ୍ଧ୍ୱରେ ଅତିମାନସ ବିଜ୍ଞାନ-ଚେତନାରେ ପ୍ରବେଶ କରି ନଥିବାରୁ ଅଜ୍ଞାନ, ମୋହ, ମାୟା, ଦୁଃଖ, କଷ୍ଟ ଅଧୀନରୁ ଯେଉଁ ଯଥାର୍ଥ ମୁକ୍ତି ବା ସ୍ୱତନ୍ତ୍ରତା ଏବଂ ଯଥାର୍ଥ ସାମ୍ୟ ତାହା ସେ ସ୍ପଷ୍ଟଭାବେ ବୁଝିପାରି ନ ଥିଲା । ରାଜାର ଶାସନ ଅଧୀନରୁ ମୁକ୍ତ ବା ସ୍ଥୂଳ ରୂପେ ଭୋଜନ, ବସ୍ତ୍ର, ଭୌତିକ ସମ୍ପତ୍ତିରେ ସମାନତା ହାସଲ କରିବାକୁ ସେ ପ୍ରଯତ୍ନ କଲା ତଥା ପ୍ରାପ୍ତ ବି କରି ପାରିଲା । କିନ୍ତୁ ତଦ୍ୱାରା ବ୍ୟକ୍ତି ଯଥାର୍ଥ ସ୍ୱତନ୍ତ୍ରତା ବା ସମାନତା ପ୍ରାପ୍ତ କରି ପାରିଲା ନାହିଁ । ବ୍ୟକ୍ତି ରାଜ୍ୟ ଶାସନରୁ ମୁକ୍ତ ହେବା ପରେ ନିଜ ମଧ୍ୟରେ ଥିବା କାମ, କ୍ରୋଧ, ଲୋଭ, ମୋହ, ହିଂସା, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ସ୍ୱାର୍ଥ, ପଦମର୍ଯ୍ୟାଦା, ଅଧିକାରପ୍ରାପ୍ତିର ଆଶା ବା ଲୋଭର ବଶବର୍ତ୍ତୀ ହୋଇ ପୂର୍ବାପେକ୍ଷା ଅଧିକ ଦୁଃଖକଷ୍ଟ ଭୋଗ କଲା । ସ୍ଥୂଳରୂପେ ସମତା ପ୍ରାପ୍ତି କରିବା ସକାଶେ ବ୍ୟକ୍ତି ବହୁ ପ୍ରଯତ୍ନ କରି ଏହାକୁ ପ୍ରାପ୍ତ କରିବା ପରେ ବି ମନୁଷ୍ୟ ଭିତରେ ଥିବା ବିସମତା, ସ୍ୱାର୍ଥ, ଅହଂ, ନେତୃତ୍ୱ ପ୍ରତି ଲୋଭ, ମୋହ, ବିସମତାର କୃତ୍ୟ ପୂରି ରହିଲା । ଏହି ସବୁକୁ ବନ୍ଧୁକ ଗୁଳିରେ ଚପେଇ ରଖିବାକୁ ପଡ଼ିଲା ।

ବାହ୍ୟ ରୂପେ ଜଣେ ରାଜାଙ୍କ ଶାସନରୁ ବା ବିଦେଶୀ ଶାସନରୁ ସ୍ୱତନ୍ତ୍ରତା ପ୍ରାପ୍ତି ହେଲେ ଧନୀ ତଥା ଦରିଦ୍ର ବ୍ୟକ୍ତି ମଧ୍ୟରେ ଯେଉଁ ବିସମତା ତାହା ଦୂର ହେବା ଆବଶ୍ୟକ । ଯଥାର୍ଥ ସ୍ୱତନ୍ତ୍ରତା ଓ ଯଥାର୍ଥ ସାମ୍ୟର ଏହା ବାହ୍ୟ ରୂପ ମାତ୍ର । ଏହା ପୂର୍ଣ୍ଣ ବା ସ୍ଥାୟୀ ନୁହେଁ । ଏହା ପୂର୍ଣ୍ଣ ବା ସ୍ଥାୟୀ ହୋଇପାରେ ଏହାର ଆଧାର ନିଜ ଅନ୍ତରରେ ପୂର୍ଣ୍ଣ ସ୍ୱତନ୍ତ୍ରତା ଏବଂ ସାମ୍ୟ ପ୍ରତିଷ୍ଠା ହେଲେ । ତେବେ ବ୍ୟକ୍ତି ଲୋଭ, ମୋହ, ହିଂସା, ସ୍ୱାର୍ଥ, ଅଜ୍ଞାନାଦି ଦସ୍ୟୁଙ୍କ କବଳରୁ ମୁକ୍ତ ହୁଏ, ଅର୍ଥାତ୍ ସେସବୁକୁ ଆତ୍ମାର ଧର୍ମରେ ରୂପାନ୍ତରିତ କରେ । ଏଥିରେହିଁ ଜୀବନ ହୁଏ ପୂର୍ଣ୍ଣ — ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ଓ ପରମାନନ୍ଦମୟ । ମୃତ୍ୟୁପୁରୀ ହୁଏ ସ୍ୱର୍ଗ । ମନୁଷ୍ୟର ଏହି ଲକ୍ଷ୍ୟ ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଯୋଗରେ ସିଦ୍ଧ ହେଉଥିବାରୁ ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ଶ୍ରୀଅରବିନ୍ଦଙ୍କ ଯୋଗ ।

## ଶ୍ରୀଅରବିନ୍ଦଙ୍କ ଯୋଗର ସହଜ ପ୍ରକ୍ରିୟା :

ଗ୍ରାମ ଓ ସହରମାନଙ୍କରେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜର ପ୍ରତିଷ୍ଠା ହେବା ଉଚିତ । ଏହିସବୁ ଅନୁଷ୍ଠାନମାନଙ୍କରେ ମା'ଙ୍କର ଉପସ୍ଥିତି ଥାଏ ଏବଂ ଗୋଟିଏ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହୁଏ । ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଜାଣି ଅଥବା ନ ଜାଣି ସେହି ଅନୁଷ୍ଠାନରେ ଯୋଗ ଦେଇ ଯୋଗ ସମ୍ପର୍କୀୟ ଶାସ୍ତ୍ର ଶୁଣିଲେ ତାହାର ଅନ୍ତରାତ୍ମା ଅଧ୍ୟାତ୍ମ ବାତାବରଣର ସଂସ୍ପର୍ଶ ପାଏ ତଥା କ୍ରମଶଃ ଜାଗ୍ରତ ହୁଏ । ତେବେ ତା'ର ଚେତନା ବିକାଶ ହେବାକୁ ଆରମ୍ଭ କରେ । ସେ ଅଧିକାଧିକ ଜୀବନର ଲକ୍ଷ୍ୟ ତଥା ଲକ୍ଷ୍ୟପ୍ରାପ୍ତିର ଉପାୟ ସମ୍ବନ୍ଧରେ ସଚେତ ହୁଏ ।

ଶ୍ରୀଅରବିନ୍ଦଙ୍କର ରୂପାନ୍ତର ଯୋଗ ଛଡ଼ା ସମସ୍ତ ପୁରାତନ ଯୋଗର ଲକ୍ଷ୍ୟ ହେଲା ବ୍ୟକ୍ତିଗତ ମୁକ୍ତି, ନିର୍ବାଣ ବା ଭଗବତ୍-ପ୍ରାପ୍ତି । ଜୀବନର ପୂର୍ଣ୍ଣତା ତଥା ପୃଥିବୀରେ ଗୋଟିଏ ନୂତନ ଚେତନା, ନୂତନ ଅତିମାନବ ଜାତି ପ୍ରତିଷ୍ଠାର ଧାରଣା ନ ଥିଲା । ପୁରାତନ ଯୋଗୀମାନେ ଜୀବନ ତଥା ଜଗତକୁ ମିଥ୍ୟା, ମାୟା

ମାନି ନେଇଥିଲେ । ସେହି କାରଣରୁ ଗୃହର ମହିଳା ତଥା ଛାତ୍ରଛାତ୍ରୀ, ବାଳକବାଳିକାମାନେ ଅଧ୍ୟାତ୍ମ ସତ୍ୟରୁ ପୃଥକ୍ ରହି ସାଧାରଣ ଜୀବନ ବିକାଶରେ ଲାଗି ପଡୁଥିଲେ । କାରଣ ପୁରାତନ ଯୋଗ ଅନୁସାରେ ସେମାନେ ଅଧ୍ୟାତ୍ମ ସତ୍ୟ ଗ୍ରହଣ କରିବାକୁ ଚାହିଁଲେ – ମହିଳାମାନଙ୍କୁ ଗୃହକାର୍ଯ୍ୟ ଏବଂ ବାଳକ-ବାଳିକାମାନଙ୍କୁ ଜୀବନର ବିକାଶ ପାଇଁ ପଢ଼ିବା ଲେଖିବା କାର୍ଯ୍ୟ ଛାଡ଼ି ଦେବାକୁ ହେଉଥିଲା । ଅତଏବ ଯୋଗ-ଆଦର୍ଶ ସମ୍ଭବ ହେଉ ନ ଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମତ୍ୟାଗ କରା ନ ହୋଇ ଜୀବନ ଏବଂ କର୍ମର ପୂର୍ଣ୍ଣ ବିକାଶ ହେଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ବିଶେଷତଃ ମହିଳା ତଥା ବାଳକବାଳିକାମାନଙ୍କର ବିଶେଷ ଆବଶ୍ୟକ ହେଲା । ଏହାର ସାଧନା ମଧ୍ୟ ଅତ୍ୟନ୍ତ ସହଜ ।

### ଦୈନନ୍ଦିନ କାର୍ଯ୍ୟହିଁ ସାଧନା :

ମହିଳାମାନଙ୍କୁ ଗୃହକାର୍ଯ୍ୟ ଛାଡ଼ିବାକୁ ହେବ ନାହିଁ । ଗୃହ, ପରିବାର ତଥା ସମସ୍ତ ବସ୍ତୁକୁ ମା'ଙ୍କର ମାନି ମା'ଙ୍କର ସେବା ଭାବରେ ସମସ୍ତ ଗୃହକର୍ମ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ସେମାନେ ଜୀବନର ଲକ୍ଷ୍ୟ ଜାଣି ସମସ୍ତ କର୍ମକୁ ଲକ୍ଷ୍ୟପ୍ରାପ୍ତିର ଉପାୟ ରୂପେ କଲେ – ଗୃହକର୍ମ ତଥା ଅନ୍ୟାନ୍ୟ ସମସ୍ତ କର୍ମ ଉତ୍ସାହର ସହିତ, ପ୍ରସନ୍ନତାପୂର୍ବକ କରିବା ଦ୍ୱାରା କର୍ମ ହେବ ନିଖୁଣ ଏବଂ ଅହଂ, ସ୍ୱାର୍ଥାଦି ଦୋଷରୁ ମୁକ୍ତ । ଏହା ଫଳରେ ଘରେ କଳି ହେବ ନାହିଁ । ଅଶାନ୍ତି ଯୋଗୁଁ ଭାଇ ଭାଇ ଭିନ୍ନେ ହେବେ ନାହିଁ । ଘରେ ବିରାଜିବ ଶାନ୍ତି ଏବଂ ଅଧ୍ୟାତ୍ମ ବାତାବରଣ । ଏହାର ଉତ୍ତମ ପ୍ରଭାବ ପଡ଼ିବ ଘରର ସମସ୍ତ ବ୍ୟକ୍ତି ବିଶେଷତଃ ଶିଶୁମାନଙ୍କ ଉପରେ । ଏହା ଦ୍ୱାରା ସେମାନଙ୍କର ହେବ ସ୍ୱତଃସ୍ଫୂର୍ତ୍ତଭାବେ ମନ-ପ୍ରାଣ ପବିତ୍ର ।

ଛାତ୍ରଛାତ୍ରୀ, ବାଳକବାଳିକାମାନେ ବାଲ୍ୟାବସ୍ଥାରୁ ଶ୍ରୀଅରବିନ୍ଦ ଛାତ୍ର-ସମାଜ ଗଠନ କରିବା ଦ୍ୱାରା ନିଜ ଜୀବନର ଲକ୍ଷ୍ୟ ଜାଣିବେ ଏବଂ ଗ୍ରହଣ କରିବେ । ସେମାନଙ୍କ ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ ବିକାଶ, ଏହା ଜାଣି ଗ୍ରହଣ କଲେ ସେମାନେ ଉତ୍ତମ ରୂପେ ପଢ଼ିବେ ତଥା ବ୍ୟାୟାମ କରିବେ । ବିଶୃଙ୍ଖଳାକୁ ତ୍ୟାଗ କରି ଜୀବନକୁ ଶୃଙ୍ଖଳିତ କରିବେ ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଆନ୍ତରିକତା ସହ ଗ୍ରହଣ କରିବେ । ସେମାନଙ୍କ ଚେତନା ଅଧ୍ୟାତ୍ମ-ସତ୍ୟ ପ୍ରତି ବିକଶିତ ହେବାରୁ ସେମାନଙ୍କ ଅନ୍ତରରେ ସ୍ୱାର୍ଥ, ଅହଂ, ଅନ୍ୟାୟ, ଅସତ୍ୟ ପ୍ରବେଶ କରିପାରିବ ନାହିଁ । ସେମାନେ ସମାଜରେ ସେବା, ବ୍ୟବସାୟ, କୃଷି ଇତ୍ୟାଦି ସମସ୍ତ କାର୍ଯ୍ୟ ଆନ୍ତରିକ ନିଷ୍ଠା ସହିତ କରିବେ । ଏହାରି ଦ୍ୱାରା ହେବ ଦେଶର ଉନ୍ନତି । ଏହିମାନେ ହେବେ ଭବିଷ୍ୟତ୍ ନୂତନ ଯୁଗର ଅଗ୍ରଦୂତ ।

ଅନ୍ୟାନ୍ୟ ବ୍ୟକ୍ତିମାନେ ଗ୍ରାମ, ସହରରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠାନ କରିବେ । ଏହା ଦ୍ୱାରା ସେମାନଙ୍କ ଆଧାର କ୍ରମଶଃ ଶୁଦ୍ଧ ହେବାକୁ ଆରମ୍ଭ କରିବ, ସେମାନଙ୍କ ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ ବିକାଶର ଅର୍ଥ ବ୍ୟକ୍ତିର ମନ, ପ୍ରାଣ, ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର ଏବଂ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖ, କଷ୍ଟ, ସ୍ୱାର୍ଥ, ହିଂସାଦି ଦୁର୍ଗୁଣରୁ ପୂର୍ଣ୍ଣ ମୁକ୍ତ; ଅନ୍ତରରେ ପରମାନନ୍ଦ, ପରମ ଶାନ୍ତି, ପରମ ଐକ୍ୟ ବା ସମତାପ୍ରାପ୍ତି, – ଏହାକୁ ଲକ୍ଷ୍ୟ ବୋଲି ବୁଝି ପାରିବେ । ଏହି ଲକ୍ଷ୍ୟରେ ସେମାନେ ଯେତେ ଦୃଢ଼ ହେଉଥିବେ ସେହି ଅନୁପାତରେ ସେମାନେ ନିଜ ଭିତରେ ଥିବା ଅହଂ, ସ୍ୱାର୍ଥ, ହିଂସା, ନିଜର ସୁବିଧା, ନିଜ ଅଧିକାର ରକ୍ଷା ସକାଶେ ଅନ୍ୟର କ୍ଷତି ବା ସର୍ବନାଶ କରିବାର ଧାରଣା ଏବଂ କର୍ମ ତ୍ୟାଗ କରୁଥିବେ । ଏହି ଅସତ୍ କର୍ମ ଏବଂ ବିଚାର କୃଷକ, ଶ୍ରମିକ, ବ୍ୟବସାୟୀ, ଧନୀ, କର୍ମଚାରୀ, ଅଫିସର, ନେତା, ରାଜ୍ୟଶାସକ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରୁ ଯେତେ ପରିମାଣରେ ଦୂର ହେଉଥିବ ସେହି ଅନୁପାତରେ ସଂସାରରେ ଓ ଦେଶରେ କର୍ମର ଉନ୍ନତି ହେଉଥିବ । ସେମାନେ କର୍ମକୁ ନିଜ ଜୀବନର ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ଗ୍ରହଣ କରିବେ । ତା' ଫଳରେ କର୍ମରେ ରହିବ ଆନ୍ତରିକତା । ସେମାନେ ରିସ୍‌ପତ୍ ନେବେ ନାହିଁ, କଳାବଜାର ହେବ ନାହିଁ । ନିଜ ଦଳକୁ ବଳଶାଳୀ କରିବା ସକାଶେ ନିଜ ଦେଶର ସର୍ବନାଶ କରିବେ ନାହିଁ, ନିଜ ମତ ପ୍ରତିଷ୍ଠା, ନିଜ ନେତୃତ୍ୱ ସକାଶେ ରକ୍ତ ନଦୀ ପ୍ରବାହିତ ହେବ ନାହିଁ । ଦେଶ, ସଂସାର ହେବ ଉନ୍ନତ; ଧନ, ଐଶ୍ୱର୍ଯ୍ୟ. ଶାନ୍ତି, ସାମ୍ୟ, ଆନନ୍ଦରେ ହେବ ପୂର୍ଣ୍ଣ । ଏହି ଆଦର୍ଶ ପ୍ରଥମରେ ଗ୍ରହଣ କରିବେ ଏବଂ ଆନ୍ତରିକତା ସହ ଆଚରଣ କରିବେ ଅଳ୍ପ ବ୍ୟକ୍ତି । ସେହିମାନଙ୍କ ଆଦର୍ଶ ପ୍ରସାରିତ ହେବ ସମସ୍ତ ଜଗତରେ । ଶ୍ରୀଅରବିନ୍ଦଙ୍କ ଯୋଗ-ଆଦର୍ଶ ଦ୍ୱାରାହିଁ ପୃଥିବୀରେ ପ୍ରତିଷ୍ଠା ହେବ ସ୍ୱର୍ଗ । ବ୍ୟକ୍ତି ହେବ ଅତିମାନବ । ଏହି ସକାଶେ ଭଗବାନଙ୍କର ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ । ଭଗବାନଙ୍କର ଏହି ସଂକଳ୍ପ ସିଦ୍ଧ ହେବାର ସମୟ ଆସିଥିବାର ସୂଚନା ଦେଉଛି ବର୍ତ୍ତମାନ ସଂସାରର ପରିସ୍ଥିତି ।

(ଶ୍ରୀଅରବିନ୍ଦ ଛାତ୍ର-ଯୁବ-ସମାଜ, ବୁଲେଟିନ୍ ନ. ୧୭-୨୦ ଜୁନ୍-ସେପ୍ଟେମ୍ବର ୧୯୭୦, ପୃଷ୍ଠା : ୧୭-୨୦) ❑

# ପ୍ରକାଶଶୀଳ ପୂର୍ଣ୍ଣାଙ୍ଗ ସତ୍ୟ

## ପ୍ରପତ୍ତି

ପୂର୍ଣ୍ଣାଙ୍ଗ ସତ୍ୟର ଅଭିବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଆସି ପହଞ୍ଚିଛି । ପାର୍ଥିବ ଜୀବନ, କର୍ମ ଓ ସଂସାରର ବିଭିନ୍ନ କ୍ଷେତ୍ରରେ ଏହି ସତ୍ୟର ପ୍ରତ୍ୟକ୍ଷ ଅଭିବ୍ୟକ୍ତି ପୂର୍ବରୁ ମନୁଷ୍ୟକୁ ସଚେତନ ଭାବେ ଏହି ସତ୍ୟକୁ ସ୍ୱୀକାର କରିବା ନିମିତ୍ତ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଓ ସୁଯୋଗ ମିଳିଥାଏ । ଏହିପରି ଏକ ସୁଯୋଗ ଓ ସମୟ ବର୍ତ୍ତମାନ ଆସି ଉପସ୍ଥିତ ହୋଇଛି, ଏଥିପାଇଁ ଶ୍ରୀଅରବିନ୍ଦ ଏହି ସମୟକୁ **ଦେବ-ମୁହୂର୍ତ୍ତ** ବୋଲି ଆଖ୍ୟା ଦେଇଛନ୍ତି ।

ପୂର୍ଣ୍ଣାଙ୍ଗ ସତ୍ୟ ହେଲା ଅତିମାନସ ଦିବ୍ୟସତ୍ୟ । ଏହି ମହାନ୍ ସତ୍ୟକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ତାକୁ ମାନବ ଜୀବନରେ ଓ ପାର୍ଥିବ ପ୍ରକୃତି ମଧ୍ୟରେ ପ୍ରକଟ କରାଇବାହିଁ ଶ୍ରୀଅରବିନ୍ଦଙ୍କ ସାଧନାର ସମଗ୍ର ଓ ପୂର୍ଣ୍ଣ ଲକ୍ଷ୍ୟ । ପୃଥିବୀ-ପୃଷ୍ଠରେ ଅତିମାନସର ଅବତରଣ ନିୟତି-ନିର୍ଦ୍ଦିଷ୍ଟ ଏବଂ ଏହି କାର୍ଯ୍ୟ ବହୁବର୍ଷ ଧରି ଚାଲୁଅଛି । ବର୍ତ୍ତମାନ କିନ୍ତୁ ଏହି ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରି ଅଭିବ୍ୟକ୍ତିର ପର୍ଯ୍ୟାୟରେ ପହଞ୍ଚିଛି ଏବଂ ପ୍ରତ୍ୟକ୍ଷ ଭାବରେ ମାନବଗୋଷ୍ଠୀ ଓ ପାର୍ଥିବ ଜୀବନରେ ବିଜୟ ହାସଲ କରିବାକୁ ବସିଛି । ୧୯୩୦ ମସିହାରେ ଶ୍ରୀମା ଗୋଟିଏ ବାଣୀରେ କହିଛନ୍ତି, ''ଅତିମାନସର ପ୍ରଭାବ ଧୀରେ ଧୀରେ କ୍ରିୟାଶୀଳ ହେଉଅଛି, ବର୍ତ୍ତମାନ ସତ୍ତାର ଗୋଟିଏ ଅଂଶ, ଅନ୍ୟ ସମୟରେ ସତ୍ତାର ଅନ୍ୟ ଗୋଟିଏ ଅଂଶ ଏହି ଦିବ୍ୟସତ୍ୟର ସ୍ପର୍ଶ ବା ଆଲିଙ୍ଗନ ଅନୁଭବ କରୁଅଛି; କିନ୍ତୁ ଯେତେବେଳେ ଏହା ପୂର୍ଣ୍ଣ ରୂପେ ନିଜସ୍ୱ ସାମର୍ଥ୍ୟ ସହ ଉତରି ଆସିବ ସେତେବେଳେ ସମଗ୍ର ପ୍ରକୃତିର ଗୋଟାଏ ରୂପାନ୍ତର ସାଧିତ ହେବ । ଆମ୍ଭେମାନେ ଏହି ପୂର୍ଣ୍ଣ ବିଜୟର ମୁହୂର୍ତ୍ତ ଆଡ଼କୁ ଧୀରେ ଧୀରେ ନିକଟବର୍ତ୍ତୀ ହେଉଅଛୁ । ଥରେ ପାର୍ଥିବ ବାତାବରଣରେ ଅନୁକୂଳ ପରିସ୍ଥିତି ଆସିଗଲେ, ପୂର୍ଣ୍ଣ ଅବତରଣ ସମ୍ଭବ ହେବ ଏବଂ ତାହା ସଙ୍ଗେ ସଙ୍ଗେ ଅନ୍ୟ ସବୁକିଛି ଘଟିଯିବ । ଏହାର ଉପସ୍ଥିତି ଅଭ୍ରାନ୍ତ ହେବ ଏବଂ ଏହା କୌଣସି ପ୍ରକାର ପ୍ରତିରୋଧକୁ ସ୍ୱୀକାର କରିବ ନାହିଁ, ସନ୍ଦେହ ଓ ବାଧା-ବିପତ୍ତି ଆଉ କଷ୍ଟ ଦେବ ନାହିଁ । କାରଣ ଭଗବାନ୍ ସ୍ୱୟଂ ପ୍ରତ୍ୟକ୍ଷ ଭାବରେ ପ୍ରକାଶିତ ହେବେ — ସମଗ୍ର ପୂର୍ଣ୍ଣତାରେ ନିରାବରଣ ରୂପେ ଦେଖା ଦେବେ । ମୁଁ ଏହା କହୁ ନାହିଁ ଯେ ସମଗ୍ର ଜଗତ୍ ଏହି ଉପସ୍ଥିତିକୁ ସଙ୍ଗେ ସଙ୍ଗେ ଅନୁଭବ କରିବ କିଂବା ରୂପାନ୍ତର ହୋଇଯିବ, ତେବେ ମୁଁ ନିଶ୍ଚୟ କରି କହୁଛି ଯେ ପୃଥିବୀର କିଛି ବ୍ୟକ୍ତି ଏହି ଅବତରଣରେ ଅଂଶ ଗ୍ରହଣ କରିବେ । ଧରାଯାଉ, ଆମ୍ଭମାନଙ୍କର ଏହି କ୍ଷୁଦ୍ର ଜଗତ୍ (ଆଶ୍ରମ) ଏହାର ଉପସ୍ଥିତି ନିଶ୍ଚୟ ଅନୁଭବ କରିବ । ଏହିଠାରୁହିଁ ସେହି ରୂପାନ୍ତରକାରୀ ଭାଗବତୀ କୃପା ଅତି ଫଳପ୍ରଦ ଭାବେ ସମଗ୍ର ଜଗତରେ ବିକୀର୍ଣ୍ଣ ହେବ । ସୌଭାଗ୍ୟବଶତଃ ସାଧକମାନଙ୍କ ନିମିତ୍ତ ସେହି 'ସଫଳ ଭବିଷ୍ୟତ୍' ନିଶ୍ଚୟହିଁ ରୂପ ଗ୍ରହଣ କରିବ, ଯଦିଓ ତାହା ସମ୍ମୁଖରେ ଅଧସ୍ତନ ମାନବ ପ୍ରକୃତି ସକଳ ପ୍ରକାର ବାଧା-ବିପତ୍ତି ରଖିଅଛି ।''

(ମାତୃବାଣୀ, ୩ୟ ଖଣ୍ଡ, ପୃ : ୧୦୫)

ବର୍ତ୍ତମାନ ମାନବସମାଜ ସମ୍ମୁଖରେ ସେହି 'ସଫଳ ଭବିଷ୍ୟତ୍' ଆସି ଉପସ୍ଥିତ ହୋଇଛି । ଧରାପୃଷ୍ଠରେ ଅତିମାନସ ସତ୍ୟର ଅଭିବ୍ୟକ୍ତି ବା ଅବତରଣ ଘଟିଲା ୧୯୫୬ ମସିହାରେ । ୧୯୫୬ ମସିହା ଏପ୍ରିଲ ୨୪ ତାରିଖ ବାଣୀରେ ମା' ଅତି ସ୍ପଷ୍ଟ ଭାବେ ଘୋଷଣା କଲେ ଯେ ଅତିମାନସ ଆଉ ଗୋଟିଏ ସମ୍ଭାବନା ନୁହେଁ, ଏହା ଏକ ଜୀବନ୍ତ ସତ୍ୟ । ଆଜି ଏହା ଏଠାରେ କାର୍ଯ୍ୟକାରୀ ହେଉଛି; ଦିନ ଆସିବ ଯେତେବେଳେ ଏହା ସମଗ୍ର ସଂସାରରେ କାର୍ଯ୍ୟକାରୀ ହେବ ଏବଂ ଅତି ଅନ୍ଧ, ଅତି ମୂର୍ଖ ଓ ଅତି ମୂଢ଼ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏହି ନୂତନ ସତ୍ୟର ଅଭିବ୍ୟକ୍ତି ଫଳରେ ନୂତନ ଜଗତ୍ ଜନ୍ମଲାଭ କଲା; ତଥାପି ଏହା ମନୁଷ୍ୟକୁ ପ୍ରକାଶ୍ୟ ବା ପ୍ରତ୍ୟକ୍ଷରେ ପ୍ରଭାବିତ କରି ପାରି ନାହିଁ । କିନ୍ତୁ ଏହି ସତ୍ୟ ଧୀର ଅଥଚ ସୁଦୃଢ଼ଭାବେ ନିଜକୁ ପ୍ରତିଷ୍ଠା କରିବାରେ ଲାଗିଛି ।

ଆଜି କିନ୍ତୁ ଏହି ପୂର୍ଣ୍ଣାଙ୍ଗ ଦିବ୍ୟ-ଅତିମାନସର କ୍ରିୟା ଦ୍ରୁତତର ହୋଇଛି ଏବଂ ପାର୍ଥିବ ଜୀବନରେ ବର୍ତ୍ତମାନ ଏହା ଯେଉଁ ପର୍ଯ୍ୟାୟରେ କାର୍ଯ୍ୟ କରିବାକୁ ଆରମ୍ଭ କରିଛି — ତାହାହିଁ ପୂର୍ଣ୍ଣାଙ୍ଗ ସିଦ୍ଧି, ପ୍ରତିଷ୍ଠା ବା ପ୍ରତ୍ୟକ୍ଷ ବିଜୟର ସ୍ତର । ୧୯୫୮ ମସିହାରେ ଶ୍ରୀମା ଘୋଷଣା କରିଥିଲେ :

''This new realisation is proceeding with

what one might call a lightning speed, for if we consider time in the ordinary way, only two years have passed – a little more than two years – from the time the supramental substance penetrated into the earth atmosphere to the time the change in the quality of the earth atmosphere took place.

"If things go on advancing at this speed, it seems more than possible, almost evident, that what Sri Aurobindo wrote in a letter is a prophetic announcement : The supramental consciousness will enter a phase of realising power in 1967.''

(CWM : Vol. 9, p. 315) – The Mother

ଅର୍ଥାତ୍, ''କହିବାକୁ ଗଲେ ଏହି ନୂତନ ସିଦ୍ଧି ବିଦ୍ୟୁତ୍‌ବତ୍ ପ୍ରଖର ଗତିରେ ତା'ର କାର୍ଯ୍ୟ କରି ଚାଲିଛି । କାରଣ, ଯଦି ଆମ୍ଭେମାନେ ସାଧାରଣ ଅର୍ଥରେ ସମୟକୁ ଧରୁ ତେବେ ମାତ୍ର ଦୁଇଟି ବର୍ଷ, ଅଥବା ଦୁଇ ବର୍ଷରୁ ଅଧିକ କିଛି ସମୟ ବ୍ୟତୀତ ହୋଇଛି – ଅତିମାନସ ଦିବ୍ୟତତ୍ତ୍ୱ ଏହି ପାର୍ଥିବ ପରିବେଶ ମଧ୍ୟରେ ପ୍ରବେଶ କରିବା ଏବଂ ବର୍ତ୍ତମାନ ପାର୍ଥିବ ବାତାବରଣ ମଧ୍ୟରେ ଯେଉଁସବୁ ପରିବର୍ତ୍ତନ ଦେଖାଯାଉଛି ଏହି ଉଭୟ ଘଟଣା ମଧ୍ୟରେ ।

''ଯଦି ଏହି ପରିବର୍ତ୍ତନ ଏହିପରି ଗତିରେ ଅଗ୍ରସର ହୁଏ, ଏହା ନିଶ୍ଚୟହିଁ ସମ୍ଭବ ଯେ ଆଉ ଏହା ଏକେବାରେ ସୁସ୍ପଷ୍ଟ ଯେ ଯାହା ଶ୍ରୀଅରବିନ୍ଦ ଗୋଟିଏ ପତ୍ରରେ ଲେଖିଥିଲେ, ତାହାହିଁ ହେବ । ଏକ ଦିବ୍ୟ ଘୋଷଣା : 'ଅତିମାନସ ଚେତନା ୧୯୬୭ ମସିହାରେ ନିଜକୁ ସଂସିଦ୍ଧ ବା ପ୍ରତିଷ୍ଠା କରିବା ସାମର୍ଥ୍ୟର ପର୍ଯ୍ୟାୟରେ ଉପସ୍ଥିତ ହେବ' ।''

ଅନ୍ୟ କଥାରେ କହିବାକୁ ଗଲେ ୧୯୬୭ ମସିହାରେ ପୃଥିବୀପୃଷ୍ଠରେ ଅତିମାନସ ଦିବ୍ୟସତ୍ୟର ପ୍ରବର୍ତ୍ତନ ହେବ ଏବଂ ମାନବସମାଜ ଯୁଗ ଯୁଗ ଧରି ଯେଉଁ ପୂର୍ଣ୍ଣାଙ୍ଗ ସତ୍ୟର ଅଭିବ୍ୟକ୍ତି ଏବଂ ପ୍ରକାଶ ନିମିତ୍ତ ଅପେକ୍ଷା କରୁଅଛି, ସେହି 'ସଫଳ ଭବିଷ୍ୟତ୍' ପ୍ରତ୍ୟକ୍ଷରେ ରୂପ ଗ୍ରହଣ କରିବ । ଏହାକୁହିଁ ଯଥାର୍ଥରେ 'ଧର୍ମଚକ୍ର'ର ପ୍ରବର୍ତ୍ତନ ବୋଲି କୁହାଯାଇପାରେ । ଅତଏବ ଏହା ଗୋଟିଏ ସୃଷ୍ଟି ବା ଗୋଟିଏ ଧର୍ମର ଅବସାନ କାଳ ଏବଂ ଅନ୍ୟ ଗୋଟିଏ ନୂତନ ସୃଷ୍ଟି ବା ଅନ୍ୟ ଗୋଟିଏ ନୂତନ ଧର୍ମର ପ୍ରବର୍ତ୍ତନ କାଳ । ଏହି କାଳ ଉଭୟ ଅର୍ଥରେ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଏହାହିଁ ଶ୍ରୀମାଙ୍କର ନବବର୍ଷ ବାଣୀରେ ସୁସ୍ପଷ୍ଟ ହୋଇଉଠିଛି । ସତ୍ୟର ବିଜୟ କାଳ ଏବଂ ଅସତ୍ୟର ପରାଭବ ବା ବିଲୟ କାଳ । ସେଥିପାଇଁ ଶ୍ରୀମା କହୁଛନ୍ତି, ''ମନୁଷ୍ୟ, ଦେଶ, ମହାଦେଶ ସକଳ ! ବାଛିନିଅ – ଅନ୍ୟ ପନ୍ଥା ନାହିଁ – ସତ୍ୟ ଅଥବା ରସାତଳ ।'' ଏହି ଘୋର ଅନ୍ଧକାର, ବିକ୍ଷୋଭ, ବିଶୃଙ୍ଖଳା ଓ ବିପର୍ଯ୍ୟୟ ମଧ୍ୟରେ ପୂର୍ଣ୍ଣାଙ୍ଗ ସତ୍ୟର ଅଭିବ୍ୟକ୍ତିକୁ ପ୍ରତ୍ୟକ୍ଷ କରିବାର ସୁଯୋଗ ଆମ୍ଭେମାନେ ଲାଭ କରିବା ନିମିତ୍ତ ଯୋଗ୍ୟ ହୋଇଉଠୁ – ଏହାହିଁ ଆମ୍ଭମାନଙ୍କର ଆଶା ଓ ପ୍ରାର୍ଥନା ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ.୭୪-୭୬)

❑❑❑

ଯେତେବେଳେ ଘଟଣାସକଳ ବାହାରେ ଗୋଳମାଳିଆ ହୋଇଥାଏ ସେତେବେଳେ ବାହାର ଘଟଣାକୁ ଦେଖି କିଛି ବିଚାର ନ କରିବାର ନିୟମ ନିଜ ମନ ଉପରେ ଆରୋପ କରିବାକୁ ହେବ ଏବଂ ସମସ୍ତ ଗୋଳମାଳ ଯେ ସଜାଡ଼ି ହୋଇଯିବ ଏଇ ଭରସା ସହ ସବୁକିଛିକୁ ଅନ୍ତରରେ ମା'ଙ୍କ ଆଲୋକ ନିକଟରେ ସମର୍ପଣ କରିବାକୁ ହେବ ।

– ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୭)

## ମହେନ୍ଦ୍ରନାଥ ସ୍ୱାଇଁ

**ଚମତ୍କାର ନୀରବତା :**

ଜାନୁଆରୀ ୨, ୧୯୧୪ ପ୍ରାର୍ଥନାଟିରେ ମା ଲେଖନ୍ତି –

"THIS marvellous silence manifests Thee despite the mad human agitation – the immutable and constant silence so living in all things that one has but to listen to hear it, in contrast with all that is futile noise, vain agitation, useless dispersion of energies. Let it flower in our being as a source of light and peace; may its power radiate over all in beneficent streams.

Thou art the savour of all life and the reason for all activity, the goal of our thoughts."

(Prayers and Meditations, p. 44)

''ମାନବଜାତିର ସକଳ ପ୍ରକାର ପାଗଳାମି ତଥା ବିଦ୍ରୋହ ସତ୍ତ୍ୱେ ଏହି ଚମତ୍କାର ନୀରବତା ତୁମକୁ ପ୍ରକାଶିତ କରୁଛି । ଏଇସବୁ ବ୍ୟର୍ଥ କୋଳାହଳ, ନିରର୍ଥକ ବିକ୍ଷୋଭ, ଶକ୍ତିର ବୃଥା କ୍ଷୟ, ଏଇସବୁର ବିରୋଧକୁ ଅତିକ୍ରମ କରି ତୁମର ସେହି ସ୍ଥିର, ଅପରିବର୍ତ୍ତନୀୟ ଏବଂ ନିରବଚ୍ଛିନ୍ନ ନୀରବତା ପ୍ରତ୍ୟେକଙ୍କ ଭିତରେ ଏତେ ଜୀବନ୍ତ ଯେ ତାକୁ ଶ୍ରବଣ ନକରି କେହି ରହି ପାରିବେ ନାହିଁ । ଏହା ଆମ ସତ୍ତା ମଧ୍ୟରେ, ପ୍ରଶାନ୍ତି ଓ ଆଲୋକର ଉତ୍ସ ଭାବରେ ପ୍ରସ୍ଫୁଟିତ ଓ ଉତ୍ସାରିତ ହୋଇଉଠୁ; ଏହାର ଶକ୍ତିର ବିକିରଣ ସମସ୍ତଙ୍କ ଉପରେ କଲ୍ୟାଣମୟ ସ୍ରୋତସ୍ୱିନୀ ରୂପେ ବିଛାଡ଼ି ହୋଇପଡୁ ।''

''ତୁମେ ହେଉଛ ସକଳ ଜୀବନର ତ୍ରାଣକର୍ତ୍ତା ଏବଂ ସକଳ କର୍ମର କାରଣ, ଆମ ଚିନ୍ତା ଓ ଭାବନା ସକଳର ଲକ୍ଷ୍ୟସ୍ଥଳ ।''

ଦିବ୍ୟଜନନୀ ଶ୍ରୀମା ଉକ୍ତ ପ୍ରାର୍ଥନାରେ 'marvellous silence' ବା ଚମତ୍କାର ନୀରବତାର କଥା କହୁଛନ୍ତି; ଏହି 'marvellous' ଶବ୍ଦଟିର ଅର୍ଥ ହେଉଛି extremely good or pleasing; Splendid । ମା କହୁଛନ୍ତି ନୀରବତା ଭିତରେ ସର୍ବୋତ୍ତମ ମଙ୍ଗଳ, ଆନନ୍ଦ ପ୍ରଦାନକାରୀ ମାଧୁର୍ଯ୍ୟ ଏବଂ ଯିଏ ଏହି ପ୍ରକାର ନୀରବତା ଭିତରେ ପ୍ରବେଶ କରିବାରେ ସମର୍ଥ ହେଲା ତାକୁ ସାମର୍ଥ୍ୟ, ସ୍ୱାସ୍ଥ୍ୟ, ପୂର୍ଣ୍ଣାଙ୍ଗ ଶକ୍ତି ପ୍ରାପ୍ତ ହୋଇଥାଏ । ଇଂରାଜୀରେ ଏଥିନିମନ୍ତେ ଗୋଟିଏ ଶବ୍ଦ ରହିଛି – ତାହା ହେଲା 'invigorating' ଯାହାକି ଲାଟିନ୍ ଶବ୍ଦ 'Vigor'ରୁ ଉଦ୍ଭବ ହୋଇଅଛି । ଏତାଦୃଶ ଚମତ୍କାର ନୀରବତା ମଧ୍ୟରେ ପରମପ୍ରଭୁ ପ୍ରକାଶିତ ହୁଅନ୍ତି । ପୃଥିବୀରେ ଆମେ ଆମ ଚତୁଃପାର୍ଶ୍ୱରେ ଅନବରତ ଶୁଣୁଛେ ବିଭିନ୍ନ ପ୍ରକାରର ଗଣ୍ଡଗୋଳର ଶବ୍ଦ, ଆନ୍ଦୋଳନଜନିତ ଡାକବାଜିର ନିରବଚ୍ଛିନ୍ନ ଚିତ୍କାର, ଆଘାତଜନିତ କ୍ରନ୍ଦନର ଉଚ୍ଚସ୍ୱର ଇତ୍ୟାଦି ଇତ୍ୟାଦି । ମନେ ହୁଏ ବର୍ତ୍ତମାନର ମଣିଷ ନୀରବତା ଭିତରେ ଯେପରି ଅଣଃନିଶ୍ୱାସୀ ହୋଇ ପଡୁଛି, ମୁଣ୍ଡ ଫାଙ୍କା ଫାଙ୍କା ଲାଗୁଛି । ବଜାରର ଗହଳିରେ ବୁଲି ଆସିଲେ ମୁଣ୍ଡ ଠିକ୍ ହୋଇ ଯାଉଛି । କିନ୍ତୁ ଏହି ପ୍ରାର୍ଥନାରେ ଶ୍ରୀମା କହୁଛନ୍ତି ସେହି ଚମତ୍କାର ନୀରବତା ପ୍ରତ୍ୟେକଙ୍କ ଭିତରେ ଏତେ ଜୀବନ୍ତ ଯେ ଏତେସବୁ ଗଣ୍ଡଗୋଳିଆ ପରିସ୍ଥିତି ସତ୍ତ୍ୱେ ତାହା ପ୍ରତ୍ୟେକଙ୍କୁ ଆକର୍ଷିତ କରୁଛି ଏବଂ ସେମାନେ ସେହି ନୀରବତାର ମଧୁର ଗୁଞ୍ଜରଣ ବା ସ୍ପନ୍ଦନକୁ ଶ୍ରବଣ କରିବା ବ୍ୟତୀତ ଅନ୍ୟ ଗତି ନାହିଁ ବୋଲି ମନେ କରୁଛନ୍ତି ।

ଆମେ ନୀରବତାର ବଳୟ ଭିତରେ ପ୍ରବେଶ କରିବା ନିମନ୍ତେ ପ୍ରକୃତି ଅନେକ ବ୍ୟବସ୍ଥା କରିଛି । ଅନନ୍ତ ସାଗର ବକ୍ଷରେ ଅସୁମାରୀ ଢେଉ ବେଳାଭୂମିରେ ମୁଣ୍ଡ ପିଟୁଛି, ଅନେକ ବିରାଟ ଦ୍ରୁମ ସେମାନଙ୍କର ଶାଖାପ୍ରଶାଖାମାନଙ୍କୁ ଚତୁର୍ଦ୍ଦିଗକୁ ପ୍ରସାରିତ କରି, ଅପୂର୍ବ ପତ୍ରସଜ୍ଜା ବିଧିରେ ସୁଶୀତଳ ଛାୟା ପ୍ରଦାନପୂର୍ବକ ନିଦାଘ ଗ୍ରୀଷ୍ମରେ ଆଉଟୁପାଉଟୁ ହେଉଥିବା ପଥିକମାନଙ୍କୁ ସ୍ୱାଗତସୂଚକ ହସ୍ତ ପ୍ରସାରି ଦେଉଛନ୍ତି; କହୁଛନ୍ତି, ''ଆସ ମୋ ଛାୟାରେ ଉପବେଶନପୂର୍ବକ ଶାନ୍ତ

ନୀରବତାର ସ୍ୱାଦ ଆସ୍ୱାଦନ କର ।'' ପୁଷ୍ପବାଟିକା ମଧ୍ୟରେ ମଧୁମକ୍ଷିକାମାନଙ୍କର ଗୁଞ୍ଜରଣ ଶବ୍ଦର ସଙ୍ଗୀତ, ଫୁଲରୁ ଫୁଲକୁ ଉଡ଼ି ଉଡ଼ି ମଧୁ ସଂଗ୍ରହର ଦୃଶ୍ୟ ମଧ୍ୟ ଆମ୍ଭମାନଙ୍କ ଭିତରେ ଏକ ଯାଦୁକରୀ ଆନନ୍ଦ ସ୍ରୋତର ଫୁଆରା ଖୋଲିଦିଏ ଏବଂ ହଠାତ୍ ଆମେ ଏକ ଅପ୍ରତ୍ୟାଶିତ ନୀରବତାର ସାମ୍ରାଜ୍ୟ ଭିତରେ ପ୍ରବେଶ କରିଯାଉ । ଆମ ସତ୍ତା, ମନ, ପ୍ରାଣ ଓ ଶରୀର ଭିତରେ ପ୍ରଶାନ୍ତି ଓ ଆଲୋକର ସ୍ରୋତ ପ୍ରବାହିତ ହେବାକୁ ଲାଗେ । ଏତାଦୃଶ ଜ୍ୟୋତି, ଶକ୍ତିରେ ରୂପାନ୍ତରିତ ହୋଇ ଆମର ଜୀବକୋଷମାନଙ୍କୁ ଉଦ୍ଦୀପିତ କରେ ଏବଂ କର୍ମ-ପ୍ରେରଣା ପ୍ରଦାନ କରିଥାଏ । ସେତେବେଳେ ଆମେ ଆମର ଚିରାଚରିତ କାର୍ଯ୍ୟନିର୍ଘଣ୍ଟରୁ ବାହାରି ଆସି ଅନ୍ୟ ଏକ ବାସ୍ତବ ସତ୍ୟର ସମ୍ମୁଖୀନ ହୋଇଥାଉ ଏକ ଶକ୍ତିଶାଳୀ ନୀରବତାର ବଳୟ ମଧ୍ୟରେ ।

ଉକ୍ତ ପ୍ରାର୍ଥନାଟିରେ ଶ୍ରୀମା ନୀରବତାକୁ କିପରି ଶ୍ରବଣ କରାଯିବା କଥା ତାହାର ରହସ୍ୟଟିକୁ ଉନ୍ମୋଚିତ କରି ଦେଇଛନ୍ତି । ଆମ ଚେତନାର ଉପରି ଭାଗରେ ବିଭିନ୍ନ ପ୍ରକାର ଚାପର ଯେଉଁ ଓଜନିଆ କଡ଼ି (beam)ଟି ଲଦି ହୋଇ ରହିଛି ଆମକୁ ତାହାକୁ ଉଠାଇ ଦେବାକୁ ହେବ । ବାହ୍ୟ ଜଗତରୁ ଦୃଷ୍ଟି ଫେରାଇ ଆଣି ଆନ୍ତର ଜଗତକୁ ଦେଖିବାକୁ ହେବ । ତତ୍ପରେ ଚେତନା ସମ୍ପର୍କରେ ଯେତେସବୁ ''ପରୀକଥା'' ଆମେ ଶୁଣିଛେ ସେ ସମସ୍ତ ଏହି ଚମତ୍କାର ନୀରବତା ('marvellous silence')ର ମଧୁର ବାସ୍ତବତାର ଚାପରେ କୁଆଡ଼େ ମିଳେଇ ଯିବେ । କାରଣ ଏହି ନୀରବତାଟି ବହୁତ ଶକ୍ତିଶାଳୀ ଏବଂ ଶୀତଳତା ପ୍ରଦାନ-କାରୀ ଯନ୍ତ୍ରଟିଏ ଅଟେ । ଏହା ଭିତରେ ଅନେକ ସମ୍ଭାବନା ରହିଛି ଏବଂ ଏହାକୁ କାର୍ଯ୍ୟକାରୀ କରିବାର ଉପାୟ ମଧ୍ୟ । ଯାହା ଗୋଟିଏ ଝଟକାରେ ବ୍ୟକ୍ତି ଭିତରେ ଅଫୁରନ୍ତ ଶକ୍ତି ଓ ସାମର୍ଥ୍ୟର ଫୁଆରା ଖୋଲି ଦେଇପାରେ ଏବଂ ଜୀବନରେ ଯେତେ ଝଡ଼ଝଞ୍ଜାଜନିତ ଅବକ୍ଷୟ ଆସେ ତାକୁ ସମ୍ପୂର୍ଣ୍ଣ ପୋଛି ଦେଇ ନବଜନ୍ମ ପ୍ରଦାନ କରିବାର କ୍ଷମତା ଏହି ଚମତ୍କାର ନୀରବତା ଭିତରେ ବିଦ୍ୟମାନ ।

ଦିବ୍ୟଜନନୀ ଶ୍ରୀମା ଆମ ସମସ୍ତଙ୍କ ତରଫରୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ଜଣାଇ କହୁଛନ୍ତି :

"Let it flower in our being as a source of light and peace; may its power radiate over all in beneficent streams."

ଏହି ଚମତ୍କାର ନୀରବତା ଆମ ସମସ୍ତଙ୍କ ସତ୍ତା ଭିତରେ ଫୁଟିଉଠୁ ଏକ ଆଲୋକର ଉତ୍ସ ଭାବରେ, ପ୍ରଶାନ୍ତିର ଉତ୍ପତ୍ତିସ୍ଥଳ ଭାବରେ; ଏହାର ଶକ୍ତି ବିଚ୍ଛୁରିତ ହେଉ ଅର୍ଥାତ୍ ସମସ୍ତଙ୍କୁ ନିଜର ଉଷ୍ମତା ଓ ଆଲୋକ ପ୍ରଦାନ କରୁ । ନୀରବତା ଭିତରେ ମଧ୍ୟ ଆଲୋକ ଏବଂ ଉଷ୍ମତା ରହିଛି ଏବଂ ତାହା ଏକ ସ୍ରୋତ ରୂପରେ ସର୍ବଦା ପ୍ରବାହିତ ହେଉଥାଏ ଏବଂ ସେହି ସ୍ରୋତ ସକଳଙ୍କ ନିମନ୍ତେ ମଙ୍ଗଳପ୍ରଦ ତଥା ଲାଭପ୍ରଦ ହୋଇଥାଏ । ସେହି ସ୍ରୋତରେ ଯିଏ ଅବଗାହନ କରେ ତା'ର ଚେତନା ଊର୍ଦ୍ଧ୍ୱଗାମୀ ହୋଇଥାଏ ଏବଂ ଆତ୍ମ-ମୁକ୍ତି ଲାଭ କରିଥାଏ । ଏହି ଚମତ୍କାର ନୀରବତାର ଆଲୋକ ମଧ୍ୟରେ ଦିବ୍ୟଜନନୀ ସର୍ବଦା କାର୍ଯ୍ୟ କରୁଛନ୍ତି, ସକଳ ପ୍ରାଣୀମାନଙ୍କର ସୁଖଦୁଃଖ ବୁଝୁଛନ୍ତି ଏବଂ ନୀରବତା ଭିତରେ ସେ ସମସ୍ତର ସମାଧାନ କରି ଦେଉଛନ୍ତି ।

ଏହି ପରିପ୍ରେକ୍ଷୀରେ ୧୯୭୨ ମସିହାରେ ଘଟିଥିବା ଏକ ସତ୍ୟ ଘଟଣାର ଉପସ୍ଥାପନା କଲେ ମା'ଙ୍କର କାର୍ଯ୍ୟଧାରା ସମ୍ପର୍କରେ ଏବଂ ସୁରକ୍ଷା ପ୍ରଦାନକାରୀ ଶକ୍ତି ସମ୍ପର୍କରେ ଆମେ ଅବଗତ ହୋଇ ପାରିବା । ଘଟଣାଟି ଏହିପରି : ୧୯୭୨ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକ ସମଗ୍ର ଭାରତବର୍ଷରେ ପାଳିତ ହେଉଥାଏ । 'ଶ୍ରୀଅରବିନ୍ଦ ସୋସାଇଟି'ର ସମ୍ପାଦକ ନବଜାତ ଜାନୁଆରୀ ମାସରେ ଆଶ୍ରମର 'ଜି' ନାମକ ଜନୈକ ସାଧକଙ୍କୁ ସାଙ୍ଗରେ ନେଇ ମା'ଙ୍କ ପାଖକୁ ଗଲେ ଏବଂ ନିବେଦନ କଲେ ଯେ ମା ଯଦି ଅନୁମତି ଦିଅନ୍ତି ତାହା ହେଲେ 'ଜି'ଙ୍କୁ ଭାରତର ବିଭିନ୍ନ ରାଜ୍ୟରେ ଉତ୍ସବ ପାଳନ କାର୍ଯ୍ୟର ପରିଚାଳନା ନିମନ୍ତେ ପଠାଯାଇପାରନ୍ତା । ମା ଏଥିରେ ସମ୍ମତ ହେଲେ ଏବଂ 'ଜି'ଙ୍କୁ ଏକ ସ୍ୱତନ୍ତ୍ର ଆଶୀର୍ବାଦ-ପୁଷ୍ପ ପ୍ୟାକେଟ୍ ସହ ଶ୍ରୀଅରବିନ୍ଦଙ୍କର ଏକ ବଡ଼ ଫଟୋ ପ୍ରଦାନ କଲେ ।

ଭାରତରେ ଶ୍ରୀଅରବିନ୍ଦଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ପାଳିତ ହେଲା ଏବଂ ତତ୍‌ସହିତ ପଡ଼ୋଶୀ ଦେଶରେ ଥିବା ଶ୍ରୀଅରବିନ୍ଦ କେନ୍ଦ୍ରମାନଙ୍କରେ ଯଥା : ନେପାଳ, ଭୂଟାନ, ଶ୍ରୀଲଙ୍କାରେ ମଧ୍ୟ ପାଳିତ ହୋଇଥିଲା । କେବଳ ରହିଗଲା 'ବାଙ୍ଗଲାଦେଶ' । କାରଣ ୧୯୭୧ ମସିହାରେ 'ବାଙ୍ଗଲାଦେଶ' ସ୍ୱାଧୀନ ହୋଇଥାଏ; ସେଠାରେ ବହୁତ ଗଣ୍ଡଗୋଳିଆ ପରିସ୍ଥିତି ଲାଗି ରହିଥାଏ । ତାହା ସତ୍ତ୍ୱେ ସେଠାରେ ଏହି ଉତ୍ସବ ପାଳିତ ହୋଇଥିଲା । ଏହା ଜାଣିଲେ ଆମେ ବୁଝିଯିବା ଯେ ଦିବ୍ୟଜନନୀ ଶ୍ରୀମାଙ୍କର କରୁଣା ଓ ଶକ୍ତି କିପରି ନିରନ୍ତର 'ଚମତ୍କାର ନୀରବତା' ଭିତରେ ଆନ୍ତରିକ, ନିଷ୍ପାପର ଏବଂ ଉତ୍ସର୍ଗୀକୃତ

ଭାବରେ ଭଗବାନଙ୍କର ସେବା କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ସହିତ ରହିଥାଏ ଏବଂ ଆଶ୍ଚର୍ଯ୍ୟଧରଣର କାର୍ଯ୍ୟ କରିଥାଏ ।

ଜୁନ୍ ୧୯୭୨ରେ ଶ୍ରୀମା'ଙ୍କୁ ପ୍ରଣାମ ଜଣାଇ 'ଜି' ବାଙ୍ଗଲାଦେଶ ଅଭିମୁଖେ ଯାତ୍ରା ଆରମ୍ଭ କଲେ । କଲିକତା ବିମାନ ବନ୍ଦରରେ ପହଞ୍ଚି ଶୁଳ୍କ ଆଦାୟକାରୀ କର୍ମଚାରୀଙ୍କ ପାଖରୁ ଜାଣିବାକୁ ପାଇଲେ ଯେ ଭାରତରୁ ବାଙ୍ଗଲାଦେଶ ଯାଉଥିବା ବିମାନ ଯାତ୍ରୀମାନେ ନିଜ ସହିତ ପଞ୍ଚଶତ ଭାରତୀୟ ମୁଦ୍ରାଠାରୁ ଅଧିକ ଟଙ୍କା ସାଥିରେ ନେଇ ପାରିବେ ନାହିଁ । 'ଜି' ଯେତେ ଚେଷ୍ଟା କଲେ ବୁଝାଇବା ପାଇଁ, ସେମାନେ ତାଙ୍କ ନିୟମ କୋହଳ କରିବାକୁ ରାଜି ହେଲେ ନାହିଁ । ଶେଷରେ ସେ ମା'ଙ୍କୁ ଏକ ଟେଲିଗ୍ରାମ ପଠାଇ ସବୁକଥା ନିବେଦନ କରି ଦେଲେ ଏବଂ ପାଞ୍ଚଶହ ମୁଦ୍ରା ପକେଟରେ ଧରି ଉଡ଼ାଜାହଜକୁ ଉଠିଲେ । 'ଜି' ବାଙ୍ଗଲାଦେଶର ରାଜଧାନୀ ଢାକାର ବିମାନ ବନ୍ଦରରେ ଓହ୍ଲାଇଲା ବେଳେ ଅନ୍ୟ ଜଣେ ଶୁଳ୍କ ଆଦାୟକାରୀ ଅଫିସର ତାଙ୍କ ସାର୍ଟର ପକେଟରେ ଲଗାଯାଇଥିବା ସୁବର୍ଣ୍ଣ ନିର୍ମିତ ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତୀକଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ମହାଶୟ, ଏଇଟିକୁ ଭିତରେ ରଖି ଦିଅନ୍ତୁ, ନହେଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି, କାରଣ ଏଠାରେ ଭାରତୀୟ ମୁନିଋଷିମାନଙ୍କ କଥା କେହି ଶୁଣିବେ ନାହିଁ ।'' 'ଜି' ତାଙ୍କୁ କିଛି ନକହି ମା'ଙ୍କୁ ସ୍ମରଣ କରି ଆଗକୁ ବଢ଼ିଲେ । କିନ୍ତୁ ଯିବେ କୁଆଡ଼େ ? ପକେଟରେ ତ ମାତ୍ର ପାଞ୍ଚଶହ ଟଙ୍କା । ଅଗତ୍ୟା ଅନ୍ୟ ଉପାୟ ନପାଇ ଏକ ଟ୍ୟାକ୍ସି ଡ୍ରାଇଭରକୁ ଡାକି କହିଲେ, ''ଦୟାକରି ମୋତେ ଗୋଟିଏ ଭଲ ହୋଟେଲକୁ ନେଇ ଚାଲନ୍ତୁ ।'' ଡ୍ରାଇଭର ତାଙ୍କୁ ଢାକାର ଏକ ଇଣ୍ଟର-କଣ୍ଟିନେଣ୍ଟାଲ୍ ହୋଟେଲକୁ ନେଇ ଗଲେ । ତଳେ ଲିଫ୍ଟ ପାଖରେ ଠିଆ ହୋଇ ପକେଟସ୍ଥିତ ପଞ୍ଚଶତ ଟଙ୍କା ଉପରେ ହାତ ମାରୁଥା'ନ୍ତି ଏବଂ ମା'ଙ୍କୁ ଡାକୁଥା'ନ୍ତି । କିଛି ସମୟ ପରେ ଲିଫ୍ଟଟି ତଳକୁ ଆସିଲା । 'ଜି' ସବୁ ଲୋକଙ୍କ ଉପରେ ଆଖି ବୁଲାଇ ଆଣିଲେ । ହଠାତ୍ ତାଙ୍କ ଆଖି ଜନୈକ ଭଦ୍ରବ୍ୟକ୍ତିଙ୍କ ଉପରେ ରହିଗଲା, ଭଦ୍ରବ୍ୟକ୍ତି ଜଣଙ୍କ ମଧ୍ୟ 'ଜି'ଙ୍କୁ ସେଠାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଥିଲେ ଜଣେ ଆନ୍ତର୍ଜାତିକ ବିଖ୍ୟାତ ବ୍ୟବସାୟୀ ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ଭକ୍ତ । 'ଜି'ଙ୍କ ସହିତ କଥାବାର୍ତ୍ତା ହୋଇ ସେ ତାଙ୍କର ବାଙ୍ଗଲାଦେଶ ଯାତ୍ରାର ଉଦ୍ଦେଶ୍ୟ ଓ ତାଙ୍କ ପାଖରେ ମାତ୍ର ପାଞ୍ଚଶହ ଟଙ୍କା ଥିବାର କଥା ଜାଣିଗଲେ ଏବଂ କହିଲେ, ''ଦାଦା, ଏହି ଅକସ୍ମାତ୍ ସାକ୍ଷାତ୍ କେବଳ ମା କରାଇଛନ୍ତି, ଆପଣ କିଛି ବ୍ୟସ୍ତ ହେବା ଆବଶ୍ୟକ ନାହିଁ ।'' ଟ୍ୟାକ୍ସି ଡ୍ରାଇଭରକୁ ତା'ର ପ୍ରାପ୍ୟ ପ୍ରଦାନ କରି ଦୁହେଁ ହୋଟେଲ ମ୍ୟାନେଜରଙ୍କ ପ୍ରକୋଷ୍ଠକୁ ଗଲେ ଏବଂ ସେ ମ୍ୟାନେଜରଙ୍କୁ କହିଲେ, ''ମୋର ବନ୍ଧୁ ଆପଣଙ୍କ ହୋଟେଲରେ ରହିବେ ଏବଂ ତାଙ୍କର ସମସ୍ତ ପ୍ରକାର ହୋଟେଲର ଦେୟ ମୁଁ ଡିପୋଜିଟ୍ କରିବି । ତତ୍‌ସହିତ ତାଙ୍କର ଯାତାୟାତ ନିମନ୍ତେ ଡ୍ରାଇଭର ସହିତ ଏକ କାର୍‌ର ବ୍ୟବସ୍ଥା କରି ଦେବେ ।''

'ଜି'ଙ୍କୁ କହିଲେ, ''ଦାଦା, ଏହାସବୁ ଦିବ୍ୟଜନନୀ ଶ୍ରୀମାଙ୍କ ଲୀଳା, ଅଜଣା ଅଶୁଣା ସ୍ଥାନରେ କେହି ସାହାଯ୍ୟ କରିବାକୁ ନଥିଲେ ମା ସ୍ୱୟଂ ବ୍ୟବସ୍ଥା କରି ଦିଅନ୍ତି, କେହି ଜାଣିପାରନ୍ତି ନାହିଁ; 'ଚମତ୍କାର ନୀରବତା' ଭିତରେ ତାଙ୍କ କାର୍ଯ୍ୟ ଚାଲିଥାଏ ।'' 'ଜି'ଙ୍କୁ ତାଙ୍କର ପରିଚିତ ବାଙ୍ଗଲାଦେଶର କେତେକ ମନ୍ତ୍ରୀମାନଙ୍କୁ ସାକ୍ଷାତ୍ କରାଇ ଦେବାର ପ୍ରତିଶ୍ରୁତି ପ୍ରଦାନ କରି, ମା'ଙ୍କୁ ପ୍ରଣାମ ଜଣାଇ ଭଦ୍ରଲୋକ ସେ ସ୍ଥାନ ପରିତ୍ୟାଗ କଲେ । 'ଜି' ଏହି ବଦାନ୍ୟତାରେ କୃତକୃତ୍ୟ ହେଲେ ଏବଂ ଏପରି ଅଜଣା ସ୍ଥାନରେ ମା'ଙ୍କର ସମସ୍ତ କୃପା ଠୁଳ ହୋଇ ରହିଛି ଏବଂ ତାଙ୍କୁ ପ୍ରତି ପଦକ୍ଷେପରେ କିପରି ସୁରକ୍ଷା ଦେଇ ଚାଲିଛି ସେହି କଥା ଭାବି ତାଙ୍କ ଆଖିରେ ଲୁହ ଆସିଗଲା ।

(ଦିବ୍ୟ ସମାଚାର ପୁସ୍ତକରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing with the Mother's Prayers and Meditations – Shyam Kumari

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୪)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

ଶ୍ରୀମା ସର୍ବଜ୍ଞ, ଶ୍ରୀଅରବିନ୍ଦଙ୍କର ଶକ୍ତି-ସ୍ୱରୂପିଣୀ । ସେ କହିଛନ୍ତି : "Without him, I exist not; without me, he is unmanifest." (MCW-13, p. 32)

ତେଣୁ ଶ୍ରୀମାହିଁ କେବଳ ଜାଣନ୍ତି ଶ୍ରୀଅରବିନ୍ଦଙ୍କର ଏହି ମହାପ୍ରୟାଣର ହେତୁ (ତାଙ୍କ ବାଣୀ : "We stand in the Presence of Him who has sacrificed his physical life in order to help more fully his work of transformation.")

(MCW, Vol. 13, P. 8)

ଶ୍ରୀଅରବିନ୍ଦ ଲେଖୁଛନ୍ତି : "In her deep and great love for her children she has consented to put on herself the cloak of this obscurity, condescended to bear the attacks and torturing influences of the powers of the Darkness and the Falsehood,..."

(The Mother, P. 24 - 25)

ପୁଣି ଲେଖୁଛନ୍ତି : "The One whom we adore as the Mother is the divine Conscious Force that dominates all existence,..."

(The Mother, P. 19)

"Alone, she harbours the absolute Power and the ineffable Presence;..."

(The Mother, P. 20)

ରେଡ଼ିଓରେ ଖବର ପ୍ରକାଶ ହେବା ସଙ୍ଗେ ସଙ୍ଗେ ଦୂର-ଦୂରାନ୍ତରରୁ ତଥା ବିଭିନ୍ନ ଦେଶରୁ ଶ୍ରୀଅରବିନ୍ଦଙ୍କ ଭକ୍ତ ଶିଷ୍ୟମାନେ ଏବଂ ଦର୍ଶନାର୍ଥୀମାନେ ସବୁ ଦଳ ଦଳ କରି ଉଡ଼ାଜାହାଜରେ ଆସି ପହଞ୍ଚିବାକୁ ଲାଗିଲେ ଏଇ ପୁଣ୍ୟଧାମରେ, ପଣ୍ଡିଚେରୀର ମହାମନ୍ଦିରରେ – ''ଶ୍ରୀଅରବିନ୍ଦ ଆଶ୍ରମରେ'' । ଲୋକ ସଂଖ୍ୟା ଏତେ ବଢ଼ିଗଲା ଯେ ଶେଷରେ ଧାଡ଼ି କରି ଜଣକ ପରେ ଜଣେ ଶ୍ରୀଅରବିନ୍ଦଙ୍କ ମନ୍ଦିରରେ ପ୍ରବେଶ କରି ତାଙ୍କ ଦିବ୍ୟ ଶରୀରର ଦିବ୍ୟ ରୂପ ଦର୍ଶନ କରି ତଳକୁ ଓହ୍ଲାଇବାକୁ ଲାଗିଲେ । ଦୀର୍ଘ ଚାରିଦିନ ଧରି ଦର୍ଶନାର୍ଥୀ ଓ ଆଶ୍ରମ-ବାସୀମାନଙ୍କର ଏଇ ଯିବା ଆସିବାର ବ୍ୟାପାର ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । କାହିଁକି ନା ଏତେ ସତେଜ, ଏତେ ଅଦ୍ଭୁତ ପ୍ରଜ୍ଜ୍ୱଳକାନ୍ତି ତଥା ପ୍ରବଳ ପ୍ରାଣ ଶକ୍ତିର ପ୍ରକାଶ ସେତେବେଳ ପର୍ଯ୍ୟନ୍ତ ତାଙ୍କ ମଧ୍ୟରେ ବିଦ୍ୟମାନ ରହିଥିଲା । ତେଣୁ ଏଇ ଆଶା ଦୃଢ଼ତର ହୋଇ ଉଠିଥିଲା ଯେ ଶ୍ରୀଅରବିନ୍ଦ ଶରୀରରେ ଅଛନ୍ତି, ପୁନର୍ବାର ଚକ୍ଷୁ ଖୋଲି ଚାହିଁବେ । ଏ ଅବସ୍ଥା ହୁଏତ ଅନ୍ୟ କିଛିର ପ୍ରକାଶ ମାତ୍ର ।

ମୁଁ ଅମୃତଙ୍କ ଘର ସାମନାରେ ବସିଛି । ଶ୍ରୀଅରବିନ୍ଦଙ୍କ କକ୍ଷକୁ ଯିବି, ପାଦ ଯେପରି ଉଠୁ ନାହିଁ – କ'ଣ ଦେଖିବାକୁ ପାଇବି ଏଇ ଏକହିଁ ଆଶଙ୍କା ମନକୁ ଆନ୍ଦୋଳିତ କରୁଛି । ବାହାରେ ଯେପରି ଦେଖୁଛି, ନିଜକୁ ମଧ୍ୟ ସେହିପରି ଦେଖୁଛି; ଶ୍ରୀଅରବିନ୍ଦ ଓ ଶ୍ରୀମା ଶିଖାଇଛନ୍ତି କିପରି ନିଜକୁ କିଛି ପରିମାଣରେ ପର୍ଯ୍ୟବେକ୍ଷଣ କରିବାକୁ ହୁଏ । ଦେଖୁଛି, ଗୋଟିଏ ଦିଗରେ ଭିତରେ ଖୁବ୍ ଶାନ୍ତ ଭାବ, କିନ୍ତୁ ଶାରୀରିକ ମନ ନାନା ଭାବରେ, ବିଭିନ୍ନ ସ୍ଥାନରେ ଚଲାବୁଲା କରୁଛି; ସମୟ ନଷ୍ଟ କରୁ ନାହିଁ । ଏଇ ବସି ରହିଥିବା ସମୟ ଟିକକ ମଧ୍ୟରେ ସେସବୁ ଯେ କେତେ କୁଆଡ଼େ ପ୍ରବେଶ କଲା, ପୁଣି ବାହାରି ଆସିଲା,– ଏଇ ଭାବରେ ତା'ର ଗତି ବନ୍ଦ ହେଉ ନଥାଏ – ବିଚିତ୍ର ଘଟଣା ! ଶେଷରେ ଦେଖୁଛି ଏକ ବିଶେଷ ଭାବକୁ ଅବଲମ୍ବନ କରି ତାକୁ ମଝିରେ ରଖି ତା'ରି ଚତୁଃପାର୍ଶ୍ୱରେ ଏହା କେବଳ ଘୂରି ବୁଲୁଛି, ତା' ନିକଟରୁ ଘୁଞ୍ଚି ଆସିପାରୁନି କିଂବା ହୁଏତ ବାହାରି ଆସିବାକୁ ଚାହୁଁ ନାହିଁ ମଧ୍ୟ । ସେତେବେଳ ପର୍ଯ୍ୟନ୍ତ ସେଇ ଭାବ ମଧ୍ୟରେହିଁ ସେସବୁ ପୂର୍ବଭଳି ଚାଲିଛି ଏଇ ସବୁ ବିଭିନ୍ନ କଥା ଭାବୁ ଭାବୁ : ଆମର ଜୀବନ, ଆମର

ଜଗତ୍, ସବୁ କିଛି କେବଳ ଶ୍ରୀମା ଶ୍ରୀଅରବିନ୍ଦ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ମଝିରେ ଆମେମାନେ, ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ନେଇ ଆମେମାନେ । ଆମର ଭବିଷ୍ୟତ୍ ଦିଗକୁ ଦେଖିଲେ ଆମେମାନେ ଦେଖୁ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ, ଜୀବନର କଥା ଭାବି ବସିଲେ ଭାସିଉଠେ ତାଙ୍କରିହିଁ ଶ୍ରୀମୁଖ । ସେମାନଙ୍କ ବ୍ୟତୀତ ଆମର ଜୀବନ ଆମେ ଭାବି ବି ପାରୁନା । ଚତୁର୍ଦ୍ଦିଗରୁ ଏକତ୍ରିତ କରି ଆଣିଲେ ଆମର ଜୀବନ କେନ୍ଦ୍ରୀଭୂତ ହୋଇଉଠେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ମଧ୍ୟରେ; ତାଙ୍କ ଆଡ଼କୁ ଆମେ ସମସ୍ତେ ଉନ୍ମୁଖ ନୟନରେ ଚାହିଁ ରହିଛୁ । ଯାହାକୁ ଯାହା ଦେବା କଥା, ଯେଉଁ ନିର୍ଦ୍ଦେଶ ଯେମିତି ଦେବାର କଥା ତାହା ସେ ଦେଇ ଚାଲିଛନ୍ତି; କେତେବେଳେ ନିଜ ମୁଖ ନିଃସୃତ ବାଣୀରେ, କେତେବେଳେ ପତ୍ର ମାଧ୍ୟମରେ, ପୁଣି କେତେବେଳେ କେବଳ ଆନ୍ତର ସ୍ପର୍ଶର ମାଧ୍ୟମରେ । ଆମର ଚେଷ୍ଟା ଚାଲେ ତାହା ପାଳନ କରିବାକୁ । କିନ୍ତୁ ଶ୍ରୀଅରବିନ୍ଦ କହିଛନ୍ତି : "An entire faith, opening, self-giving to the Mother are the one condition necessary throughout." ''ସେ ଦିଗରୁ ତ ଆମମାନଙ୍କର ସେ ପ୍ରକାର ଆତ୍ମସମର୍ପଣ ସେତେବେଳ ପର୍ଯ୍ୟନ୍ତ ହୋଇ ନାହିଁ, କାର୍ଯ୍ୟତଃ ଚେଷ୍ଟା କରୁଛି; କଲେ ମଧ୍ୟ ସବୁବେଳେ ଯେ ସଫଳ ହୋଇପାରୁଛି ତା' ବି ନୁହେଁ; ଝୁଣ୍ଟି ପଡ଼ୁଛି, ଧକ୍କା ଖାଉଛି, ବାରବାଂର ପଡ଼ି ଯାଉଛି, ପୁଣି ଉଠି ବି ପଡ଼ୁଛି ତାଙ୍କରି କୃପା ବଳରେ, ତାଙ୍କରି ହାତ ଧରି । ସେମାନଙ୍କ ମଧ୍ୟରୁ କାହାରିକୁ ବି ବାଦ୍ ଦେଇ କ'ଣ ଜୀବନ ? ଏହା କ'ଣ ସମ୍ଭବ ହୋଇପାରେ ! ଶ୍ରୀଅରବିନ୍ଦ ଭଗବାନ୍, ଚିରଦିନ ରହିଥିବେ, କିନ୍ତୁ ଆମେ ତାଙ୍କ ସଙ୍ଗେ ଯେଉଁ ଭାବର ସମ୍ବନ୍ଧରେ ଅଭ୍ୟସ୍ତ, ସେ ଭାବ ସମ୍ବନ୍ଧରେ ତ ପୂର୍ଣ୍ଣଚ୍ଛେଦ ପଡ଼ିଲା !'' ଏଇ ସବୁ ମଧ୍ୟରେ ଥିବାବେଳେ ବି ବହିର୍ଚ୍ଚେତନା କୁଆଡ଼େ ଚାଲିଯାଉଛି । ମନ ଆହୁରି ଦୂରକୁ ଅଗ୍ରସର ହୋଇ ଚାଲିଲା — ''ଆମ କଥା ଛାଡ଼ି ଦେଲେ ବି ସାରା ପୃଥିବୀର, ସମସ୍ତ ଜଗତ୍‌ବାସୀଙ୍କର କେତେ ବଡ଼ ମହାକ୍ଷତି ସାଧିତ ହେଲା ଯାହାର ମୂଲ୍ୟାୟନ କୌଣସି ଧାରଣାର ସମ୍ଭାବନା ମଧ୍ୟରେ ବି ଆସେ ନାହିଁ । କେତେ ବଡ଼ ବଡ଼ ଅସମ୍ଭବ ଜଟିଳ ସବୁ ସମସ୍ୟାର, କେତେ ପ୍ରହେଳିକାମୟ ସଂଶୟର, ଆହୁରି କେତେ ପ୍ରକାରର ଅଗଣିତ ତଥା କେତେ ଅଭାବନୀୟ ପ୍ରଶ୍ନର ଉତ୍ତର, ସମାଧାନ, ଦ୍ୱନ୍ଦ୍ୱର ବିଧାନ ତଥା ଏହି ସବୁ ତ ନିଶ୍ଚୟ — ତା' ଉପରେ ଆହୁରି କେତେ ଜିନିଷର ମୂଳ କାରଣ, କେତେ ଶତ ସହସ୍ର ସର୍ବୋତ୍ତମ ବାଣୀ ଶୁଣିବାକୁ ମିଳୁଥିଲା — କେବଳ ଦେଶ ସମ୍ବନ୍ଧରେ ନୁହେଁ, ସାରା ବିଶ୍ୱ ସମ୍ବନ୍ଧରେ, ଜୀବନର ଏବଂ ଦିବ୍ୟ ଜୀବନର ପ୍ରତିଟି ଘଟଣା ସମ୍ବନ୍ଧରେ ତାଙ୍କ ଲେଖନୀର ଯାଦୁକରୀ ଲେଖାର ମାଧ୍ୟମରେ ! ଏହା କ'ଣ ଶେଷ ? — 'ଶେଷ ନାହିଁ ଯେଉଁ ଶେଷ କଥା କିଏ କହିବ' — (ରବୀନ୍ଦ୍ରନାଥ) । ତାଙ୍କର ସମସ୍ତ ଗ୍ରନ୍ଥ ସମ୍ପଦ ରାଶି ଅତୁଳନୀୟ ! 'ସାବିତ୍ରୀ' ମହାକାବ୍ୟ ପରି ଏପରି ଏକ କାବ୍ୟ ଗ୍ରନ୍ଥ କ'ଣ ମିଳିବ ? — ଲୋକଚକ୍ଷୁର ଅନ୍ତରାଳରେ ସେ କାର୍ଯ୍ୟ କରି ଚାଲିଥିଲେ ମଧ୍ୟ ।'' ମନର ଅନ୍ୟ ଏକ ଦିଗରୁ ପୁଣି ତାକୁ ଏସବୁ ଚିନ୍ତାରୁ କ୍ଷାନ୍ତ ହେବାକୁ କହୁଛି, — କହୁଛି, ''ଦେଖ ତ କ'ଣ ଦେଖାଇବାକୁ ଚାହୁଁଛନ୍ତି'', ତେବେ ପୁଣି ମନ ଚାଲି ଯାଉଛି ''ଶ୍ରୀଅରବିନ୍ଦ ଦର୍ଶନ'' ଦିବସର ସେଇ ଆନନ୍ଦଘନ ସ୍ମୃତି ମଧ୍ୟକୁ । ''ଶ୍ରୀଅରବିନ୍ଦଙ୍କ ଦର୍ଶନ'' — ତାହା ଥିଲା ଆମର ପରମ ପ୍ରାପ୍ତିର ପରମ କ୍ଷଣ, ଚରମ ନିବେଦନର ଚରମ ଲଗ୍ନ ! ସେଇ ଦିନ ଲାଗି ପଥ ଚାହିଁ ରହିବାର ସେଇ ଆକୁଳ ଆଗ୍ରହର ଅସ୍ୱାଦିତ ଆସ୍ୱାଦନ, ଦର୍ଶନର ପ୍ରତୀକ୍ଷା ? ସେଇ ସବୁ କ'ଣ କମ୍ ଆନନ୍ଦର କଥା ! ନିଜ ଭିତରେ ଏଇ ଦୁଇ ଦିଗର ବର୍ଣ୍ଣନା ଦେବାକୁ ଯାଇ ଦେଖୁଛି, ମାତ୍ର ଠିକ୍ ଭାବେ କରି ପାରୁନି; ମନେ ହେଉଛି ଯେଉଁ ଜିନିଷକୁ ଚାହୁଁଛି ତାକୁ ଧରି ପାରୁନି । ଅନ୍ତରର ବାଣୀ : ''ତୁମେ ଯେଉଁ ସବୁ ବଡ଼ ବଡ଼ ଜିନିଷ ଆଉ ମିଳିବ ନାହିଁ ଇତ୍ୟାଦି କହି ତଥା ଉଦାହରଣ ଦେଇ ଆକ୍ଷେପ କରୁଛ, ସେସବୁଥିରୁ ଆହୁରି ବହୁଗୁଣରେ ଶ୍ରେଷ୍ଠ, ନୂତନ ଭାଗବତ ଜଗତ୍ ରଚନାର କର୍ମ ସମ୍ପାଦନ ନିମିତ୍ତ ତାଙ୍କୁ ଶରୀର ତ୍ୟାଗ କରିବାକୁ ହେଲା ! ସେ ନିଜେ ନ ଚାହିଁଥିଲେ ଏ ଜିନିଷ ହୋଇ ପାରି ନଥା'ନ୍ତା । ସେ ଜଗତ୍ ସୃଷ୍ଟି ହେଲେ ଯାହା ପାଇବ ସେତେବେଳେ ତୁମେ ଯାହା କହୁଛ ସେସବୁର ଅଭାବବୋଧ ବା ଆକ୍ଷେପ ରହିବ ନାହିଁ; ସେସବୁ ହେବ ଖୁବ୍ ଉଚ୍ଚ ସ୍ତରର । ଶ୍ରୀମା କହିଛନ୍ତି, ଶ୍ରୀଅରବିନ୍ଦ ସବୁ ସମୟରେ ଆମ ସଙ୍ଗେ ରହିଛନ୍ତି । ବର୍ତ୍ତମାନ ତାଙ୍କୁ ଦେଖିବାକୁ ହେଲେ ଯିବାକୁ ହେବ ଅନ୍ତରର ଗଭୀରକୁ, ଲାଭ କରିବାକୁ ହେବ ଏକ ଭିନ୍ନ ଦୃଷ୍ଟି — ଆନ୍ତର ଦୃଷ୍ଟି । ଯିବାକୁ ହେବ ସେଇ ସୀମାକୁ, ଯେଉଁ ସୀମାରେ ପହଞ୍ଚିଲେ ସେଇ ଦୃଷ୍ଟି ଲାଭର ସମ୍ଭାବନା ରହିଛି । ଶ୍ରୀମା ଅଛନ୍ତି, ଯାହା କରାଇବେ ତାହାହିଁ ହେବ ।''

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଶାନ୍ତି ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ଶାନ୍ତି' (PEACE) ହେଉଛି ଅନ୍ୟତମ । ଶ୍ରୀମା ହଳଦୀ ଗଛର ଫୁଲକୁ ଶାନ୍ତିର ଆଧ୍ୟାତ୍ମିକ ପ୍ରତିନିଧିରୂପେ ଗ୍ରହଣ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ଲାଟିନ୍ ଭାଷାରେ ହଳଦୀ ଫୁଲକୁ ''Curcuma Zedoaria'' କୁହାଯାଏ । ଶାନ୍ତି ହେଲା ସମସ୍ତ ଆଧ୍ୟାତ୍ମିକ ଉପଲବ୍ଧିର ଆଧାର ।

ଦିବ୍ୟଜନନୀ ଶ୍ରୀମା କହନ୍ତି : ''ଭଗବାନ୍ ଯାହା ଚାହାନ୍ତି ନିଜେ ମଧ୍ୟ ତାହାହିଁ ଚାହିଁବା ହେଲା ସର୍ବଦା ସବୁ ପରିସ୍ଥିତିରେ ଅବିଚଳ ଶାନ୍ତି ଅନୁଭବ କରିବା ଲାଗି ଏକମାତ୍ର ପନ୍ଥା ।''

"To will what Thou willest, always and in all circumstances, is the only way of enjoying an unshakable peace." (Flowers and Their Messages, p. 82)

ନିମ୍ନଲିଖିତ ଆଲୋଚନାଟିରେ ଶାନ୍ତି ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ଶାନ୍ତି ସମ୍ପର୍କରେ – (୨)

ଗତ ସଂଖ୍ୟାରେ ଶାନ୍ତି ପ୍ରାପ୍ତ କରିବା ନିମିତ୍ତ ମନର ଏକାଗ୍ରତା, ସ୍ଥିରତା, ପ୍ରସନ୍ନଚିତ୍ତତା, କୃତଜ୍ଞତା, ସାତ୍ତ୍ୱିକ ସ୍ୱଭାବ ଓ ଅନାସକ୍ତ ଭାବର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶାନ୍ତି ଅର୍ଜନ କରିବା ଲାଗି ଆଉ କେତୋଟି ଉପାୟ ଓ ତଥ୍ୟ ସମ୍ପର୍କରେ ଆଲୋକପାତ କରିବା ।

ସମତା, ଆନ୍ତରିକତା, ନମ୍ରତା, ଗ୍ରହଣଶୀଳତା, ଉଦାରତା ଇତ୍ୟାଦି ଦିବ୍ୟଗୁଣ ହାସଲ କରିବା ନିମିତ୍ତ ଯେପରି କେତେକ ଶୃଙ୍ଖଳା ଓ ସାଧନା ଅବଲମ୍ବନ କରିବାକୁ ପଡ଼େ, ଶାନ୍ତି ହାସଲ କରିବା ଲାଗି ମଧ୍ୟ ସେପରି କେତେକ ଶୃଙ୍ଖଳା ଓ ସାଧନା ଧୈର୍ଯ୍ୟର ସହ ଅବଲମ୍ବନ କରିବାକୁ ହେବ । ସବୁ କ୍ଷେତ୍ରରେ ସର୍ବପ୍ରଥମ ଆବଶ୍ୟକତା ହେଲା ନିଜେ ଚାହିଁବାକୁ ହେବ, ନିଜେ ଶାନ୍ତ ହେବା ଲାଗି ତୀବ୍ରଭାବେ ଅଭୀପ୍ସା କରିବାକୁ ହେବ । ଶାନ୍ତି ଅର୍ଜନ କରିବା ଲାଗି ସଂକଳ୍ପ କରିବାକୁ ହେବ । ଜନୈକ ସାଧକ ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରିଛନ୍ତି – ''ଆମେ କିପରି ଏକ ସ୍ଥିର ଶାନ୍ତି ପ୍ରତିଷ୍ଠା କରିବୁ ? ଏବଂ କିପରି ମନକୁ ନୀରବ କରିପାରିବୁ ?''

ଉତ୍ତର : ''ପ୍ରଥମେ ତୁମେ ଏହା ଚାହିଁବା ଉଚିତ ଏବଂ ତା'ପରେ ତୁମେ ସେଥିପାଇଁ ଚେଷ୍ଟା କରିବା ଉଚିତ, ପ୍ରୟାସ କରିବା ଉଚିତ, ନିରନ୍ତର ପ୍ରଚେଷ୍ଟା କରିବା ଉଚିତ... । ପ୍ରଥମେ ନିଶ୍ଚଳ ହୋଇ ବସ ଓ ତା'ପରେ ଏଣୁ ତେଣୁ ଗୁଡ଼ାଏ କଥା ନ ଭାବି ନିଜକୁ କହିବାକୁ ଆରମ୍ଭ କର – ''ଶାନ୍ତି, ଶାନ୍ତି, ଶାନ୍ତି, ଶାନ୍ତି, ଶାନ୍ତି, ସ୍ଥିରତା, ଶାନ୍ତି ।'' ମନ ଭିତରେ ସ୍ଥିରତା, ଶାନ୍ତି ଓ ନୀରବତାର କଳ୍ପନା କର । ଶାନ୍ତି ପାଇଁ ଆସ୍ପୃହା କର ଓ ତା'ପରେ ଶାନ୍ତିକୁ ଡାକ, ''ଶାନ୍ତି, ଶାନ୍ତି, ଶାନ୍ତି, ଶାନ୍ତି, ସ୍ଥିରତା ।''... ଯେତେବେଳେ ଚିନ୍ତାସବୁ ଆସେ ତୁମେ ସେଗୁଡ଼ିକ ପ୍ରତି ଆଦୌ ଦୃଷ୍ଟି ଦେବ ନାହିଁ... ଯେପରି ସେଗୁଡ଼ାକ ନାହାନ୍ତି ।... ହଁ, ତୁମେ ସେହିଭଳି କରିଚାଲିବ, ''ଶାନ୍ତି, ଶାନ୍ତି, ଶାନ୍ତି'' ଜପ କରିବାକୁ ହେବ ।... ସକାଳୁ ଉଠି ସେଇପରି କର, ରାତିରେ ଶୋଇବା ପୂର୍ବରୁ ସେଇଭଳି କର ।... ତା'ପରେ ଏପରି ଏକ ସମୟ ଆସିବ ତୁମର ସେଥିପାଇଁ ଆଉ ବସିବା ଦରକାର ନାହିଁ । ତୁମେ ଯେକୌଣସି କାର୍ଯ୍ୟ କରୁଥାଅ, ଯେକୌଣସି କଥା କହୁଥାଅ, କିନ୍ତୁ ସବୁରି ଭିତରେ ରହିଥିବ ଶାନ୍ତି, ଶାନ୍ତି, ଶାନ୍ତି ।...

''ଏସବୁ ବିଷୟରେ ତୁମେ ଖୁବ୍ ସରଳ ଓ ସହଜ ହୋଇଯିବା ଉଚିତ । ସତେ କି ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ କିପରି ସ୍ନେହରେ ଡାକିବାକୁ ହୁଏ, ତାହା ତୁମେ ଶିଖୁଛ : ତୁମେ ବାଧ୍ୟ କରି ସ୍ନେହରେ ଡାକିଲେ ସେ ନିଶ୍ଚୟ ଆସିବେ । ବାସ୍ ଶାନ୍ତି ଓ ନିଶ୍ଚଳତାକୁ ତୁମର ବନ୍ଧୁ ବୋଲି ମନେକର ଓ ଡାକ – ''ହେ ଶାନ୍ତି, ଶାନ୍ତି, ଶାନ୍ତି, ଦୟାକରି ଆସ । ଶାନ୍ତି, ଶାନ୍ତି, ଶାନ୍ତି ଆସ, ତୁମେ ଆସ, ଆସ, ଆସ ।'' (ଚିରନ୍ତନୀ, ପୃ. ୧୬୫-୧୬୬)

ଜଣେ ବାର ବର୍ଷର ବାଳକ ସହ ମା'ଙ୍କର ବରାବର ପତ୍ରାଳାପ ଚାଲିଥାଏ । ସେ ଏକଦା ଶ୍ରୀମା'ଙ୍କୁ ଲେଖିଥିଲା : ''Mother, make me more peaceful.''

ଶ୍ରୀମାଙ୍କ ଉତ୍ତର : ''Each time that you feel restless you ought to repeat, speaking inside yourself without exterior sound and thinking of me at the same time :

"Peace, peace, O my heart !" Do it steadily and you will be pleased with the result.''

(CWM, Vol. 16, P. 150)

ଏହାର ଓଡ଼ିଆ ଅନୁବାଦ ହେଲା –

ମାଆ ! ''ଆପଣ ମୋତେ ଅଧିକ ଶାନ୍ତି ଦିଅନ୍ତୁ ।''

ଶ୍ରୀମାଙ୍କ ଉତ୍ତର : ''ତୁମେ ଯେତେଥର ଅସ୍ଥିରତା, ଅସୁଖ ଅନୁଭବ କରିବ ସେତେଥର ମୋତେ ସ୍ମରଣ କରିବା ସଙ୍ଗେ ସଙ୍ଗେ କୌଣସି ବାହ୍ୟ ଶବ୍ଦ ଉଚ୍ଚାରଣ ନକରି ନିଜକୁ ଭିତରେ ଭିତରେ କହି ଚାଲିବ :

''ହେ ମୋର ହୃଦୟ ! ଶାନ୍ତି, ଶାନ୍ତି !'' ସ୍ଥିର ଅପ୍ରତିହତ ଭାବରେ ଏହା କରି ଚାଲିଲେ ସେଥିରୁ ତୁମକୁ ଯେଉଁ ଫଳ ମିଳିବ ସେଥିରେ ତୁମେ ଖୁସୀ ହେବ ।''

(ମାତୃରଚନାବଳି - ୧୬, ପୃ. ୧୮୧)

ଶାନ୍ତି ପ୍ରାପ୍ତ କରିବା ଲାଗି ତୀବ୍ର ଭାବେ ଅଭୀପ୍ସା କରିବା ସଙ୍ଗେ ସଙ୍ଗେ ଶାନ୍ତିକୁ ଆବାହନ କରିବାକୁ ହେବ – ଏପରି ଡାକିବାକୁ ହେବ ଯେପରି ସେ ଆପଣାର ଜଣେ ସ୍ନେହାସ୍ପଦ ଘନିଷ୍ଠ ବନ୍ଧୁ ଓ ଆମର ସ୍ନେହାପ୍ଲୁତ ଆକୁଳ ନିମନ୍ତ୍ରଣକୁ ସେ ନିଶ୍ଚୟ ରକ୍ଷା କରିବେ । ଅବଶ୍ୟ ଏପରି ଆବାହନ ସହ କୌଣସି ଅଧୀରତା, ବ୍ୟଗ୍ରତା, ଅସ୍ଥିରତା, ବ୍ୟାକୁଳତା ଯଦି ପ୍ରବେଶ କରେ ତେବେ ଶାନ୍ତି ବଦଳରେ ଅଶାନ୍ତି ଆସି ଉପସ୍ଥିତ ହୋଇଯାଏ । ଶାନ୍ତି ତୁଲ୍ୟ ମହାର୍ଘ ଦିବ୍ୟ ବସ୍ତୁକୁ ଗ୍ରହଣ କରିବା ନିମିତ୍ତ ଆଧାରଟି ଉନ୍ମୁକ୍ତ, ବ୍ୟାପ୍ତ ଓ ପ୍ରସାରିତ ହୋଇଥିବା ଆବଶ୍ୟକ । ଚେତନାଟିର ପ୍ରସାରତା ବା ବ୍ୟାପ୍ତି ବୃଦ୍ଧି କରିବାକୁ ହେବ, ବିଶ୍ୱଜନୀନ କରିବାକୁ ହେବ । ଅସୀମ ସାଗର କିଂବା ଅନନ୍ତ ମହାକାଶ ସହ ସତ୍ତାଟି ଏକାତ୍ମତା ସ୍ଥାପନ କରିପାରିଲେ ଶାନ୍ତି ଗ୍ରହଣ କରିବା ଲାଗି ଏକ ମୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇଯାଏ । ଅହଂକାର, ସ୍ୱାର୍ଥପରତା, ଆତ୍ମକେନ୍ଦ୍ରିକତା ମଣିଷର ଚେତନାକୁ ସଂକୀର୍ଣ୍ଣ କରିଦିଏ ଓ ଏପରି ସଂକୀର୍ଣ୍ଣ ଚେତନାହିଁ ଅଶାନ୍ତିର ଉଦ୍‌ଗମ ଲାଗି ଏକ ଉର୍ବର ମୁକ୍ତକ୍ଷେତ୍ର ପ୍ରସ୍ତୁତ କରିଦିଏ ।

ଉଭୟ ଅନ୍ତଃ ପ୍ରଦେଶରେ ଓ ବାହ୍ୟ ପରିବେଶରେ, ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି ଉପନିଷଦ୍ ଯୁଗର ବୈଦିକ ଋଷିଗଣ ପ୍ରତ୍ୟେକ ଶୁଭକର୍ମ ଓ ଯଜ୍ଞ ଆରମ୍ଭ କରିବା ପୂର୍ବରୁ ନିମ୍ନୋକ୍ତ ଶାନ୍ତିମନ୍ତ୍ରଟି ପାଠ କରନ୍ତି, ଯାହା ଶୁକ୍ଳ ଯଜୁର୍ବେଦରୁ ଉଦ୍ଧାର କରାଯାଇଛି । ମନ୍ତ୍ରଟି ହେଲା –

''ଓଁ ଅନ୍ତରିକ୍ଷଂ ଶାନ୍ତିଃ – ଆକାଶମଣ୍ଡଳରେ ଶାନ୍ତି ବିରାଜମାନ କରୁ ।

ଓଁ ଆପଃ ଶାନ୍ତିଃ – ଜଳରେ ଶାନ୍ତି ପ୍ରତିଷ୍ଠିତ ହୋଇ ରହିଥାଉ ।

ଓଁ ବନସ୍ପତୟଃ ଶାନ୍ତିଃ – ଗୁଳ୍ମ, ବୃକ୍ଷ, ଲତାଦି ଉଦ୍ଭିଦ ଜଗତରେ ଶାନ୍ତି ପ୍ରକାଶିତ ହେଉ ।

ଓଁ ଔଷଧୟଃ ଶାନ୍ତିଃ – ଔଷଧଗୁଡ଼ିକ ମଧ୍ୟରେ ଶାନ୍ତି କ୍ରିୟାଶୀଳ ହୋଇ ଥାଉ ।

ଓଁ ସର୍ବେ ଦେବାଃ ଶାନ୍ତିଃ – ଦେବତା ସକଳ ଶାନ୍ତ ରୁହନ୍ତୁ ।

ଓଁ ପୃଥିବୀ ଶାନ୍ତିଃ – ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ।

ଓଁ ବ୍ରହ୍ମ ଶାନ୍ତିଃ – ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଶାନ୍ତି ପ୍ରତିଷ୍ଠିତ ହେଉ ।

ଓଁ ଶାନ୍ତିରେବ ଶାନ୍ତିଃ – ଶାନ୍ତି ମଧ୍ୟରେ ମଧ୍ୟ ଶାନ୍ତି ପ୍ରତିଷ୍ଠିତ ହେଉ । ଅର୍ଥାତ୍ ଅନ୍ତରରେ, ବାହାରେ ସର୍ବତ୍ର ଶାନ୍ତି ବିରାଜମାନ କରୁ ।

ଓଁ ସା ମା ଶାନ୍ତିରେଧି – ସେହି ଶାନ୍ତି ମୋ ମଧ୍ୟରେ ପ୍ରତିଷ୍ଠିତ ହେଉ !

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।''

'ଶାନ୍ତି'କୁ ଆବାହନ କଲାବେଳେ କୋମଳ ସ୍ୱରରେ ଧୀରସ୍ଥିର ଭାବେ ଶାନ୍ତ ମନରେ ଡାକିବାକୁ ହୁଏ । ପ୍ରତ୍ୟେକ ବୈଦିକ ମନ୍ତ୍ରର ଶେଷରେ ତିନିଥର ଶାନ୍ତି ଉଚ୍ଚାରଣ କରାଯାଇଥାଏ । ଏତଦ୍ ଦ୍ୱାରା ହୁଏତ ମନ, ପ୍ରାଣ ଓ ଶରୀରରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି ପ୍ରାର୍ଥନା କରାଯାଉଛି । କିଂବା ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଦୁଃଖ ଓ ଅସଙ୍ଗତିଗୁଡ଼ିକର ପ୍ରଶମନ ଲାଗି ତିନିଥର ଶାନ୍ତି ଉଚ୍ଚାରଣ କରାଯାଇ ଥାଏ । ଆଧ୍ୟାତ୍ମିକ ଅସଂଗତି ଅର୍ଥ ମନ, ପ୍ରାଣ, ଶରୀର ମଧ୍ୟରେ ଥିବା ଅସଙ୍ଗତି, ଅସନ୍ତୁଳନ ବା ଶୋକ, ବ୍ୟାଧିଜନିତ ଦୁଃଖକୁ ବୁଝାଇଥାଏ ।

ନିଜ ପରିବେଶରୁ ତଥା ହିଂସ୍ର ଜନ୍ତୁ ବା ଦୁଷ୍ଟଜନମାନଙ୍କ ଯୋଗୁଁ ଯେଉଁ ଅସୁବିଧା ସୃଷ୍ଟି ହୋଇଥାଏ, ସେସବୁ ଆଧିଭୌତିକ ଦୁଃଖର ଅନ୍ତର୍ଭୁକ୍ତ । ବିଶ୍ୱପ୍ରକୃତିର ଯାବତୀୟ ତାଣ୍ଡବଲୀଳା, ଯଥା – ଝଡ଼, ତୋଫାନ, ସୁନାମି, ଅଗ୍ନିଉଦ୍‌ଗିରଣ, ଅଗ୍ନ୍ୟୁତ୍ପାତ, ଭୂମିକମ୍ପ, ନଦୀବଢ଼ି, ଭୂସ୍ଖଳନ ଇତ୍ୟାଦି ଆଧିଦୈବିକ ଦୁଃଖର ଅନ୍ତର୍ଭୁକ୍ତ । ଏହି ତିନି ପ୍ରକାର ଦୁଃଖ, ଅସଙ୍ଗତିକୁ ଦୂର କରିବା ଲାଗି ହୁଏତ ଶାନ୍ତି ତ୍ରିବାର ଉଚ୍ଚାରଣ କରାଯାଇଥାଏ ।

ଶାନ୍ତିକୁ ଏପରି ଆବାହନ କରିବା ବେଳେ ଯଦି ଚୈତ୍ୟ ସତ୍ତା ଉନ୍ମୀଳିତ ଓ ଉନ୍ମୋଚିତ ହୋଇ ସମ୍ମୁଖକୁ ଆସିଯା'ନ୍ତି ତେବେ ସାଧକ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥା'ନ୍ତି । ଏହାପରେ ଶାନ୍ତି ଅର୍ଜନ କରିବା ଲାଗି ଅନ୍ୟ କୌଣସି ଉପାୟର ଆବଶ୍ୟକତା ନଥାଏ ।

ଶାନ୍ତି ଅବତରଣ କରିବା ଲାଗି କ'ଣ ଆବଶ୍ୟକ ହୁଏ, ସେ ସମ୍ପର୍କରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

''The Peace, Power, Light, Ananda of the higher spiritual consciousness are there in all veiled above. A certain opening upwards is needed for it to descend – the quietude of the mind and a certain wide concentrated passivity to the descending Influence are the best conditions for the descent.''

(CWSA, Vol. 30, P. 482)

''ଊର୍ଦ୍ଧ୍ୱତର ଆଧ୍ୟାତ୍ମିକ ଚେତନାରେ ଦିବ୍ୟଶାନ୍ତି, ଦିବ୍ୟଶକ୍ତି, ଦିବ୍ୟ ଆଲୋକ ଓ ଦିବ୍ୟ ଆନନ୍ଦ ସବୁକିଛି ଆବୃତ ହୋଇ ରହିଛି । ତାହା ଅବତରଣ କରିବା ଲାଗି ଊର୍ଦ୍ଧ୍ୱ ଜଗତ୍ ପ୍ରତି ଏକ ଉନ୍ମୀଳନର ଆବଶ୍ୟକତା ରହିଛି – ମନର ନିଶ୍ଚଳତା ଓ ଅବତରଣ କରୁଥିବା ପ୍ରଭାବ ପ୍ରତି କିଛିଟା ଧୀର ଏକାଗ୍ରତା ବା ନିଷ୍କ୍ରିୟତା ହେଉଛି ଅବତରଣ ଲାଗି ସର୍ବୋତ୍ତମ ଅବସ୍ଥା ।'' – ଶ୍ରୀଅରବିନ୍ଦ

ପୁନଶ୍ଚ କୁହାଯାଇଛି :

"In a certain sense this inertia and the peace are the bright and dark counterparts of each other, tamas and sama – the higher Nature finding repose in peace, the lower seeking it in a relaxation of energy and a return towards the subconscient, tamas."

(CWSA, Vol. 30, P. 477)

ଏହାର ଭାବାନୁବାଦ ହେଲା – ''ଗୋଟିଏ ଦୃଷ୍ଟିରୁ ବିଚାର କଲେ ଏହି ତାମସିକତା ଓ ଶାନ୍ତି ପରସ୍ପରର ପ୍ରତିରୂପ; ଗୋଟିଏ ଅନ୍ଧକାର ଦିଗ ଏବଂ ଅନ୍ୟଟି ଆଲୋକର ଦିଗ – ତମସ୍ ଓ ସମ – ଗୋଟିଏ ଉଚ୍ଚତର ପ୍ରକୃତିରେ ବିଶ୍ରାମ ବା ଆଶ୍ରୟ ନେଇଥାଏ ଓ ଅନ୍ୟଟି ନିମ୍ନତର ଶକ୍ତିରେ ଶୈଥିଲ୍ୟ ଲାଗି ଅନ୍ୱେଷଣରତ ଓ ଅବଚେତନ ଦିଗରେ ଗତି କରୁଥାଏ, ତମସ୍ ।'' – ଶ୍ରୀଅରବିନ୍ଦ

ଏକଦା ଜଣେ ସିଦ୍ଧ ସାଧୁବାବା ଆପଣା ସଂସାରୀ ଶିଷ୍ୟର ସେବା ଓ ଯତ୍ନରେ ଅତିଶୟ ସନ୍ତୁଷ୍ଟ ହୋଇ ବର ମାଗିବାକୁ କହିଲେ । ସଂସାରୀ ଶିଷ୍ୟ ଜଣକ କହିଲା – ''ଗୁରୁଦେବ ! ମୋତେ ଏପରି ଏକ ବର ଦିଅନ୍ତୁ ଯଦ୍ୱାରା ମୁଁ ଯାହାକୁ, ଯେଉଁ ଦ୍ରବ୍ୟକୁ ସ୍ପର୍ଶ କରିବି, ତାହା ଶୁଦ୍ଧ ସୁବର୍ଣ୍ଣରେ ପରିଣତ ହୋଇଯିବ ।'' ଗୁରୁ ଶିଷ୍ୟଟିକୁ ଗୋଟିଏ ମନ୍ତ୍ର ଶିଖାଇଦେଇ କହିଲେ – ''ଏ ମନ୍ତ୍ର ପଢ଼ି ଯେକୌଣସି ଲୁହା କିଂବା ଲୁହା ଜିନିଷକୁ ସ୍ପର୍ଶକଲେ ତାହା ସୁନାରେ ପରିଣତ ହୋଇଯିବ । କିନ୍ତୁ ସାବଧାନ ! ଏହାକୁ ଅନ୍ୟ କାହାକୁ କହିବ ନାହିଁ ଓ ମନେ ରଖିବ, ସର୍ବଦା ଅତିଶୟତା ବର୍ଜନୀୟ ।'' ତତ୍‌ପରେ ଶିଷ୍ୟପ୍ରବର ଲୁହା ଓ ଲୁହାନିର୍ମିତ ସାମଗ୍ରୀସବୁ ସଂଗ୍ରହ କରିବାରେ ଅକ୍ଳାନ୍ତ ପରିଶ୍ରମ କରି ଚାଲିଲେ । ବଜାରରୁ ଚଢ଼ାଦର ଦେଇ ଲୁହା ସାମଗ୍ରୀ କିଣି ଆଣିଲେ । ଗନ୍ତାଘରଟି ଲୁହା ଓ ଲୁହା ଜିନିଷରେ ଯେତେବେଳେ ପୂରା ଭରିଗଲା, ଶିଷ୍ୟଜଣକ ଗୁରୁଦତ୍ତ ମନ୍ତ୍ରଟି ଉଚ୍ଚାରଣ କରିବାକୁ ଚେଷ୍ଟାକଲା । ବହୁ ଚେଷ୍ଟା କଲାପରେ ବି ମନ୍ତ୍ରଟି ଆଦୌ ମନେ ପଡ଼ି ନଥିଲା । ମନ୍ତ୍ରଟି ଲେଖି ରଖିଥିଲେ ଭଲ ହୋଇଥା'ନ୍ତା । ଇତି ମଧ୍ୟରେ ଲୁହା ସଂଗ୍ରହ କରିବାର ଚାରି ସପ୍ତାହ ଗଡ଼ିଯାଇଛି । ସେ ଗୁରୁଙ୍କ ନିକଟକୁ ଯାଇ ଆଉ ଥରେ ମନ୍ତ୍ରଟି ଶିଖେଇ ଦେବା ଲାଗି ଅନୁରୋଧ କଲା । ଶିଷ୍ୟକୁ ଗୁରୁ ପଚାରିଲେ – ''ଆଜି ଯାଏ କ'ଣ କରୁଥିଲ ?'' ଶିଷ୍ୟ – ''ଲୁହା ଓ ଲୁହା ଦ୍ରବ୍ୟ ସଂଗ୍ରହ କରୁଥିଲି । ବର୍ତ୍ତମାନ ଗନ୍ତାଘରଟି ଭରିଗଲାଣି ।'' ଗୁରୁ – ''ଏତେଗୁଡ଼ାଏ ସୁନା କ'ଣ କରିବ ?'' ଶିଷ୍ୟ – ''ସୁନ୍ଦର ଘରଟିଏ ନିର୍ମାଣ କରିବି । ଜମି କିଣି ବ୍ୟବସାୟ କରିବି । ପୁଅଝିଅଙ୍କୁ ବିଦେଶ ପଠେଇ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରିବି । ଝିଅକୁ ପର୍ଯ୍ୟାପ୍ତ ଯୌତୁକ ଦେଇ ଉଚ୍ଚ ଶିକ୍ଷିତ ତଥା

ମାସିକ ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଥିବା ଜ୍ୱାଇଁ ବାଛି ବିବାହ କରିଦେବି...'' ଇତ୍ୟାଦି । ଗୁରୁ ପଚାରିଲେ – ''ତାପରେ କ'ଣ କରିବ ?'' ଶିଷ୍ୟ – ''ମୁଁ ଟିକିଏ ଶାନ୍ତିରେ ଜୀବନ ଅତିବାହିତ କରିପାରିବି ।'' ଗୁରୁ କହିଲେ – ''ଆରମ୍ଭରୁ ତୁମେ ଯଦି ଶାନ୍ତି ଚାହଁ ବୋଲି କହିଥା'ନ୍ତ ତେବେ ମୁଁ ଶାନ୍ତି ଅର୍ଜନ କରିବାର ମାର୍ଗ ବା ଉପାୟଟି ବତେଇ ଦେଇଥା'ନ୍ତି । ଐଶ୍ୱର୍ଯ୍ୟ, ଧନ, ସମ୍ପତ୍ତି, ପରସ୍ପରର ସମ୍ପର୍କ ଦ୍ୱାରା ଜଣେ ଶାନ୍ତି ପ୍ରାପ୍ତ କରେ ନାହିଁ । ତୁମେ ଅଯଥା ଶକ୍ତି ଓ ସମୟର ଅପଚୟ କରିଛ । ଶାନ୍ତି ବାହାରେ ଖୋଜିଲେ ମିଳେ ନାହିଁ । ତୁମ ଅନ୍ତରରେହିଁ ଶାନ୍ତି ବିରାଜମାନ । କେତେକ ନିୟମ ଓ ଶୃଙ୍ଖଳା ପାଳନ କରି ସାଧନା କରିବା ଦ୍ୱାରା ତୁମ ହୃଦୟରେହିଁ ତୁମେ ଶାନ୍ତିକୁ ଆବିଷ୍କାର କରିପାରିବ । ତାହା ବାହ୍ୟ ସ୍ଥିତି ଉପରେ ନିର୍ଭର କରେ ନାହିଁ । ତେବେ ସେ ମନ୍ତ୍ରଟି ଥରେମାତ୍ର ଜଣକୁ କୁହାଯାଇପାରେ । ବର୍ତ୍ତମାନ ମୁଁ ବି ମନ୍ତ୍ରଟି ଭୁଲିଯାଇଛି !''

ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

"Peace of mind must be acquired not through favourable circumstances but through inner transformation."

(CWM, Vol. 14, P. 141)

''ଅନୁକୂଳ ହୋଇ ରହିଥିବା କେତୋଟି ପରିସ୍ଥିତିର ଜରିଆରେ ନୁହେଁ, ମାତ୍ର ଏକ ଅନ୍ତର୍ଗତ ରୂପାନ୍ତର ଜରିଆରେହିଁ ମନର ଶାନ୍ତିକୁ ଅର୍ଜନ କରିବାକୁ ପଡ଼େ ।''

କେବଳ ସେହି ଦିବ୍ୟ ପରମସତ୍ତାଙ୍କଠାରୁହିଁ ଜଣେ ସାଧକକୁ ଯାହାକିଛି ଶାନ୍ତି ଉପଲବ୍ଧ ହୋଇଥାଏ, ଏବଂ ଏହି ଶାନ୍ତି ବାହ୍ୟ ପରିସ୍ଥିତି ଉପରେ ଆଦୌ ନିର୍ଭର କରେ ନାହିଁ । ଆପଣାକୁ ଦିବ୍ୟ ପରମସତ୍ତାଙ୍କ ନିକଟରେ ଅଧିକରୁ ଅଧିକ ଉନ୍ମିଳିତ କରି ରଖିବା ଦ୍ୱାରା, ସେହି ଯଥାର୍ଥ ଅନ୍ତର୍ଗତ ଶାନ୍ତି ପାଇଁ ଅଭୀପ୍ସା କରିବା ଦ୍ୱାରା ଜଣେ ସମ୍ପୂର୍ଣ୍ଣ ଅବ୍ୟାହତ ଭାବରେ ନିଜର କାର୍ଯ୍ୟ କରିଯିବା ଲାଗି ଯଥେଷ୍ଟ ଶକ୍ତି ଓ ଶାନ୍ତି ପାଇପାରିବ । ଆମ ସତ୍ତା ମଧ୍ୟରେ, ହୃଦୟରେ ପରମଶାନ୍ତି ଅବିଚ୍ଛିନ୍ନ ବା ନିରନ୍ତର ବିରାଜିତ ହୋଇ ରହିଛି ।

ପରମ ଦିବ୍ୟସତ୍ତାଙ୍କ ଉପଲବ୍ଧିହିଁ ଯଥାର୍ଥ ଶାନ୍ତି ପ୍ରଦାନ କରିଥାଏ । ଏହି ପରିପ୍ରେକ୍ଷୀରେ ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଶ୍ଳୋକଟି ପ୍ରଣିଧାନ ଯୋଗ୍ୟ ।

''ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥'' (୬-୨୭)

ଏହାର ଭାବାର୍ଥ ହେଲା :

ପ୍ରଶାନ୍ତ ଚିତ୍ତ, ଶାନ୍ତ ରଜୋଗୁଣ ବା ବିକ୍ଷେପ ଶୂନ୍ୟ ଅଥଚ ସକ୍ରିୟ, ନିଷ୍ପାପ ବା ପବିତ୍ର, ବ୍ରହ୍ମଦୃଷ୍ଟି ସମ୍ପନ୍ନ ଯୋଗୀ ପୁରୁଷଙ୍କୁ ଶ୍ରେଷ୍ଠସୁଖ ବା ଦିବ୍ୟ ଆନନ୍ଦ ଅବଶ୍ୟ ପ୍ରାପ୍ତ ହୁଏ । ଅର୍ଥାତ୍ ବ୍ରହ୍ମ ଉପଲବ୍ଧିହିଁ ଯଥାର୍ଥ ସୁଖ ଓ ଶାନ୍ତି ପ୍ରଦାନ କରେ ।

ଯାବତୀୟ ପରିସ୍ଥିତିରେ ନିଜର ସମସ୍ତ ସତ୍ତାର ସକଳ ଅଂଶରେ ସମତା ଓ ଶାନ୍ତି ପ୍ରତିଷ୍ଠା କରିବା ହେଲା ଯୋଗର ଏକ ମୌଳିକ ଲକ୍ଷ୍ୟ; ଅଶୁଦ୍ଧ, ଅସ୍ଥିର ମନରେ ନିଶ୍ଚଳତା, ସ୍ଥିରତା, ନୀରବତା, ପବିତ୍ରତା ଓ ଶାନ୍ତି ପ୍ରତିଷ୍ଠା କରିବା ହେଲା ଯୋଗ ସାଧନାର ପ୍ରାଥମିକ ପଦକ୍ଷେପ । ଏହି ସାଧନାରେ କୌଣସି କୋଳାହଳ ନକରି, ବିଜ୍ଞାପନ ନଦେଇ ନିଷ୍ଠାର ସହ ଆଗେଇବାକୁ ହୁଏ ।

''The peace must be immense, the quietness deep and still, the calm unshakable, and the trust in the Divine ever-increasing.''

(CWM, Vol. 14, p. 138)

''ଶାନ୍ତି ହେବା ଉଚିତ ଅସୀମ, ସ୍ଥିରତା ହେବା ଉଚିତ ଗଭୀର ଓ ଅବିଚଳ, ପ୍ରଶାନ୍ତ ଓ ଅଟଳ ଏବଂ ଦିବ୍ୟ ପରମ ସତ୍ତାଙ୍କ ଉପରେ ଆସ୍ଥା ବା ନିର୍ଭରତା କ୍ରମବର୍ଦ୍ଧମାନ ।''

(ମାତୃରଚନାବଳି - ୧୪, ପୃ. ୧୭୪)

ଶାନ୍ତି ଓ ଆନ୍ତର ନୀରବତା ମଧ୍ୟରେ ଜଣେ ଦିବ୍ୟସାନ୍ନିଧ୍ୟ ସମ୍ପର୍କରେ ସଚେତ ହୁଏ ।

ସାଧନା କ୍ଷେତ୍ରରେ ସର୍ବପ୍ରଥମେ ଯାହା କରଣୀୟ ତାହା ହେଲା ମନରେ ଏକ ସ୍ଥିର ଶାନ୍ତି ଓ ନୀରବତା ବଜାୟ ରଖିବା । ଆମ ହୃଦୟର ନୀରବତା ମଧ୍ୟରେ ଶାନ୍ତି ସଦା ବିରାଜିତ । ଉଭୟେ ଉଭୟର ପରିପୂରକ । ମାତ୍ର ଏସବୁ ଯେପରି ନିଷ୍କ୍ରିୟ ବା ତାମସିକ ନହୁଏ, ଉଦାସୀନ ନହୁଏ, ସଂବେଦନଶୀଳତା ଲୋପ ହୋଇ ନଯାଏ । ଜୀବନରେ ସୁଖ, ଦୁଃଖ ଉଭୟର ଆତଯାତ ବାରଂବାର ଚାଲିଥାଏ । ତେବେ ଦୁଃଖ ଆସିବା ସମୟରେ ମନରେ ଏପରି ଦୃଢ଼ ପ୍ରତ୍ୟୟ ରହିଥିବ ଯେ ଦିନେ ଏହା ବି ଅପସାରିତ ହୋଇଯିବ । ସର୍ବଦା ଧୈର୍ଯ୍ୟ ରକ୍ଷା କରିବାକୁ ହେବ । ବିଳମ୍ବନ ଯୋଗୁଁ ହତାଶ ବା ନିରୁତ୍ସାହିତ ହୋଇଯିବା ଅନୁଚିତ ଓ ଅବାଞ୍ଛନୀୟ । ଏ ପ୍ରସଙ୍ଗରେ ଗୋଟିଏ ଉପକଥା ସ୍ମୃତିପଥରେ ଉଙ୍କିମାରେ ।

ଏକଦା ଜଣେ ଚାଷୀ ନିଜ ଜମିରେ ଘାସ ଚାଷ କରିବା ସହ ତା'ର ପରିସୀମାରେ କେତେକ ବାଉଁଶ ମଞ୍ଜି ନେଇ ପୋତିଲା । ଲକ୍ଷ୍ୟ ଥିଲା ଯେ ଘାସସବୁ ଗାଈଗୋରୁମାନଙ୍କ ଖାଦ୍ୟରୂପେ ବ୍ୟବହାର ହେବ ଓ ବାଉଁଶସବୁ ଘର ଛପର କଲାବେଳେ କିଂବା ବାଡ଼ ବେଢ଼ିବାରେ ବ୍ୟବହୃତ ହେବ । ମାସକ ମଧ୍ୟରେ ଘାସ ମଞ୍ଜିସବୁ ଗଜା ହୋଇ ଦ୍ରୁତ ଗତିରେ ବଢ଼ିବାରେ ଲାଗିଲା ଓ ସମସ୍ତ ଜମିଟି ସବୁଜିମାରେ ଭରିଗଲା । କିନ୍ତୁ ବର୍ଷକ ପରେ ମଧ୍ୟ ବାଉଁଶ ମଞ୍ଜି ଗଜୁରି ନଥାଏ । ତେବେ ଚାଷୀ ଘାସଗୁଡ଼ିକର ଯେପରି ଯତ୍ନ ନେଉଥାଏ ସେହିପରି ବାଉଁଶ ମଞ୍ଜିଗୁଡ଼ିକ ପାଇଁ ମଧ୍ୟ ପାଣି, ସାର ଓ ସୂର୍ଯ୍ୟାଲୋକର ବ୍ୟବସ୍ଥା କରୁଥାଏ । ଚାହୁଁ ଚାହୁଁ ପାଞ୍ଚବର୍ଷ ଗଡ଼ିଗଲା କିନ୍ତୁ ବାଉଁଶ ଗଛର ଚିହ୍ନବର୍ଣ୍ଣ କି ନାମଗନ୍ଧ ଦେଖା ଦେଲା ନାହିଁ । ଇତିମଧ୍ୟରେ କେତେଥର ଘାସ କଟାହୋଇ ଗୋରୁଗାଈଙ୍କ ଖାଦ୍ୟରୂପେ ବ୍ୟବହୃତ ହୋଇ ସାରିଲାଣି । ହଠାତ୍ ପଞ୍ଚମ ବର୍ଷ ଦିନେ ଜମି ପରିସୀମାରେ ପୋତା ଯାଇଥିବା ବାଉଁଶମଞ୍ଜି ଗଜା ହୋଇ ମସ୍ତକ ଉତ୍ତୋଳନ କରୁଥିବା ଦେଖି ଚାଷୀର ଆନନ୍ଦ କହିଲେ ନସରେ । ବର୍ଷକ ମଧ୍ୟରେ ବାଉଁଶର ଉଚ୍ଚତା ପ୍ରାୟ ପାଖାପାଖି ପଚିଶ ଫୁଟ ହୋଇଗଲା । ଏହି ଦୀର୍ଘ ପାଞ୍ଚ ବର୍ଷ ଭୂମି ଭିତରେ ବାଉଁଶ ମଞ୍ଜିରୁ ଚେର ବାହାରି ମାଟି ଭିତରକୁ ଗଭୀରରୁ ଗଭୀରକୁ ମାଡ଼ି ଚାଲିଥିଲା । ଯଦ୍ଦ୍ୱାରା ବାଉଁଶଗଛ ବଡ଼ ହୋଇ ଆକାଶ ଛୁଆଁ ହେଲାବେଳେ ତାହା ଯେପରି ସନ୍ତୁଳନ ହରାଇ ନ ବସେ ବା ଝଡ଼ବତାସରୁ ରକ୍ଷା ପାଇପାରେ ସେଥିନିମିତ୍ତ ଚାଷୀର ଚକ୍ଷୁ ଅନ୍ତରାଳରେ ପ୍ରସ୍ତୁତି ଚାଲିଥିଲା । ମାତ୍ର ଅସଲ କଥା ହେଲା ବିଳମ୍ବନ ଯୋଗୁଁ ଚାଷୀ ଅଧୀର କିଂବା ହତାଶ ନହୋଇ ସେ ମଞ୍ଜିଗୁଡ଼ିକର ଯତ୍ନ ନେବାରେ ଅବହେଳା କରି ନଥିଲା । ଠିକ୍ ସେହିପରି ସାଧକ ଶାନ୍ତି, ସମତା ପରି ଶ୍ରେୟୋଗୁଣଗୁଡ଼ିକୁ ହାସଲ କରିବାରେ ଅଗ୍ରଗତି ଦୃଶ୍ୟମାନ ନହେଲେ ବି ନିଜ ସାଧନା ବା ଉଦ୍ୟମରେ ଶିଥିଳତା ପ୍ରକାଶ କରିବା ଅନୁଚିତ, କାରଣ ସେହି ବିରଳତର ଅମୂଲ୍ୟ ଗୁଣଗୁଡ଼ିକୁ ଗ୍ରହଣ କରି ଧରିରଖିବା ଲାଗି ଉପଯୁକ୍ତ ଭିତ୍ତିଭୂମିର ପ୍ରସ୍ତୁତି ଚାଲିଥାଏ – ଯାହା ସମୟସାପେକ୍ଷ । ଶାନ୍ତି, ସମତା ପରି ଦିବ୍ୟଗୁଣଗୁଡ଼ିକ ହାସଲ କରିବା ନିମିତ୍ତ ଧୈର୍ଯ୍ୟ, ଅଧ୍ୟବସାୟ, ସହନଶୀଳତା ଓ ସର୍ବୋପରି ଦିବ୍ୟକୃପା ଉପରେ ଦୃଢ଼ ବିଶ୍ୱାସର ଆବଶ୍ୟକତା ରହିଛି । ଏଥିପାଇଁ ବିକ୍ଷୋଭ ସୃଷ୍ଟିକାରୀ ଭାବନା, ମନ୍ଦ ଅନୁଭୂତି, ଭ୍ରାନ୍ତ ଚିନ୍ତା ଓ ନିରାନନ୍ଦ ଗତିବୃତ୍ତିଗୁଡ଼ିକରୁ ନିଜକୁ ମୁକ୍ତ ରଖିବାକୁ ହେବ । ଯାବତୀୟ ବିରୋଧୀ ଶକ୍ତିର ଆକ୍ରମଣକୁ ପ୍ରତିହତ କରିବାକୁ ହେବ । ଯେତେବେଳେ ମନ ଓ ପ୍ରାଣ ଅଚଞ୍ଚଳ ଓ ପ୍ରଶାନ୍ତ ରହିଥାଏ ସେତେବେଳେହିଁ ଦିବ୍ୟଶକ୍ତି ସହଜରେ କ୍ରିୟାଶୀଳ ହୋଇପାରେ । ଏ ସଂକ୍ରାନ୍ତରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ନିମ୍ନୋକ୍ତ ବାଣୀଟି ମନନ ଯୋଗ୍ୟ –

"ପ୍ରଥମ ଅବସ୍ଥାରେ ଶାନ୍ତି ଓ ସ୍ଥିରତା ନିରବଚ୍ଛିନ୍ନ ହୁଏ ନାହିଁ । ତାହା ଆସେ ଓ ଯାଏ । ଏବଂ ସ୍ୱଭାବ ମଧ୍ୟରେ ତା'କୁ ସ୍ଥାୟୀ କରିବାକୁ ହେଲେ ସାଧାରଣତଃ ଅନେକ ସମୟ ଲାଗେ । ତେଣୁ ଅଧୀରତାକୁ ଦୂର କରି ସାଧନାରେ ଲାଗି ରହିବା ଭଲ ।"

(ଯୋଗାଧାର, ପୃ. ୧୨ - ୧୩)

ଯାହାର ପରମ ଦିବ୍ୟ କୃପା ଉପରେ ଆସ୍ଥା, ବିଶ୍ୱାସ ଓ ନିର୍ଭରତା ଥାଏ, ତା' ଲାଗି ଶାନ୍ତି ଅର୍ଜନ କରିବା ଅପେକ୍ଷାକୃତ ସହଜ ହୋଇଥାଏ । ତେଣୁ ଶାନ୍ତି ପ୍ରାପ୍ତ କରିବା ଲାଗି ପରମ ଦିବ୍ୟସତ୍ତାଙ୍କ ପରମ ଦିବ୍ୟକୃପା ଉପରେ ଦୃଢ଼ ବିଶ୍ୱାସ ସହିତ ଏପରି ମନୋଭାବ ରହିଥିବ ଯେ ଯାହା ହେବ ବା ହେଉଛି ମଙ୍ଗଳ ପାଇଁ ହିଁ ହେଉଛି – ଏପରିକି ବର୍ତ୍ତମାନ ତାହା ପ୍ରତିକୂଳ, ଭୟଙ୍କର ଓ ବିପଦ୍‌ସଂକୁଳ ମନେହେଲେ ସୁଦ୍ଧା ତାହା ସେହି ଦିବ୍ୟ ସଙ୍କଳ୍ପର ନିର୍ଦ୍ଦେଶରେହିଁ ସଂଘଟିତ ହେଉଛି । ପରମ ଦିବ୍ୟ ସତ୍ତାଙ୍କ କରୁଣା ନିକଟରେ ନିଜକୁ ସମର୍ପଣ କରିଦେଇ ପାରିଲେ, ନିଜର ଯାବତୀୟ ଚିନ୍ତା, ଅନୁଭବ ଓ ସମସ୍ୟାଗୁଡ଼ିକୁ ତାଙ୍କରି ନିକଟରେ ଉତ୍ସର୍ଗ କରିଦେଇ ପାରିଲେ ଯେଉଁ ଶାନ୍ତି ପ୍ରାପ୍ତ ହୁଏ ତାହା ଅନ୍ୟ କୌଣସି ବିଷୟ ସହ ତୁଳନା କରାଯାଇପାରେ ନାହିଁ । ତେଣୁ ଶାନ୍ତି ପ୍ରାପ୍ତ କରିବା ଲାଗି ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ମାର୍ଗ ହେଲା ନିଃଶେଷ, ନିଃସର୍ତ୍ତ ଓ ସ୍ୱତଃସ୍ଫୂର୍ତ୍ତ ସମର୍ପଣ ସେହି ପରମ ଦିବ୍ୟସତ୍ତାଙ୍କ ନିକଟରେ ।

Essays on the Gita (ଗୀତାନିବନ୍ଧ ମାଳା)ରେ ମହାଯୋଗୀ ଶ୍ରୀଅରବିନ୍ଦ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । କୁହାଯାଇଛି –

"No real peace can be till the heart of man deserves peace; the law of Vishnu cannot prevail till the debt to Rudra is paid."

(CWSA, Vol. 19, P. 386)

"ମଣିଷର ହୃଦୟ ଯୋଗ୍ୟ ନହେବା ଯାଏ ଯଥାର୍ଥ ଶାନ୍ତି ପ୍ରତିଷ୍ଠା କରିବା ସମ୍ଭବ ନୁହେଁ; ରୁଦ୍ରଙ୍କର ଋଣ ପରିଶୋଧ

ନହେବା ପର୍ଯ୍ୟନ୍ତ ବିଷ୍ଣୁଙ୍କ ବିଧାନ ବଳବତ୍ତର ବା ପ୍ରବର୍ତ୍ତିତ ହୋଇପାରିବ ନାହିଁ ।''

ପ୍ରଚଣ୍ଡତା, ବ୍ୟଗ୍ରତା, ପ୍ରଳୟର ତାଣ୍ଡବ ରଚନା କରିବା ହେଲା ରୁଦ୍ରଙ୍କର ସ୍ୱଭାବର ଅନ୍ତର୍ଭୁକ୍ତ । ଶାନ୍ତି, ସଙ୍ଗତି, ପ୍ରତିପାଳନ, ପ୍ରତିପୋଷଣ, ସୁରକ୍ଷା ପ୍ରଦାନ କରିବା ହେଲା ବିଷ୍ଣୁଙ୍କ ବିଧାନ । ସତ୍ତାରେ ଶାନ୍ତି ପ୍ରତିଷ୍ଠିତ ହେବା ପୂର୍ବରୁ ହୃଦୟରୁ ଅସ୍ଥିରତା, ବ୍ୟଗ୍ରତା, ପ୍ରଚଣ୍ଡତାଦି ଦୂରୀଭୂତ ହେବା ଆବଶ୍ୟକ । ଅବିକଶିତ, ଅବିବର୍ତ୍ତିତ ମଣିଷକୁ ଶାନ୍ତି, ପ୍ରେମ, ଐକ୍ୟର ଶିକ୍ଷାଦେବା ନିଷ୍ଫଳ ପ୍ରୟାସ ମାତ୍ର । ଯୁଗେ ଯୁଗେ ଗୌତମ ବୁଦ୍ଧ, ଯିଶୁଖ୍ରୀଷ୍ଟଙ୍କ ପରି ଶାନ୍ତିଦୂତଗଣ ପାର୍ଥିବ ଜଗତରେ ଜନ୍ମଲାଭ କରିଛନ୍ତି ଓ ବିଶ୍ୱବାସୀଙ୍କୁ ଶାନ୍ତିର ବାଣୀ ଶୁଣାଇ ଯାଇଛନ୍ତି । ତେବେ ବି ଏ ଯାଏ ବିଶ୍ୱବାସୀ ଯୁଦ୍ଧର ଘନଘଟା ହିଂସାର ତାଣ୍ଡବଲୀଳା ଦ୍ୱାରା ପ୍ରପୀଡ଼ିତ । ଶାନ୍ତି, ପ୍ରେମ ଓ ଐକ୍ୟର ଶିକ୍ଷା ଦେବାରେ ଯୁଗାବତାର ମହାପୁରୁଷମାନଙ୍କର ଭୂମିକା ଅବଶ୍ୟ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ । କାରଣ ସେମାନଙ୍କ ପ୍ରଭାବରେହିଁ କାଳକ୍ରମେ ବିବର୍ତ୍ତନ ଧାରାରେ ସମୟ ଆସିବ ଯେତେବେଳେ ମଣିଷ ରୁଦ୍ରଙ୍କ କବଳରୁ ମୁକ୍ତ ହୋଇ ବିଷ୍ଣୁଙ୍କ ବିଧାନକୁ ଅନୁସରଣ କରିବା ଲାଗି ନିଜକୁ ଯୋଗ୍ୟ କରିପାରିବ । ସେହି ଶୁଭମୁହୂର୍ତ୍ତକୁ ଅପେକ୍ଷା କରିବାକୁ ହେବ ଓ ତାହାକୁ ତ୍ୱରାନ୍ୱିତ କରିବା ଲାଗି ମାନୁଷୀଚେତନାର ଊର୍ଦ୍ଧ୍ୱାୟନ ଓ ସଂପ୍ରସାରଣ ସହ ଉପଲବ୍ଧ ଯାବତୀୟ ଉପାୟସବୁ ଅବଲମ୍ବନ କରିବାକୁ ହେବ ।

ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଭାରତର ଋଷିମାନଙ୍କ କଣ୍ଠରୁ ଯେଉଁ ଶାନ୍ତି ମନ୍ତ୍ରର ଅମୃତଧାରା ସ୍ୱତଃ ଉଚ୍ଚାରିତ ହୋଇ ଆସିଥିଲା, ତାହା ସ୍ପଷ୍ଟ ସୂଚାଇଦିଏ ଯେ ବିଶ୍ୱଶାନ୍ତି ପ୍ରତିଷ୍ଠା ଲାଗି ସତରେ ସେମାନେ କେତେ ଉତ୍କଣ୍ଠିତ ନ ଥିଲେ ! ପୃଥିବୀର ସବୁଠୁ ପୁରାତନ ଧର୍ମଶାସ୍ତ୍ର ରୂପେ ପରିଚିତ ବେଦମାନଙ୍କରେ ଉଲ୍ଲିଖିତ ଏହି ମନ୍ତ୍ରଗୁଡ଼ିକରୁ ଏହା ମଧ୍ୟ ସ୍ପଷ୍ଟ ହୁଏ ଯେ ସେମାନେ କେବଳ ବିଶ୍ୱରେ ଶାନ୍ତି, ସୁଖ, ଆନନ୍ଦ ଓ ନିରାମୟତା ଲାଗି ବ୍ୟାକୁଳ ନଥିଲେ ବରଂ ଯୁଗପତ୍ ବିଶ୍ୱପ୍ରକୃତିର ସଂରକ୍ଷଣ, ପ୍ରତିପାଳନ (sustainability) ଲାଗି ମଧ୍ୟ ବ୍ୟଗ୍ର ଥିଲେ, ଶ୍ରଦ୍ଧାଶୀଳ ଥିଲେ । ତାହା ସେମାନଙ୍କର ସଂବେଦନଶୀଳ ହୃତ୍‌କନ୍ଦରରୁ ଉଚ୍ଛ୍ୱସିତ ସଙ୍ଗୀତ ବା ପବିତ୍ର ମନ୍ଦାକିନୀଧାରା ପରି ପ୍ରବାହିତ ହୋଇ ଆସିଥିବା ମନ୍ତ୍ରଗୁଡ଼ିକୁ ମନେ ପକାଇଲେ ସ୍ପଷ୍ଟ ହୋଇଯାଏ । ଋଗ୍‌ବେଦରୁ ସେହିପରି ଏକ ବହୁ ଚର୍ଚ୍ଚିତ ଶାନ୍ତି ମନ୍ତ୍ର ଉପସ୍ଥାପନ କରି ଆଲୋଚନାଟିକୁ ସମାପ୍ତ କରିବା ଓ ସ୍ମରଣ ରଖିବା ଯେ ଶାନ୍ତି, ସୁଖ ଓ ସମ୍ପଦ ସର୍ବଦା ଏକତ୍ର ଅବସ୍ଥାନ କରନ୍ତି ।

''ଓମ୍ ମଧୁ ବାତା ଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ ।
ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ ।
ମଧୁ ନକ୍ତମୁତୋଷସୋ ମଧୁମତ୍ ପାର୍ଥିବଂ ରଜଃ ।
ମଧୁ ଦ୍ୟୌରସ୍ତୁ ନଃ ପିତା ।
ମଧୁମାନ୍ନୋ ବନସ୍ପତିର୍ମଧୁମାଁ ଅସ୍ତୁ ସୂର୍ଯ୍ୟଃ ।
ମାଧ୍ୱୀର୍ଗାବୋ ଭବନ୍ତୁ ନଃ ॥''

ଏହାର ଭାବାନୁବାଦ ହେଲା – ''ମୁଁ ଯିଏ ପରମ ସୁଖ ପ୍ରତି ଅନୁରକ୍ତ ତା' ଲାଗି ବାୟୁ ଶାନ୍ତି ଓ ସୁଖ ପ୍ରଦାନ କରୁ; ସରିତମାନେ ଶାନ୍ତି ଓ ସୁଖ ପ୍ରଦାନ କରନ୍ତୁ, ଔଷଧୀୟ ତୃଣ, ବୃକ୍ଷାଦି ଆମ ଲାଗି ଶାନ୍ତିପ୍ରଦ ହୁଅନ୍ତୁ । ଦିବାରାତ୍ରି ଶାନ୍ତି ଓ ସୁଖ ବିରାଜମାନ କରୁ । ଧରିତ୍ରୀର ପ୍ରତ୍ୟେକ କଣିକା ଶାନ୍ତ ଓ ସୁଖପ୍ରଦ ହେଉ । ସ୍ୱର୍ଗ ସ୍ନେହାବିଷ୍ଟ ପିତୃତୁଲ୍ୟ ଆମ ଉପରେ ଶାନ୍ତି ଓ ଆନନ୍ଦ ବର୍ଷଣ କରନ୍ତୁ । ଅରଣ୍ୟାଧିପତି ଦେବଗଣ ଆମକୁ ଅମୃତ ତୁଲ୍ୟ ଫଳ ପ୍ରଦାନ କରନ୍ତୁ । ସୂର୍ଯ୍ୟଦେବ ଶାନ୍ତି ଓ ଆନନ୍ଦ ପ୍ରଦାନ କରନ୍ତୁ । ଗୋଧନ ଆମ ଲାଗି ଶାନ୍ତି ଓ ଆନନ୍ଦର ଏକ ଉତ୍ସ ହୋଇ ରହୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ନୂତନ ବର୍ଷଟି ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ । ଦିବ୍ୟଜନନୀଙ୍କ ନିକଟରେ ଏହାହିଁ ପ୍ରାର୍ଥନା । ❑

ଏକ ପ୍ରଫୁଲ୍ଲ ମନ ଓ ପ୍ରଶାନ୍ତ ହୃଦୟ ବଜାୟ ରଖ । ତୁମ ସମତାରେ ଯେପରି କୌଣସି କିଛି ମଧ୍ୟ ବ୍ୟାଘାତ ନ ଘଟାଏ ଏବଂ ଲକ୍ଷ୍ୟପଥରେ ମୋ ସଙ୍ଗରେ ଦୃଢ଼ଭାବରେ ଆଗେଇ ଯିବା ପାଇଁ ପ୍ରତ୍ୟେକଟି ଦିନ ଆବଶ୍ୟକ ଅଗ୍ରଗତି କରି ଚାଲ ।

– ଶ୍ରୀମା

# କବି ନିଶିକାନ୍ତ
## (୧୬)

''ଧୀରେ ଧୀରେ ଖୁଲେ ଯାୟ ସ୍ୱପ୍ନମୟ ଶର୍ବରୀର୍
ଦିଗନ୍ତ ମଞ୍ଜୁଷା,
ବାଞ୍ଛିତ ମଣିର୍ ମତ ମୂର୍ତ୍ତ ହୟ୍ ଉଷା;
ଉଦୟ-ତୋରଣ ହ'ତେ ସେ ମଣିର୍ ସ୍ୱଚ୍ଛ-କାନ୍ତି ଆଲୋ
ନିଖିଲେର୍ ମର୍ମେ ମର୍ମେ ପବନେର୍ ବିଜନେ ଛଡ଼ାଲୋ;
ସେଇ ସମୀରଣ ସ୍ପର୍ଶେ ମଞ୍ଜୁରିତ ଶେଫାଲି-ଜୀବନ
ନିର୍ଝରିୟା ପୁଷ୍ପତନୁ ଆପନାରେ କରେ ନିବେଦନ;
ତେମନି ପ୍ରସ୍ଫୁଟ-ପ୍ରାଣେ ଆନମିତ ଜୀବନ ଆମାର୍
ତୋମାଦେର୍ ଦୁଜନେର୍ ଚରଣ ପ୍ରଭାତ-ପ୍ରାନ୍ତେ ରାଖେ
ନମସ୍କାର ।''

— ନିଶିକାନ୍ତ

('ନମସ୍କାର'; 'ମର୍ମବିହଙ୍ଗ' : କାବ୍ୟ-ସଂକଳନ ଗ୍ରନ୍ଥ)

**୧୮ ଜାନୁଆରୀ ୧୯୪୦ (ସକାଳ) :**

**ଶିଷ୍ୟ-୧ :** ଆପଣ ସୃଜନଶୀଳ (creative) ଏବଂ ଅଭିବ୍ୟକ୍ତିସୂଚକ (expressive) ରଚନା କହିଲେ କ'ଣ ସୂଚାଉଛନ୍ତି ?

**ଶ୍ରୀଅରବିନ୍ଦ :** ସୃଜନଶୀଳ ରଚନା ହେଉଛି ଏପରି କିଛି ଯାହାକି ଜୀବନ୍ତ ଭାବରେ ହୃଦ୍‌ବୋଧ କରାଉଥିବ ଏବଂ ବିଶ୍ୱାସଜନକ ହୋଇ ଉଠୁଥିବା ଚିତ୍ର ଦେଇ ପାରୁଥିବ, ଦୃଷ୍ଟି ଆକର୍ଷକ ହୋଇ ପାରୁଥିବ । ପାଠକଙ୍କ ସମ୍ମୁଖରେ କାବ୍ୟଟିରେ ବର୍ଣ୍ଣିତ ଅନ୍ତର୍ନିହିତ ମୁଖ୍ୟ ଭାବଧାରାର ବା ମୁଖ୍ୟ ଚରିତ୍ର ଚିତ୍ରଣର ସମ୍ପୂର୍ଣ୍ଣ ଜୀବନ୍ତ ଏକ ପରିବେଶ ସୃଷ୍ଟି କରି ପାରୁଥିବ । ଅଭିବ୍ୟକ୍ତି ସୂଚକ ରଚନା ହେଉଛି କେବଳ ଏତିକି ଯାହାକି ସାଧାରଣ ଭାବରେ କବିଙ୍କର ହୃଦୟର ଭାବ, ସୂକ୍ଷ୍ମଦର୍ଶନ ଏବଂ ଅନୁଭୂତିର ଧାରଣା ଜନ୍ମାଉଥିବ ।

*

**ଶିଷ୍ୟ-୨ :** ଆମମାନଙ୍କ ମତରେ ନିଶିକାନ୍ତ ଜଣେ ପ୍ରତିଷ୍ଠିତ କବି ।...

**ଶ୍ରୀଅରବିନ୍ଦ :** ଜଣେ ଅନ୍ତତଃ ଏତିକି କହିପାରେ ଯେ ନିଶିକାନ୍ତର ପ୍ରକାଶ କରିବାର ମାଧ୍ୟମ ନିରୂପଣରେ ସମ୍ପୂର୍ଣ୍ଣ ଦଖଲ ରହିଛି ଏବଂ ଅସାଧାରଣ ଭାବରେ ଏକ ସୃଜନକ୍ଷମ ଶକ୍ତି ରହିଛି ।

[ଯମକ ଓ ତାଳ ବା ଲୟରେ ତା'ର ରହିଛି ସ୍ୱାଭାବିକ ସାମର୍ଥ୍ୟ ଓ ପ୍ରତିଭା ।
(Nirod : Correspondence with Sri Aurobindo, P. 337)]

**ଶିଷ୍ୟ-୩ :** ମୋର ମନେ ହୁଏ ନିଶିକାନ୍ତ mystic poetry ରଚନା କରିବାରେ ସେତେଟା କୃତକାର୍ଯ୍ୟ ହୋଇପାରି ନାହାନ୍ତି ।

**ଶ୍ରୀଅରବିନ୍ଦ :** ତୁମେ 'mystic'କହିଲେ କ'ଣ କହିବାକୁ ଚାହୁଁଛ ? ଯଦି ତୁମେ 'occult' ବୋଲି ବୁଝୁଥାଅ, ତେବେ ସେ ଏ ଧାରାରେ ବେଶୀ କିଛି ଚେଷ୍ଟା କରି ନାହିଁ । କିନ୍ତୁ ସେ ଯେତିକି ଚେଷ୍ଟା କରିଛି, ସେସବୁଥିରେ ସେ ବେଶ୍ କୃତକାର୍ଯ୍ୟ ହୋଇଛି ।

**ଶିଷ୍ୟ-୪ :** ମୋର ମନେ ହୁଏ 'mystic' କହିଲେ ସେ (ଶିଷ୍ୟଜଣଙ୍କ) ଏହା କହିବାକୁ ଚାହାଁନ୍ତି ଯେ କବିତାଟିରେ ବର୍ଣ୍ଣିତ ହୋଇଥିବା ବିଷୟବସ୍ତୁର ପଶ୍ଚାତରେ ରହିଥିବା ଅନ୍ତର୍ନିହିତ ବୈଶିଷ୍ଟ୍ୟ ବା ସାଙ୍କେତିକ ଅର୍ଥସୂଚକ କବିତା ରଚନା ।

**ଶିଷ୍ୟ-୩ :** ମୁଁ କହିବାକୁ ଚାହୁଁଥିଲି ପ୍ରତୀକସବୁ ମାଧ୍ୟମରେ ତା'ର ଅନ୍ତର୍ନିହିତ ଆଧ୍ୟାତ୍ମିକ ସତ୍ୟର ପରିପ୍ରକାଶ, ଅର୍ଥାତ୍ 'symbolic' ।

**ଶ୍ରୀଅରବିନ୍ଦ :** 'ପ୍ରତୀକଧର୍ମୀ' । ତା'ହେଲେ ତ ବିଭିନ୍ନ ପ୍ରକାର ପ୍ରତୀକଧର୍ମୀ କବିତା ରହିଛି ।

(Nirod : 'Talks with Sri Aurobindo, P. 366-69)

[ପ୍ରକାଶ ଥାଉ କି ନିଶିକାନ୍ତ ଏକାଧାରରେ ଜଣେ ଅତ୍ୟନ୍ତ ଉଚ୍ଚକୋଟୀର ସାଙ୍କେତିକ ଅର୍ଥସୂଚକ (mystic) ଓ ପ୍ରତୀକଧର୍ମୀ (symbolic) କବି ଥିଲେ ।]

**୧୮ ଜାନୁଆରୀ (ସନ୍ଧ୍ୟା) :**

**ଶ୍ରୀଅରବିନ୍ଦ :** ... ପ୍ରକୃତରେ କହିବାକୁ ଗଲେ ଖୁବ୍ କମ୍ ସଂଖ୍ୟକ କବି ଅଛନ୍ତି ଯେଉଁମାନେ ସୃଜନଶୀଳ ।

**ଶିଷ୍ୟ-୧ :** ସୃଜନଶୀଳ କବିତା ରଚନା କରିବା

ସମ୍ବନ୍ଧରେ ମୁଁ ଆପଣଙ୍କର ଭାବଧାରାକୁ ଅଧିକ ଭଲ ଭାବରେ ବୁଝିବାକୁ ଚାହେଁ ।

**ଶ୍ରୀଅରବିନ୍ଦ :** ଉଦାହରଣସ୍ୱରୂପ, ତୁମେ ଯେତେବେଳେ 'ହାମ୍‌ଲେଟ୍' (Hamlet : ସେକ୍ସପିଅର୍‌ଙ୍କର ଅନ୍ୟତମ ପ୍ରସିଦ୍ଧ ନାଟକ) ପଢ଼ିବ, ତୁମେ ନିଜେ ମୁଖ୍ୟ ନାୟକ ହାମ୍‌ଲେଟ୍ ହୋଇ ଉଠିବ; ତୁମେ ଯେତେବେଳେ ହୋମର୍ (ଗ୍ରୀକ୍ ମହାକାବ୍ୟ 'ଇଲିୟାଡ୍'ର ରଚୟିତା)ଙ୍କୁ ପଢ଼ିବ, ସେତେବେଳେ ଅନୁଭବ କରିବ ଯେ 'ଆକିଲିଜ୍' (ମହାକାବ୍ୟଟିର ଅସାଧାରଣ ମୁଖ୍ୟ ନାୟକ) ତୁମ ସାମନାରେ ଜୀବନ୍ତ ହୋଇ ଚଳପ୍ରଚଳ କରୁଛନ୍ତି, ତୁମେ ତାଙ୍କ ସହିତ ଏକାତ୍ମ ବୋଧ କରିବ । ଏହାକୁ ମୁଁ କହେ ରଚନାରେ ସୃଜନଶୀଳତା ।

ଅନ୍ୟ ପକ୍ଷରେ ଶେଲୀଙ୍କର 'Skylark' (ଚାତକ ପକ୍ଷୀ ବା ଭରତିଆ ପକ୍ଷୀ) କବିତାଟି ପଢ଼; ତୁମେ ପକ୍ଷୀଟିର ଉପସ୍ଥିତି ଆଦୌ ଅନୁଭବ କରିବ ନାହିଁ, କେବେ ହେଲେ ପକ୍ଷୀଟି ସହିତ ଏକାତ୍ମବୋଧ କରିବ ନାହିଁ । ଏହି କବିତାଟିରେ କବି କେବଳ ତାଙ୍କ ନିଜର ଧାରଣା ଓ ଅନୁଭବସବୁର ପ୍ରକାଶ କରିଛନ୍ତି ମାତ୍ର ।

**ଶିଷ୍ୟ -୨ :** ଭକ୍ତିମୂଳକ କବିତାରେ ତ ଜଣେ ଭକ୍ତି ଅନୁଭବ କରେ ।

**ଶ୍ରୀଅରବିନ୍ଦ :** ଠିକ୍ । ଏହା କେବଳ ଏକ ଅନୁଭବ ମାତ୍ର । ଏହା ତୁମ ସକାଶେ ଏକ ଜୀବନ୍ତ ଓ ଗତିଶୀଳ ଜଗତ୍ ସୃଷ୍ଟି କରେ ନାହିଁ । କବିତାଟି ସ୍ୱକୀୟ ହୋଇ ସୃଜନକ୍ଷମ ହେବାକୁ ହେଲେ କେବଳ ଅନୁଭବ କରିବାଟା ଯଥେଷ୍ଟ ନୁହେଁ ।

(Purani : 'Evening Talks', P. 249 - 50)

## ୧୯ ଜାନୁଆରୀ ୧୯୪୦ (ସକାଳ) :

**ଶିଷ୍ୟ-୧ :** କବିତା ରଚନାରେ 'ସୃଜନୀ ଶକ୍ତି' ଏବଂ 'ଅଭିଜ୍ଞତା' ବ୍ୟବହାର କରିବା ସମ୍ବନ୍ଧରେ ପାର୍ଥକ୍ୟ ଥିବା ବିଷୟରେ ତଥାପି ପୁଙ୍ଖାନୁପୁଙ୍ଖ ଭାବରେ ବୁଝିପାରୁ ନାହିଁ । ଭକ୍ତିମୂଳକ କବିତା ପଠନରେ ଯଦି ଜଣେ ଭକ୍ତି ଅନୁଭବ କରିପାରୁଛି ତେବେ ସେଇଟି ସୃଜନଶୀଳ କବିତା ନହେବ କିପରି ?

**ଶ୍ରୀଅରବିନ୍ଦ :** କାହିଁକି ନା ତୁମେ କେବଳ ତୁମର ଅନୁଭବଟି ସହିତ ନିଜକୁ ଏକାତ୍ମ କରିଦିଅ, କିନ୍ତୁ କାବ୍ୟଟିର ଚରିତ୍ର ସହିତ ନିଜକୁ ଏକାତ୍ମ କରିପାର ନାହିଁ । ଯେମିତି 'ହାମ୍‌ଲେଟ୍'ରେ ହୋଇଛି । କାବ୍ୟ ବା ରଚନାଟି କବିଙ୍କର ବ୍ୟକ୍ତିତ୍ୱର ଏକ ଅଂଶସ୍ୱରୂପ ବା ସ୍ୱ-ଅଭିଜ୍ଞତାଲବ୍ଧରୁ ସୃଷ୍ଟ ହୋଇଥିବା ଉଚିତ, ଯଦ୍ୱାରା ପାଠକ ରଚନାଟି ପାଠ କରୁଥିବା ବେଳେ ନିଜକୁ କବିଙ୍କର ସେଇ ବ୍ୟକ୍ତିତ୍ୱ ବା ତାଙ୍କର ଅଭିଜ୍ଞତାଟି ସହିତ ନିଜକୁ ଏକାତ୍ମ କରି ଦେଇଥାଏ । ଅବଶ୍ୟ ସାଧାରଣ ଦୃଷ୍ଟିରୁ କହିବାକୁ ଗଲେ ସବୁକିଛି ରଚନାହିଁ ସୃଜନଶୀଳ ।

*

**ଶିଷ୍ୟ-୨ :** ତା'ହେଲେ ଆପଣଙ୍କ କହିବାନୁସାରେ ରଚନାଟି ସୃଜନଶୀଳ ହୋଇ ଉଠିବା ଅର୍ଥ ରଚନାଟିରେ ବର୍ଣ୍ଣିତ ଚରିତ୍ରଟି ସୁସ୍ପଷ୍ଟ, ସତେଜ, ଜୀବନ୍ତ ଏବଂ ବାସ୍ତବ ବୋଲି ପ୍ରତୀୟମାନ ହୋଇ ଉଠିବା ଉଚିତ ।

**ଶ୍ରୀଅରବିନ୍ଦ :** ହଁ ।

(Purani : Evening Talks, P. 251)

ଏହି ୧୯ ଜାନୁଆରୀ ୧୯୪୦ ମସିହାର 'ସାନ୍ଧ୍ୟ-ବୈଠକ'ରେ ଶ୍ରୀଅରବିନ୍ଦ ସୃଜନଶୀଳ ରଚନା ହିସାବରେ ରବୀନ୍ଦ୍ରନାଥଙ୍କର 'ଉର୍ବଶୀ' ଓ 'ପରଶ ପାଥର୍'ର ଉଦାହରଣ ଦେଇ ନିଶିକାନ୍ତଙ୍କ 'ଗୋରୁର୍ ଗାଡ଼ି' କବିତା ସମ୍ବନ୍ଧରେ କହିଥିଲେ – 'ଏହା ସୃଜନଶୀଳ ଓ ଚୈତ୍ୟିକ ମଧ୍ୟ ।'

(Nirod : 'Talks with Sri Aurobindo', P. 373-74)

ଏହି ପରିପ୍ରେକ୍ଷୀରେ ଆମେ ଦୁଇଟି ଘଟଣା ଉଲ୍ଲେଖ କରିବୁ; ଆଶା କରେ ବୁଝିବାରେ ସୁବିଧା ହେବ –

ପ୍ରଣବଙ୍କ ସ୍ମୃତିକଥାରୁ ଉଦ୍ଧୃତି :

''ମୋର ଥରେ ନେପୋଲିଅନ୍‌ଙ୍କ ଜୀବନୀ ପଢ଼ିବାକୁ ଖୁବ୍ ଆଗ୍ରହ ହେଲା । ଶୁଣିଥିଲି ଆଶ୍ରମର କତିପୟ ପ୍ରବୀଣ ସାଧକଙ୍କୁ ଶ୍ରୀଅରବିନ୍ଦ କୌଣସି ଏକ ସମୟରେ ଆବୋଟ୍ (Abbott)ଙ୍କ ରଚିତ ନେପୋଲିଅନ୍‌ଙ୍କର ଜୀବନୀ ପଢ଼ିବାକୁ କହିଥିଲେ ।

''ମୁଁ ସେଇ ବହିଟିକୁ ସଂଗ୍ରହ କରି ପ୍ରତିଦିନ ରାତିରେ ସବୁ କାର୍ଯ୍ୟ ସାରି ପଢୁଥିଲି । ଦିନେ ଦ୍ୱିପ୍ରହରରେ ଶ୍ରୀମା ନିଜ କକ୍ଷରେ ବିଶ୍ରାମ ନେଉଥିବା ବେଳେ ମୁଁ ସେ କକ୍ଷର ଝରକା ପାର୍ଶ୍ୱରେ ବସି ବହିଟି ପଢୁଥିଲି ।

''ଶ୍ରୀମା ବିଶ୍ରାମରୁ ଉଠି ହଠାତ୍ ମୋତେ ପଚାରିଲେ, 'କଥା କ'ଣ ? ହଠାତ୍ ଦେଖିଲି ନେପୋଲିଅନ୍ ମୋ ରୁମ୍‌କୁ ଆସିଛନ୍ତି । ତାଙ୍କର ଯୁଦ୍ଧର କାଗଜପତ୍ର, ମ୍ୟାପ୍, ଚାର୍ଟସବୁ ମୋତେ ଦେଖାଉଛନ୍ତି !'

‘‘ମୁଁ କହିଲି, ମାଆ, ତା’ ମୁଁ କହି ପାରିବି ନାହିଁ । ତେବେ ମୁଁ ଏବେ ଏଇଠି ବସି ନେପୋଲିଅନ୍‌ଙ୍କର ଏକ ଜୀବନୀ ପଢ଼ୁଛି ।

‘‘ସେଇଠୁ ମା ପଚାରିଲେ କାହାର ଲେଖା ? ମୁଁ କହିଲି ‘ଆବୋଟ୍‌ଙ୍କର ଲେଖା’ । ମା କହିଲେ, ‘କିନ୍ତୁ ଆବୋଟ୍ ତ ଇଂରେଜ; ଇଂରେଜମାନେ ତ ନେପୋଲିଅନ୍‌ଙ୍କୁ ପସନ୍ଦ କରନ୍ତି ନାହିଁ’ । ମୁଁ କହିଲି : ‘ହଁ ମା । କିନ୍ତୁ ଏହି ଲେଖକ ବଡ଼ ଚମତ୍କାର ଲେଖିଛନ୍ତି’ । ଏହା କହି ମା’ଙ୍କୁ ବହିଟିର ସମଗ୍ର ମୁଖବନ୍ଧଟି ପଢ଼ି ଶୁଣାଇଲି । ମା ଶୁଣି ଅତ୍ୟନ୍ତ ଖୁସୀ ହୋଇଥିଲେ ।’’

(‘ହଠାତ୍ ମନେପଡ଼େ’, ଗଳ୍ପ ନଂ. ୨୬)

ସୁଧୀର କୁମାର ସରକାରଙ୍କର ସ୍ମୃତିକଥାରୁ ଉଦ୍ଧୃତି :

‘‘କଲିକତାରେ ଅବସ୍ଥାନ ସମୟରେ ଶ୍ରୀଅରବିନ୍ଦଙ୍କର ‘ମହାଭାରତ’ ଲେଖା (ଅନୁବାଦ କରୁଥିବାର) ଦେଖି ଦିନେ କଥା ଛଳରେ ବିନୀତ ଭାବରେ ତାଙ୍କୁ ପଚାରିଲି, ‘ଆପଣ କ’ଣ ମହାଭାରତର ସବୁ କଥା ବିଶ୍ୱାସ କରନ୍ତି ? ସେଥିରେ ତ ଅନେକ କିଛି ପ୍ରକ୍ଷିପ୍ତ (ପରେ ଅନ୍ୟମାନଙ୍କ ଦ୍ୱାରା ସଂଯୋଜିତ ବା ଆରୋପିତ) କରାଯାଇଛି’ । ଶ୍ରୀଅରବିନ୍ଦ ମୋର ବିନୀତ ହାବଭାବମିଶା ଏମିତି ପ୍ରଶ୍ନରେ ଅତି ଧୀର ଅଥଚ ମଧୁର କଣ୍ଠରେ, ଖଣ୍ଡ-ଖଣ୍ଡ ବିଶୁଦ୍ଧ ବଙ୍ଗଳାରେ ବୁଝାଇ କହିଲେ, ‘ବାସୁକୀର ପୃଥିବୀ ଧାରଣ – ଏକଥା ମୋର ଅସ୍ତିତ୍ୱ ସଦୃଶହିଁ ସତ୍ୟ । ତେବେ ଯେଉଁ ଦୃଷ୍ଟିରେ ଏହା ଦେଖାଯାଏ, ସେଇଟିକୁ ଆମେ ହରାଇଛୁ । ଆଉ ଯେଉଁ ଦୃଷ୍ଟିରେ ନାନା ପ୍ରତିକ୍ରିୟା ଫଳରେ ଆଧୁନିକ ବୈଜ୍ଞାନିକ ଜଗତ୍ ଦେଖୁଛୁ – ଏସବୁ ମଣିଷର ସମଗ୍ର ଦୃଷ୍ଟି ନୁହେଁ । ବାସୁକୀ ବିଶ୍ୱର ପ୍ରାଣଶକ୍ତିର ପ୍ରତୀକ (represents vital power) ।...’

‘‘ଉପରୋକ୍ତ ଘଟଣାର ଦିନେ କି ଦୁଇ ଦିନ ପରେ ଶ୍ରୀଅରବିନ୍ଦ ମୋତେ କହିଲେ, ‘ତୁମେ କାଳୀପ୍ରସନ୍ନ ସିଂହଙ୍କ ଦ୍ୱାରା ଲିଖିତ ମହାଭାରତଟି ଖରିଦ କରି ଆଣି ପଢ଼’ । ଅବଶ୍ୟ ଖରିଦ କରିବାକୁ ହେବ ଶ୍ରୀଅରବିନ୍ଦଙ୍କର ଦରମାରୁ – (‘ବେଙ୍ଗଲ ନ୍ୟାସନାଲ୍ କଲେଜ’ର ଅଧ୍ୟାପନାରୁ ପ୍ରାପ୍ତ) ବହିଟିର ଦାମ ସେତେବେଳେ ଅଠର ଟଙ୍କା । ମୁଁ କ’ଣ କଲି ନା ତାଙ୍କର ଏତେ ପଇସା ଖର୍ଚ୍ଚ କରିବାକୁ ସଙ୍କୋଚ ବୋଧ କରି ସାଢ଼େ ସାତ ଟଙ୍କାରେ ସୌରୀନ୍ଦ୍ର ମୋହନ ଠାକୁରଙ୍କର ରଚିତ ମହାଭାରତ ବହିଟି ଆଣି ପଢ଼ିବାକୁ ଆରମ୍ଭ କରି ଦେଲି । କିଛି ଦିନ ପରେ ପୁଣି ମହାଭାରତ ପ୍ରସଙ୍ଗ ଉଠିବାରୁ ବହିଟିକୁ ଧୀରେ, ସନ୍ତର୍ପଣରେ ତାଙ୍କ ହାତକୁ ବଢ଼ାଇ ଦେବାରୁ ସେ ମୋତେ ଥରେ ଚାହିଁଲେ ଏବଂ ମନ୍ଦହାସ୍ୟରେ କହିଲେ, ‘ଏ ମହାଭାରତ ପଢ଼ି ତ କିଛି ଲାଭ ନାହିଁ । ଏହା ଆଧୁନିକ ଇତିହାସ-ଯୋଗ୍ୟ କରି ଲେଖାଯାଇଛି । ଏସବୁ ଉପରର ଖୋଳପା । ‘ବ୍ରହ୍ମ’ (spirit) ନଥାଇ ଖାଲି କଳେବରଟି ଥିଲେ ଯାହା । ଏଇ ବହିଟିକୁ ଫେରସ୍ତ ଦେଇ ଅନ୍ତତଃ କାଳୀପ୍ରସନ୍ନଙ୍କର ବଙ୍ଗଳା ବହିଟି ଆଣି ପଢ଼’ ।...’’

(‘ଏକ ଅଦମ୍ୟ ପ୍ରାଣ’, ପୃ. ୯୧-୯୨)

ଏଠାରେ ସୃଜନଶୀଳ ରଚନାର ଅନ୍ୟ ଦୁଇଟି ଉଦାହରଣ ଦିଆଯାଇପାରେ ।’’

ଭକ୍ତ କବି ଜଗନ୍ନାଥ ଦାସ ନବାକ୍ଷରୀ ବୃତ୍ତରେ ବ୍ୟାସଦେବକୃତ ଭାଗବତର ସରଳ ଓଡ଼ିଆ ପଦ୍ୟାନୁବାଦ କାର୍ଯ୍ୟର ଶୁଭାରମ୍ଭ କରିବା ପଶ୍ଚାତରେ ଥିଲା ତାଙ୍କର ଜନ୍ମଦାତ୍ରୀ ମାତାଙ୍କ ପ୍ରେରଣା ଏବଂ ସର୍ବୋପରି ଭଗବାନଙ୍କ ଆଶୀର୍ବାଦ । (ତାଙ୍କ ପ୍ରତି ଭଗବାନଙ୍କର ଆଶୀର୍ବାଦଭରା ଉକ୍ତି ଥିଲା, ‘ତୁମେ ଭୟ କର ନାହିଁ । ତାଳପତ୍ର ଓ ଲେଖନୀ ଧରି ଲେଖିବା ଆରମ୍ଭ କର । ମୁଁ ତୁମ ହୃଦପଦ୍ମରେ ବିରାଜିତ ହୋଇ ପଦ ପରେ ପଦ କହି ଦେବି’ ।)

ଥରେ ଜଗନ୍ନାଥ ଦାସ ପୁରୀର ବଟଗଣେଶଙ୍କ ନିକଟରେ ଶ୍ରୋତୃମଣ୍ଡଳୀ ମଧ୍ୟରେ ଭାଗବତ ଶୁଣାଉଥିବା ବେଳେ ରାଜା ପ୍ରତାପରୁଦ୍ରଦେବ ତାଙ୍କୁ ଅଷ୍ଟଭୂଜ ରୂପରେ ଦର୍ଶନ କରିଥିଲେ ।

ଏକଦା ଶ୍ରୀଚୈତନ୍ୟ ମହାପ୍ରଭୁ ବଟଗଣେଶଙ୍କ ସମୀପରେ ଜଗନ୍ନାଥ ଦାସଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା ଚାଲିଥିବା ବେଳେ ତାଙ୍କ ମୁଖରୁ ଭାଗବତ ରସାମୃତ ଶ୍ରବଣ କରି ପରମ ତୃପ୍ତି ଲାଭ କରିଥିଲେ । ଦାସଙ୍କ ଜ୍ଞାନ, ପାଣ୍ଡିତ୍ୟ, ଧର୍ମଧାରଣା, ଭାଗବତ ରଚନା-ଶୈଳୀ, ସର୍ବୋପରି ଭକ୍ତିଭାବରେ ଏପରି ପ୍ରଭାବିତ ହୋଇଥିଲେ ଯେ ସେ ଦାସଙ୍କ ନିକଟକୁ ଯାଇ ତାଙ୍କୁ ‘ଅତିବଡ଼ୀ’ କହି ଆନନ୍ଦାତିଶଯ୍ୟରେ ନିବିଡ଼ ଆଲିଙ୍ଗନ କରିଥିଲେ । ଦୁଇ ଭକ୍ତଙ୍କର ଏହି ଅପୂର୍ବ ମିଳନ ଅତ୍ୟନ୍ତ ଅଦ୍ଭୁତ ଥିଲା । ପ୍ରେମାଶ୍ରୁବର୍ଷଣପୂର୍ବକ ଦୁହେଁ ପରସ୍ପରକୁ ଆଲିଙ୍ଗନ କରିବା ମୁଦ୍ରାରେ ପ୍ରାୟ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ସ୍ଥବିରପ୍ରାୟ ପାଲଟି ଯାଇଥିଲେ ।...

(‘ଶ୍ରୀମଦ୍ ଭାଗବତ ମହାପୁରାଣ’ : ପୃ. ୭, ୮)

ପୁନଶ୍ଚ, ଜୟଦେବକୃତ ‘ଗୀତ ଗୋବିନ୍ଦ’ର ରହସ୍ୟ ତ ସର୍ବଜନବିଦିତ । ‘... ଦେହି ପଦପଙ୍କଜମୁଦାରମ୍’ ତାଙ୍କ ଶ୍ରୀହସ୍ତରେହିଁ ଲିଖିତ ହୋଇଥିଲା ।

ଏହିସବୁ ରଚନା ହେଉଛି ସୃଜନଶୀଳ ରଚନା ।

ନିଶିକାନ୍ତଙ୍କୁ ଦିଲୀପ କୁମାର ରାୟ ଜୟଦେବଙ୍କର 'ଗୀତଗୋବିନ୍ଦ'ର କାରୁକୃତିର ବ୍ୟାଖ୍ୟା ଶୁଣାଇଥିଲେ ଏବଂ ଲଘୁ ଗୁରୁ ଛନ୍ଦରେ ଓ ଜୟଦେବୀୟ ଛନ୍ଦରେ ରଚନା କରିବାକୁ ପ୍ରେରଣା ଦେଇଥିଲେ । ଅଧିକନ୍ତୁ ଏ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ଅଭିମତଟିକୁ ମଧ୍ୟ ଜଣାଇଥିଲେ – 'ଏ ଯୁଗରେ ଏସବୁ ଛନ୍ଦରେ ଆହୁରି ବେଶୀ କରି କବିତା ଲେଖା ହେବା ଉଚିତ । ତା'ହେଲେ ବଙ୍ଗଳା କାବ୍ୟ-ସାହିତ୍ୟରେ ଏ ଛନ୍ଦର ଗଭୀର କଲ୍ଲୋଳ ଏକ ଅପରୂପ ସୁରର ବିକାଶ ସାଧନ କରିପାରେ'... ।

ଏହା ପରେ ନିଶିକାନ୍ତ ତାଙ୍କର ପୂର୍ବରୁ ଥିବା ସମସ୍ତ ଦ୍ୱିଧା ଅତିକ୍ରମ କରି ନିଜର ସମସ୍ତ ମନୋଯୋଗ ନିୟୋଗ କରନ୍ତି 'ଲଘୁଗୁରୁ' ଓ 'ଜୟଦେବୀୟ' ଛନ୍ଦରେ କବିତା ରଚନାରେ । ଏହାର ପ୍ରଥମ କବିତା 'ରାଜହଂସ' । (ଏ ସମ୍ବନ୍ଧେ ପୂର୍ବରୁ ୧୪ ଅଧ୍ୟାୟରେ ସୂଚନା ଦିଆଯାଇଛି ।)

('କବି ନିଶିକାନ୍ତ', ଡାଲିୟା ସରକାର, ପୃଷ୍ଠା. ୯୯)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ଅତୀତର ଛାଞ୍ଚକୁ ଭାଙ୍ଗିଦିଅ, କିନ୍ତୁ ତା'ର ଅବଦାନ ଓ ଅନ୍ତର୍ନିହିତ ସତ୍ୟକୁ ନିରାପଦ ରଖ, ନଚେତ୍ ତୁମର କୌଣସି ଭବିଷ୍ୟତ୍ ରହିବ ନାହିଁ ।

– ଶ୍ରୀଅରବିନ୍ଦ


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Mfr: Ayurlabs India, Pondicherry-1, Ph. 0413-2224935 / 9442249355, Email: sales@ayurlabsindia.com

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୮)

## ଗୟାଧର ଦାଶ

### ଆତ୍ମ ନିୟନ୍ତ୍ରଣ ଓ ଆତ୍ମଶାସନହିଁ ଶିକ୍ଷାର ଏକ ସୁଦିଗ

ସାଧାରଣତଃ ମାତାପିତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲା କିଛି ଭୁଲ୍ କଲେ ତାକୁ ଗାଳି ଦିଅନ୍ତି, ସମାଲୋଚନା ବା ଅପମାନିତ କରନ୍ତି, କଡ଼ା କଥା କୁହନ୍ତି, କଠୋର ବା ରୁଦ୍ରଭାବ ପ୍ରଦର୍ଶନ କରନ୍ତି ଏବଂ କ୍ରୋଧ ସମ୍ବରଣ କରି ନପାରି ମାଡ଼ ମଧ୍ୟ ଦିଅନ୍ତି । ମାତାପିତା ଓ ଶିକ୍ଷକମାନେ ଭାବନ୍ତି ଯେ ସେମାନେ ପିଲାଙ୍କଠାରୁ ବେଶୀ ଶିକ୍ଷିତ, ଅଭିଜ୍ଞ ଓ ବୁଦ୍ଧିମାନ୍ । ତେଣୁ ସେମାନେ ଯାହା କରନ୍ତି ସେଗୁଡ଼ିକ ସବୁ ଠିକ୍ । ସେମାନେ ପିଲାଠାରୁ ବେଶୀ ଚାଲାକ, ଚତୁର ଓ ବଳୁଆ ବୋଲି ତାକୁ ଗାଳି ଦେବା, ପିଟିବାରେ ସେମାନଙ୍କର ଅଧିକାର ଅଛି ବୋଲି ଭାବିବା ହେଉଛି ସଇତାନର କାମ । ସେମାନେ ଯେତେବେଳେ ନିଜର ସାମାନ୍ୟ ଭୁଲ୍ ପାଇଁ କୌଣସି ସବଳ ବ୍ୟକ୍ତି ବା ସେମାନଙ୍କର ମାଲିକଠାରୁ ଗାଳି ଶୁଣନ୍ତି ଏବଂ ଦଣ୍ଡ ପାଆନ୍ତି ସେତେବେଳେ ତାଙ୍କୁ କିପରି ଲାଗେ ? ସେମାନେ ଆତ୍ମସମ୍ମାନ ହରାଇ ବସନ୍ତି ଏବଂ ଘୃଣାର ପାତ୍ର ମଧ୍ୟ ହୁଅନ୍ତି । ନିର୍ଲଜ୍ଜଙ୍କ ପରି ଜୀବନ ବଞ୍ଚନ୍ତି । ଅନେକଙ୍କୁ ମରିଯିବା ତା'ଠାରୁ ଭଲ ବୋଲି ବୋଧ ହୁଏ । ଆମେ ଏତେ ବଡ଼ ହେଲେଣି, ଅନେକ ଅଭିଜ୍ଞତା ହାସଲ କଲେଣି, ତଥାପି ଆମର କାର୍ଯ୍ୟରେ ଭୁଲ୍‌ଭଟକା ରହୁଛି । ପିଲାଟିର କେତେ ଅଭିଜ୍ଞତା ଅଛି ଯେ ସେ ସବୁ ଠିକ୍ କରି ପକାଇବ ? ଯାହାର ଶିଖିବା ପାଇଁ ଆଗ୍ରହ ଅଛି ସେ କିଛି କଲେ ଭୁଲ୍ ହେବା ତ ସ୍ୱାଭାବିକ । ତେବେ କେଉଁ ଅଧିକାରରେ ଆମେ ପିଲାଟିକୁ ତା'ର ଭୁଲ୍ ପାଇଁ ଦଣ୍ଡ ଦେଇଥାଉ ? ପିଲାମାନଙ୍କର ଆଗକୁ ଯିବାର ଅଛି । ତାଙ୍କ ଆଖିରେ ଅନେକ ସ୍ୱପ୍ନ ଉଙ୍କି ମାରୁଛି । ସେହି ସ୍ୱପ୍ନକୁ ସାକାର କରିବାକୁ ହେଲେ ଭୁଲ୍ ତ ନିଶ୍ଚୟ ହେବ । ଏହାଦ୍ୱାରା ସେ କିଛି ଶିଖିଥାଏ ଏବଂ ଆଗକୁ ବଢ଼େ । ଭୁଲ୍ ପାଇଁ ଭୁଲ୍ କରିବା ବା ଜାଣିଶୁଣି ଭୁଲ୍ କରିବା ଦ୍ୱାରା କିଛି ବି ଶିକ୍ଷା ମିଳେନା । ଯଦିବା ପିଲାଟି ଭୁଲ୍ କରି ବସେ ତେବେ ସେ ଦଣ୍ଡ ପାଇବ କାହିଁକି ?

ଶ୍ରୀମା କହନ୍ତି : ''ତୁମର ତ ଦଣ୍ଡ ଦେବାର କୌଣସି ଅଧିକାର ନାହିଁ । ତୁମେ କ'ଣ ଭଗବାନ୍ ହୋଇ ଗଲଣି କି ? ତୁମକୁ ଦଣ୍ଡ ଦେବାର ଅଧିକାର କିଏ ଦେଲା ? ତୁମ କର୍ମ ଲାଗି ତା'ହେଲେ ପିଲାମାନେ ତୁମକୁ ଦଣ୍ଡଦେଇ ପାରିବେ । ତୁମେ ନିଜେ କ'ଣ ଏକେବାରେ ତ୍ରୁଟିଶୂନ୍ୟ ? ତୁମେ କ'ଣ ଜାଣ କେଉଁଟା ଖରାପ, କେଉଁଟା ଭଲ ? କେବଳ ଭଗବାନ୍ ଏସବୁ କଥା ଜାଣନ୍ତି । କେବଳ ଭଗବାନଙ୍କରହିଁ ଦଣ୍ଡ ଦେବାର ଅଧିକାର ଅଛି ।''

(CWM, Vol. 12, P. 380)

ଆମେମାନେ ଯଦି ଲକ୍ଷ୍ୟ କରିବା ତେବେ ଜାଣି ପାରିବା ଯେ ଛୋଟ ଛୋଟ ପିଲାମାନେ ଆମର ଭୁଲ୍‌କୁ ଦେଖି ମୁରୁକି ମୁରୁକି ହସନ୍ତି । ସେମାନେ ମଧ୍ୟ ଆମଠାରୁ ଅଧିକ କଥା ଜାଣନ୍ତି ଓ ବୁଝନ୍ତି । ତେଣୁ ଆମେ ଯେ ତାଙ୍କଠାରୁ ସବୁକ୍ଷେତ୍ରରେ ଅଧିକ ଜାଣୁ, ଏହା ଭାବିବା ଠିକ୍ ନୁହେଁ । ପିଲାଙ୍କୁ ଗାଳିଦେବା ଏବଂ ମାଡ଼ ଦେବା ଦ୍ୱାରା ତା'ର କିଛି ଉନ୍ନତି ହୁଏ କି ? ବରଂ ପିଲାଟି ଭୟଭୀତ ହୋଇଥାଏ ଏବଂ ତା'ର ଚେତନା ସଙ୍କୁଚିତ ହୋଇଯାଏ । ସେ ଅପମାନିତ ଓ ଲାଞ୍ଛିତ ହେବା ଦ୍ୱାରା ତା' ଭିତରେ ହତାଶା ଓ ନିରାଶା ଭାବ ଜାତ ହୁଏ । ଏପରିକି ତାକୁ ସବୁ କଥାରେ ଭ୍ରୂକ୍ଷେପ କରାଯାଉଛି, ଅବହେଳା କରାଯାଉଛି, ଆଡ଼ ଆଖିରେ ଦେଖା ଯାଉଛି, ହତାଦର କରାଯାଉଛି ଏବଂ ତା'ର ବଞ୍ଚିବା ମଧ୍ୟ ଦରକାର ନାହିଁ, ସେ ଏକ ଅଲୋଡ଼ା ବସ୍ତୁ ଆଦି ଅନେକ ଭାବନା ତା'ର ମନରେ ଉଦୟ ହୁଏ । ଯାହା ଫଳରେ ସେ ଅନେକ କିଛି ମାଆବାପାଙ୍କଠାରୁ ଲୁଚାଇ କରି ରଖିଥାଏ, ମିଛ କହେ, ଅନ୍ୟମାନଙ୍କ ସହ ମିଶି ଚୋରି କରେ, ଛଳନା କରେ । ସର୍ବୋପରି ତା'ର ଚେତନା କଳୁଷିତ ହୋଇଯାଏ । ସେ ଯଦି ବାରଂବାର ଗାଳି ଖାଏ ତେବେ ପଶୁ ପରି ଦେହସୁହା ହୋଇଯାଏ ଏବଂ ସେ କାହାରିକୁ ଖାତିରି କରେ ନାହିଁ । ଫଳରେ ସେ ଜବାବ ଦିଏ, ଜିଦ୍‌ଖୋର ହୁଏ ଏବଂ ମାଆବାପାଙ୍କୁ ମଧ୍ୟ ନାଲି ଆଖି ଦେଖାଇବାକୁ ପଛଘୁଞ୍ଚା ଦିଏନା । ସ୍ୱାତନ୍ତ୍ର୍ୟ, ସ୍ୱାଚ୍ଛନ୍ଦ୍ୟ, ନିରାପତ୍ତା ଓ ଭୟଶୂନ୍ୟତାହିଁ

ଅଗ୍ରଗତିର ଲକ୍ଷଣ । ପିଲା ଯେତେ ଭୁଲ୍ କଲେ ବି ତାକୁ ମାଡ଼ ଦେବା କେବେ ବି ଉଚିତ ନୁହେଁ । ନିଜ ପ୍ରତି ଭୟ, ମାତାପିତା ଓ ଶିକ୍ଷକଙ୍କ ପ୍ରତି ଭୟ, ସମାଜର ଭୟ, ପରିସ୍ଥିତିର ଭୟ, ଅଜଣା ଭୟ, ଭଗବାନ୍‌ଙ୍କ ପ୍ରତି ଭୟ, ଏପରିକି ମୃତ୍ୟୁ ଭୟରୁ ପିଲାଟି ମୁକ୍ତ ହେଉ ବୋଲି ଆମେ ଯଦି ଚାହୁଁଥିବା ତେବେ ଆମେ ରାଣ ଖାଇ କହିବା ଯେ ମୋଟେ ତାକୁ ମାଡ଼ ମାରିବା ନାହିଁ । ଅନେକ ବାର ବୁଝାଇବାକୁ ପଡ଼ିଲେ ବୁଝାଇବା ଉଚିତ । ବାରଂବାର ଗଣ୍ଡଗୋଳ କଲେ କିଂବା ଦୁଷ୍ଟାମି କଲେ ଶ୍ରେଣୀ କକ୍ଷ ବା ଘରୁ ବାହାରକୁ ଚାଲିଯିବା ପାଇଁ କୁହାଯାଇପାରେ; କିନ୍ତୁ କେବେ ବି କଡ଼ା କଥା କହିବା, ଅସଂସ୍କୃତ ଭାଷା ପ୍ରୟୋଗ କରିବା, ନକାରାତ୍ମକ ଶବ୍ଦ ବ୍ୟବହାର କରିବା ଉଚିତ ହେବ ନାହିଁ, ନଚେତ୍ ପିଲାଟି ନିରୁତ୍ସାହିତ ହୋଇ ପଡ଼ିବ ଏବଂ ମୋ ଦ୍ୱାରା କିଛି ହେବ ନାହିଁ, ମୋତେ କିଛି କରିବାକୁ ଦିଆଯାଉ ନାହିଁ, ମୋର କ'ଣ ବଞ୍ଚିବା ଓ ବଢ଼ିବାର ଅଧିକାର ନାହିଁ, ଏପରି ନକାରାତ୍ମକ ଭାବନା ଜାତ ହେଲେ ପିଲାଟିର କି ପ୍ରକାର ଅଗ୍ରଗତି ହେବ ତାହା ଆମେ ନିଜକୁ ପଚାରିବା ଉଚିତ ।

ଶ୍ରୀମା କହନ୍ତି, ''କେତେକ ମାଆବାପା ପିଲାମାନଙ୍କୁ ଭୟ ଦେଖାଇବା ଓ ଆଖି ଦେଖାଇ ସେମାନଙ୍କୁ ଆୟତ୍ତ କରିବାକୁ ଚାହାଁନ୍ତି ଏବଂ ତାହାହିଁ ହେଉଛି ଶିକ୍ଷାର ସବୁଠାରୁ ବଳି ନିକୃଷ୍ଟତମ ଉପାୟ; କାରଣ ଭୟହିଁ ମିଥ୍ୟା, ପ୍ରବଞ୍ଚନା, ଛଳନା ଆଦି ସମସ୍ତ ଖରାପ ଗୁଣକୁ ବୃଦ୍ଧି ଲାଭ କରିବାରେ ସାହାଯ୍ୟ କରିଥାଏ ।''

(CWM, Vol. 15, P. 379)

ପୁନଶ୍ଚ ମା' କହନ୍ତି, ''ପିଲାଙ୍କୁ କେବେ ବି ଗାଳି ଦିଅ ନାହିଁ । ଲୋକମାନେ ମୋତେ ଅଭିଯୋଗ କରି କୁହନ୍ତି ଯେ ମୁଁ କୁଆଡ଼େ ମାଆବାପାଙ୍କୁ ବଦନାମ କରେ । ମାତ୍ର ମୁଁ ସେମାନଙ୍କ କାର୍ଯ୍ୟକଳାପ ଦେଖିଛି; ଯେତେବେଳେ ଗୋଟିଏ ପିଲା ଆସି ସ୍ୱତଃସ୍ଫୂର୍ତ୍ତ ଭାବରେ କରିଥିବା ଭୁଲ୍‌କୁ ସେମାନଙ୍କ ଆଗରେ ସ୍ୱୀକାର କରେ, ମୁଁ ଭଲ ଭାବେ ଜାଣିଛି, ଶହେରୁ ନବେ ଭାଗ ମାତାପିତା ସେତେବେଳେ ପିଲାର କଥା ଧୈର୍ଯ୍ୟର ସହ ଶୁଣିବା ପରିବର୍ତ୍ତେ ଭୁଲ୍‌ଟାର ମୂଳ କେଉଁଠି ତାହା ବୁଝାଇବା ପରିବର୍ତ୍ତେ, କିପରି ଆଚରଣ କରିବା ଉଚିତ ତାହା ବୁଝାଇବା ପରିବର୍ତ୍ତେ ସେମାନେ ପିଲାକୁ ଧମକ ଦେଇ, ଆଖି ଦେଖାଇ କୁହନ୍ତି : ''ତୁ ଭାରି ଦୁଷ୍ଟ, ଯା' ପଳା, ମୋର ତୋ' କଥା ଶୁଣିବାକୁ ବେଳ ନାହିଁ ।'' ଏବଂ ଯେଉଁ ପିଲାଟି ଏତେ ଖୁସି ମନରେ କେତେ ଆଶା ନେଇ ଆସିଥିଲା ସେ ଏବେ କ୍ଷୁବ୍ଧ ହୋଇ ଆନ୍ଦୋଳିତ ଚିତ୍ତରେ ଏହି ଭାବନା ନେଇ ଫେରିଯାଏ : 'ମୋତେ କାହିଁକି ଏପରି ଖରାପ ବ୍ୟବହାର କରାଗଲା ?' ଏବଂ ତା'ପରେ ପିଲାଟି ଦେଖିବାକୁ ପାଏ ଯେ ମାଆବାପାମାନେ ବି ଦୋଷତ୍ରୁଟିରୁ ପୂର୍ଣ୍ଣଭାବେ ମୁକ୍ତ ନୁହଁନ୍ତି – ଯାହାକି ସ୍ୱଷ୍ଟ ଭାବରେ ବର୍ତ୍ତମାନ ସବୁ ଘଟୁଛି – ସେ ଦେଖେ ଯେ ସେମାନେ ବି ଭୁଲ୍ କରୁଛନ୍ତି ଏବଂ ନିଜକୁ ସେ କହେ : 'ସେ ମୋତେ କାହିଁକି ଗାଳି ଦେଲେ, ସେ ତ ମୋ ପରି !' ''

(CWM, Vol. 4, P. 28)

''ଗୋଟିଏ ନିୟମ ଅତି କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ । ଛୋଟ ପିଲାମାନଙ୍କୁ ମାଡ଼ ମାରିବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିବ । ଯେକୌଣସି ପ୍ରକାର ଆଘାତ ହେଉନା କାହିଁକି, ଏପରିକି ଗୋଟାଏ ଛୋଟ ଚଟକଣା ବା ପ୍ରଚଳିତ ପୂରା ଥାପଡ଼ାଟାଏ ଦେବା, ଗେଲରେ ଚିମୁଟି ଦେବା ଆଦି ସମ୍ପୂର୍ଣ୍ଣ ନିଷେଧ । ପିଲା ଆମର ବୋଲ ମାନୁ ନାହିଁ, ପିଲା ପାଠ ବୁଝିପାରୁ ନାହିଁ ବା ଗୋଳମାଳ କରି ଅନ୍ୟମାନଙ୍କର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ବୋଲି ତାକୁ ମାଡ଼ ମାରିବା ଦ୍ୱାରା ତୁମ ଭିତରେ ଆତ୍ମ ନିୟନ୍ତ୍ରଣର ଅଭାବ ଅଛି ବୋଲିହିଁ ପ୍ରମାଣିତ ହୋଇଥାଏ । ଏହା ଉଭୟ ଶିକ୍ଷକ ଓ ଛାତ୍ର ପାଇଁ କ୍ଷତିକାରକ ଅଟେ ।''

(CWM, Vol. 12, P. 197)

ଆଖି ଦେଖାରେ ନୁହେଁ, ଆତ୍ମ କର୍ତ୍ତୃତ୍ୱ ବଳରେହିଁ ପିଲାମାନେ ସଂଯତ ଓ ଶୃଙ୍ଖଳିତ ହୋଇ ଥାଆନ୍ତି । ପିଲା ଯଦି ବିଶୃଙ୍ଖଳିତ ହେଉଥାଏ ତେବେ ତାହା ଆମର ଦୋଷ ଦୁର୍ବଳତାକୁ ପ୍ରମାଣିତ କରେ ବୋଲି ବୁଝିବାକୁ ହେବ । କର୍କଶ ବା କଠୋର ହେଲେ ପିଲାମାନଙ୍କ ଉପରେ କଦାପି ନିୟନ୍ତ୍ରଣ ଅର୍ଜନ କରି ହେବ ନାହିଁ । ନିଜେ ନିଜକୁ ନିୟନ୍ତ୍ରଣରେ ରଖି ପାରିଲେ ଯାଇ ତାହା ସମ୍ଭବ ହୋଇଥାଏ । ଶ୍ରୀମା କହନ୍ତି – ''ଯଦି ତୁମେ ଅନ୍ୟ କାହା ଉପରେ କର୍ତ୍ତୃତ୍ୱ ବଜାୟ ରଖିବାକୁ ଚାହଁ ତାହାହେଲେ ପ୍ରଥମେ ନିଜ ଉପରେ କର୍ତ୍ତୃତ୍ୱ ହାସଲ କର । ଯଦି ତୁମେ ପିଲାମାନଙ୍କ ଭିତରେ ଶୃଙ୍ଖଳା ରକ୍ଷା କରିପାରୁ ନାହଁ, ତେବେ ସେମାନଙ୍କୁ ମାରଧର କର ନାହିଁ, ଗାଳିଗୁଲଜ କର ନାହିଁ ଅଥବା ଉତ୍ତେଜିତ ହୋଇପଡ଼ ନାହିଁ । ଏଥିପାଇଁ କାହାକୁ ଅନୁମତି ନାହିଁ । ଊର୍ଦ୍ଧ୍ୱରୁ ଶାନ୍ତି ଓ ନିରବତାକୁ ଆବାହନ କରି ଆଣ ଏବଂ ତାହାରି ପ୍ରଭାବରେହିଁ ସବୁକିଛି ସୁଧୁରି ଯିବ ।''

(CWM, Vol. 12, P. 195)

ପ୍ରଥମ କଥା ହେଲା ଆମେ ନିଜକୁ ଶାନ୍ତ ରଖିବା, ଅତ୍ୟନ୍ତ ଧୈର୍ଯ୍ୟଶୀଳ ହୋଇ ରହିବା । କେବେହେଲେ ରାଗିବା ନାହିଁ । ଅନ୍ୟ ଉପରେ ଶାସନ କରିବାକୁ ଯିବା ପୂର୍ବରୁ ଆଗ ନିଜକୁ ଶାସନ କରିବା । ପିଲାମାନେ ଦୁଷ୍ଟାମି କରିବେ ନାହିଁ ତ ଆଉ କିଏ କରିବ ? ପିଲାମାନେ ଭୁଲ୍ କରିବାଟା ଏକ ସାଧାରଣ କଥା । ଏହି କଥା ପାଇଁ ନିଜର ମିଜାଜ ଖରାପ କରିବା କେବେ ବି ଭଲ ନୁହେଁ । ଏହା କରିବା ଦ୍ୱାରା ମାତାପିତା ଓ ପିଲା ସମସ୍ତଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପିଲାର ଏକ ସହଜାତ ପ୍ରବୃତ୍ତି ରହିଛି, ଅନୁଭବ କରିବାର ଶକ୍ତି ରହିଛି । ତା'ର ଚୈତ୍ୟସତ୍ତା ସମ୍ମୁଖରେ ଥିବାରୁ ତା'ର ପ୍ରଭାବ ଯୋଗୁଁ ସେ ନିଜର ଭୁଲ୍ ଧୀରେ ଧୀରେ ବୁଝିପାରେ, ଲଜ୍ଜିତ ହୁଏ । କିନ୍ତୁ ଦଣ୍ଡ ପାଇବା ଭୟରେ ସେ ଏହା କରେ ନାହିଁ । ପିଲାମାନଙ୍କର ଦୁଷ୍ଟାମି ପାଇଁ ଆମେମାନେହିଁ ଦାୟୀ । ଆମେମାନେ କ'ଣ କମ୍ ଦୁଷ୍ଟ କି ? ମାତାପିତାଙ୍କର ଅବଚେତନାଗତ ଦୁଷ୍ଟାମି ଯୋଗୁହିଁ ପିଲାଟି ଦୁଷ୍ଟ ହୋଇଥାଏ । ସେମାନଙ୍କର ଦୁଷ୍ଟ ସ୍ୱଭାବ ଯୋଗୁଁ ପିଲାମାନେ ସାଧାରଣତଃ ଦୁଷ୍ଟ ହୋଇଥା'ନ୍ତି । ଦୁର୍ଭାଗ୍ୟର ବିଷୟ ଏହି ଯେ ମାତାପିତାଙ୍କ ଚେତନାର ପ୍ରଭାବ ଯୋଗୁଁ ଏବଂ ପରିବେଶର ପ୍ରଭାବ ଯୋଗୁହିଁ ପିଲାମାନେ ଅତି ଛୋଟ ବୟସରୁ ବି ହିସାବୀ ହୋଇ ପଡ଼ନ୍ତି ।''

(CWM, Vol. 5, P. 243)

ସେଥିପାଇଁ ସେମାନେ ଦୁଷ୍ଟ ହୋଇ ଥାଆନ୍ତି । ମାଆ ଆମକୁ ବାରଂବାର କହିଛନ୍ତି, ''ନିଜ ପିଲାକୁ ମୋଟେ ମାରିବ ନାହିଁ । ତଦ୍ଦ୍ୱାରା ତୁମର ଚେତନା ପୂରା ଆଚ୍ଛନ୍ନ ହୋଇଯିବ ଏବଂ ସେମାନଙ୍କର ଚରିତ୍ର ବି ନଷ୍ଟ ହୋଇଯିବ ।''

(CWM, Vol. 14, P. 315)

ପୁନଶ୍ଚ ଶ୍ରୀମା କହନ୍ତି : ''ପିଲା ଯେତେବେଳେ କିଛି ଭୁଲ୍ କରି ପକାଏ ସେତେବେଳେ ତୁମର ଏତିକି ଦେଖିବା ଉଚିତ ଯେ ସିଏ ଯେପରି ଆପଣାଛାଏଁ ଆଦୌ କୌଣସି କଥା ଗୋପନ ନ ରଖି ତୁମ ଆଗରେ ସମସ୍ତ ଦୋଷଟିକୁ ସ୍ୱୀକାର କରେ । ଯଦି ସେ ଥରେ ଦୋଷଟିକୁ ସ୍ୱୀକାର କରିଛି ତେବେ ତୁମେ ଅତ୍ୟନ୍ତ ସଦୟ ଓ ସ୍ନେହପୂର୍ଣ୍ଣ ଭାବରେ ତା'ର କେଉଁଠି କ'ଣ ଭୁଲ୍ ହୋଇଗଲା, ତାକୁ ସେ ବିଷୟରେ ଭଲ କରି ସବୁକଥା ବୁଝାଇ ଦେବ, ଯେପରିକି ସିଏ ଆଉ ଥରେ ସେହି ଭୁଲ୍ କରିବାକୁ ଯିବ ନାହିଁ । କିନ୍ତୁ ତୁମେ ତାକୁ କଦାପି ଗାଳି ଦେବ ନାହିଁ । ନିଜର ଯେଉଁ ଦୋଷଟିକୁ ସିଏ ତୁମ ପାଖକୁ ଆସି ସ୍ୱୀକାର କଲା, ସେହି ଦୋଷଟିକୁ ଅବଶ୍ୟ ମାର୍ଜନା କରିବାକୁ ହେବ । ତୁମେ ଓ ତୁମର ପିଲା ଭିତରେ ଆଦୌ କୌଣସି ଭୟ ଆସିବାକୁ ଦେବ ନାହିଁ । ଶିକ୍ଷା ଦେବାର ଏକ ଉପାୟ ରୂପେ ଭୟକୁ ବ୍ୟବହାର କଲେ ତା'ର ଫଳ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ ଏବଂ ତାହାର ଅନିବାର୍ଯ୍ୟ ପରିଣତି ହେଉଛି କପଟ ଆଚରଣ ଓ ମିଥ୍ୟାଚାର । ତୁମ ପିଲାର ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ ପିଲା ଓ ତୁମ ମଧ୍ୟରେ ଆସ୍ଥା ଓ ବିଶ୍ୱାସର ଏକ ନିବିଡ଼ ସମ୍ବନ୍ଧ ରହିବା ନିତାନ୍ତ ଆବଶ୍ୟକ ଏବଂ ଏହି ସମ୍ବନ୍ଧ ଗଢ଼ି ଉଠେ ଏକ ସୂକ୍ଷ୍ମଦର୍ଶୀ, ଦୃଢ଼ ଅଥଚ କୋମଳ ଏବଂ ମଧୁର ସ୍ନେହ ଦ୍ୱାରା ତଥା ଯଥାଯଥ ବ୍ୟାବହାରିକ ଜ୍ଞାନ ଦ୍ୱାରା । ଏକଥା କେବେ ବି ଭୁଲିଯାଅ ନାହିଁ ଯେ ଯେଉଁ ସନ୍ତାନକୁ ପୃଥିବୀକୁ ଆଣିଛ, ତାହା ପ୍ରତି ତୁମର ଯେଉଁ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ତାହା ପୂର୍ଣ୍ଣ ରୂପେ ଏବଂ ଯଥାର୍ଥ ଭାବରେ ସମ୍ପୂର୍ଣ୍ଣ କରିବା ସକାଶେ ପ୍ରତି ମୁହୂର୍ତ୍ତରେ ତୁମକୁ ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ ।'' (CWM, Vol. 12, P. 11)

ପିଲାମାନଙ୍କର କିଛି ଅସୁବିଧା ନହେଲେ ପ୍ରାୟ ସେମାନେ କୌଣସି ଅଭିଯୋଗ କରନ୍ତି ନାହିଁ, ଜିଦ୍ ଧରନ୍ତି ନାହିଁ କି ଅବାଧ୍ୟ ହୁଅନ୍ତି ନାହିଁ । ଆମେ ଏହା ଜାଣିବା ଦରକାର ଯେ ଆଧ୍ୟାତ୍ମିକ ଦୃଷ୍ଟିରୁ ସମସ୍ତେ ସମାନ । ମାତାପିତା ଓ ପିଲା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତେଣୁ ଆମେ ଏପରି ଆଚରଣ କରିବା ଯେପରି ପିଲା ତାହାକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ପାରିବ । ଆମେ ଏହା କଦାପି ଭୁଲିଯିବା ନାହିଁ ଯେ ଛଅ ବର୍ଷରୁ ସାନ ପିଲାଟିଏ ଯେତିକି ପ୍ରକାଶ କରେ ତା'ଠାରୁ ସେ ଅଧିକ ଜାଣିଥାଏ । ତେଣୁ ଆମେ ଏପରି କଥା କହିବା ନାହିଁ କି ଏପରି କାମ କରିବା ନାହିଁ ଯାହାର କୌଣସି ପ୍ରଭାବ ନଥିବ ଏବଂ ପିଲାକୁ ଯାହା ଭୁଲି ଯିବାକୁ ପଡ଼ିବ । ଅତୀତକୁ ଆମେ ଭୁଲିଯିବା, କିନ୍ତୁ ଅତୀତର ପୁନରାବୃତ୍ତି ହେଲେ କେଉଁ ପିଲା ଆମକୁ ମାନିବ ବା ଆଦର୍ଶ ରୂପେ ଗ୍ରହଣ କରିବ ? ପିଲା ବଡ଼ ହୋଇ ଯେଉଁ କାର୍ଯ୍ୟ କେବେ ନ କରୁ ବୋଲି ଆମେ ଚାହୁଁଥିବା ସେପରି କାମ କେବେ ବି କରିବା ନାହିଁ । ଉପଦେଶ ନ ଦେଇ ଦୃଷ୍ଟାନ୍ତ ହେବା ଏବଂ କଥା ଅପେକ୍ଷା କାମ ବେଶୀ କଲେ ତା'ର ପ୍ରଭାବ ପିଲା ଉପରେ ଅବଶ୍ୟ ପଡ଼ିବ । କର୍ତ୍ତୃତ୍ୱ ଜାହିର ନ କରି ପିଲାକୁ ବେଶୀ ସ୍ୱାଧୀନତା ଦେବାରେ ଉତ୍ତମ ଫଳ ମିଳିଥାଏ । ଆମ ଭିତରେ ସର୍ବଦା ଏକ କୋମଳ ହାର୍ଦ୍ଦିକତାର ଭାବ ରହିବା ଉଚିତ ଏବଂ ଖୁସିରେ ଆମେ ଯେପରି ସମସ୍ତ

ଅସୁବିଧାର ସମ୍ମୁଖୀନ ହେବା, ପିଲାକୁ ମଧ୍ୟ ସକଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଉତ୍ସାହିତ କରିବା । ଏହା ଦ୍ୱାରା ଭବିଷ୍ୟତ୍ ଜୀବନଟି ଦୃଢ଼ ହୁଏ, ପିଲାର ଆତ୍ମବିଶ୍ୱାସ ବଢ଼େ ଏବଂ ଆତ୍ମ ପ୍ରତ୍ୟୟ ଜାଗିଉଠେ । ପିଲାଟି ଖୁସି ହୋଇ ପାଠ ପଢ଼ିବ, ଖୁସି ହୋଇ କାମ କରିବ ଏବଂ ମାତାପିତା ପିଲାଟିର ସର୍ବୋତ୍ତମ ବନ୍ଧୁ ରୂପେ ତାକୁ ସାହାଯ୍ୟ କରୁଥିବେ ଏବଂ ପିଲାଟି ଯେଉଁସବୁ ଗୁଣ ଅର୍ଜନ କରୁ ବୋଲି ଚାହୁଁଥିବେ ସେସବୁ ଗୁଣର ସେମାନେ ଜ୍ୱଳନ୍ତ ଉଦାହରଣ ହେବା ଆବଶ୍ୟକ ।

(କ୍ରମଶଃ)

❑❑❑

*ମାଆ, ''ମୁକ୍ତ ଅଗ୍ରଗତି''*("free progress")*କହିଲେ ଆପଣ କ'ଣ ବୁଝନ୍ତି, ତାହାକୁ ଅଳ୍ପ କେତୋଟି ଶବ୍ଦରେ ବ୍ୟାଖ୍ୟା କରି କହିଦେବେ କି ?*

ଯେଉଁ ଅଗ୍ରଗତି ଆତ୍ମା ଦ୍ୱାରା ପରିଚାଳିତ ହେଉଥିବ, ଯାହା କୌଣସି ଅଭ୍ୟସ୍ତତା, ଚିରାଚରିତତା ଅଥବା ପୂର୍ବନିର୍ଦ୍ଧାରିତ ଧାରଣାର ଅଧୀନ ହୋଇ ରହି ନ ଥିବ, ତାହାହିଁ ମୁକ୍ତ ଅଗ୍ରଗତି ।

— ଶ୍ରୀମା


A year of silence and expectation...
Let us find, O Lord, our entire support in Thy Grace alone.

*(MCW, Vol. 15, p. 166)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ସଂସ୍କୃତ ବିଷୟରେ କେତୋଟି ଅଜଣା କଥା

## ନରେନ୍ଦ୍ର ଭାଇ

୧୯୬୮ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଆଶ୍ରମର ଜଣେ ବରିଷ୍ଠ ସାଧକ ମା'ଙ୍କୁ ଲେଖିଥିଲେ – ମା, ଜଣେ ପୁରୁଣା ବନ୍ଧୁ ମୋତେ ଲେଖିଛନ୍ତି ବିନୋବା ଭାବେ ଜାଣିବାକୁ ଚାହାଁନ୍ତି ''ଭାରତର ରାଷ୍ଟ୍ରଭାଷା ସଂସ୍କୃତ ହେବା ଉଚିତ'' ବୋଲି ଆପଣ ଯେ କହିଛନ୍ତି ତାହାର ଠିକ୍ ଠିକ୍ ଅର୍ଥଟା କ'ଣ ? ମୁଁ ବି ତାଙ୍କ କଥାରେ ପଦେ ଯୋଡ଼ି କହୁଛି – କ'ଣ ଆପଣ ଚାହାଁନ୍ତି ସଂସ୍କୃତର କଠିନ ବ୍ୟାକରଣକୁ ସମସ୍ତେ ଘୋଷନ୍ତୁ ?

ମା ତାଙ୍କ ଚିଠିର ଉତ୍ତରରେ ଲେଖିଥିଲେ – ''ସାଧାରଣ ଲୋକଙ୍କର ବ୍ୟବହାର ପାଇଁ ବ୍ୟାକରଣ ଦୃଷ୍ଟିରୁ ସଂସ୍କୃତକୁ ସରଳ କରାଯାଉ ବୋଲି ମୋର ଇଚ୍ଛା । କିନ୍ତୁ ଏକଥା ସମ୍ଭବ କି ନୁହେଁ ମୁଁ ଜାଣେନି ।''

ଆମ୍ଭମାନଙ୍କର ଗ୍ରହଣଶୀଳତାରେ ଶିଥିଳତା ଯୋଗୁଁ ଯଥେଷ୍ଟ ବିଳମ୍ବ ହୋଇଥିଲେ ବି ଏ କଥା ଆଜି ମା'ଙ୍କର ଅସୀମ କୃପାରୁ ସମ୍ଭବ ହୋଇ ପାରିଛି ।

ଗତ ଜୁଲାଇ ୧୪ ତାରିଖରେ 'ନବ ଜୀବନ ଶିକ୍ଷା ସଂସଦ' ତରଫରୁ ଶ୍ୟାମସୁନ୍ଦର ଭାଇଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା Online Sanskrit Classରେ ସଂସ୍କୃତ ବ୍ୟାକରଣକୁ ଆଦୌ ନ ଘୋଷି, ଶ୍ରୀମାଶ୍ରୀଅରବିନ୍ଦଙ୍କ ଶିକ୍ଷାନୀତିକୁ ଅବିକଳ ଅବଲମ୍ବନ କରି ସଂସ୍କୃତ ଶିକ୍ଷାର ଅଭିନବ ପଦ୍ଧତିକୁ ପ୍ରୟୋଗ କରି ଦେଖିଛୁ । ସଂସ୍କୃତ ଯେ ଆମ ମାତୃଭାଷା ଓ ଅନ୍ୟ ଯେକୌଣସି ଭାଷାଠାରୁ ସରଳତର ଏ କଥା ବି ଦୃଷ୍ଟାନ୍ତ ସହ ବୁଝିଛୁ ।

ଭାଷା ଶିଖିବାକୁ ହେଲେ ପଢ଼, ପଢ଼, ଆହୁରି ପଢ଼ ଓ ଯଥାସମ୍ଭବ କହିବାର ଅଭ୍ୟାସ କର ବୋଲି ମା କହିଛନ୍ତି । ଏଥିପାଇଁ ନିମ୍ନଲିଖିତ ବହିଗୁଡ଼ିକ ପ୍ରକାଶିତ ହୋଇଛି –

ସୁରଭାରତୀ ବହିର ୪ଟି ଭାଗ, ସୁରଭାରତୀ ସହାୟକ ପୁସ୍ତିକା, ସଂସ୍କୃତ (୧ମ, ୨ୟ, ୩ୟ ଶ୍ରେଣୀ ପାଇଁ) । ଏହି ବହିଗୁଡ଼ିକ କଟକ ମାତୃଭବନ ଓ ଭୁବନେଶ୍ୱର ଷ୍ଟୋର୍‌ରେ ମିଳେ ।

Speak Sanskrit the Easy Way, Learn Sanskrit the Natural Way, ସରଳସଂସ୍କୃତସରଣିଃ (ପ୍ରଥମ, ଦ୍ୱିତୀୟ ଭାଗ), ସଂସ୍କୃତସ୍ୟ ବ୍ୟାବହାରିକସ୍ୱରୂପମ୍, ପ୍ରତ୍ୟକ୍ଷପଦ୍ଧତ୍ୟା ସଂସ୍କୃତମ୍, ସଂସ୍କୃତଂ ଭାଷାମହୈ, ସମ୍ଭାଷଣ-ସହାୟଃ, ବାଲଶ୍ଲୋକାଃ, ସରଲଶ୍ଲୋକାଃ, ସରସଶ୍ଲୋକାଃ, ରଙ୍ଗମଞ୍ଚେ ସଂସ୍କୃତମ୍ (ପିଲାମାନଙ୍କ ପାଇଁ ନାଟକ), ଅର୍ଘ୍ୟମ୍ (ନାଟକ ବହି), ରମ୍ୟନାଟକାନି, ସତ୍‌କଥାଃ, କଥାଞ୍ଜଲିଃ, କଥାସଂଗ୍ରହଃ, ଆଲାପମାଲା ।

ଉଚ୍ଚଶ୍ରେଣୀ ପାଇଁ ତମିଲ୍-ସଂସ୍କୃତ-ସମ୍ବନ୍ଧଃ, ଛନ୍ଦୋଲଙ୍କାରପରିଚୟଃ, ପ୍ରାଥମିକଂ ପାଣିନୀୟମ୍, ପାଣିନୀୟ ପ୍ରବେଶଃ, ପାଣିନୀୟପଦ୍ଧତ୍ୟା ଶବ୍ଦରୂପାଣି, ବ୍ୟାବହାରିକଂ ପାଣିନୀୟମ୍, ନୀତିଶତକମ୍ (ଶ୍ରୀଅରବିନ୍ଦଙ୍କର ଇଂରାଜୀ ଅନୁବାଦ ସହିତ), ବେଦପ୍ରବେଶଃ, ଶ୍ରୀଅରବିନ୍ଦୋପନିଷଦ୍ (ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଓ ଆମ୍ଭମାନଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୱୟ, ଅର୍ଥ ଓ ଇଂରାଜୀ ଅନୁବାଦ ସହିତ), ଭବାନୀ ଭାରତୀ (ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଓ ଆମ୍ଭମାନଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୱୟ, ଅର୍ଥ ଓ ଇଂରାଜୀ ଅନୁବାଦ ସହିତ), ଦୁର୍ଗାସ୍ତୋତ୍ରମ୍, ଶ୍ରୀମାତା, ସ୍ତୋତ୍ରସଙ୍ଗୀତିକା (ପୂଜାଲାଲଙ୍କ ଦ୍ୱାରା ବିରଚିତ), ସଂକ୍ଷିପ୍ତଗୀତା (ଅନ୍ୱୟାର୍ଥ ସହିତ), Mantras in Sunil's Music ।

ଉପରୋକ୍ତ ବହିସବୁ ଓ ଅନ୍ୟାନ୍ୟ ବହିର ସୂଚୀ https://www.sabda.in ରେ ଅଛି ଓ ଏସବୁ ଆଶ୍ରମର SABDA ବିକ୍ରୟ କେନ୍ଦ୍ରରେ ମିଳେ । Online ଦ୍ୱାରା ବି ଅର୍ଡ଼ର କରାଯାଇପାରିବ ।

ଲୋକସଂସ୍କୃତମ୍ ନାମକ ସଂସ୍କୃତ ପତ୍ରିକା ଗତ ୩୭ ବର୍ଷ ହେଲା ଆଶ୍ରମର ସଂସ୍କୃତ ବିଭାଗ ପକ୍ଷରୁ ପ୍ରକାଶିତ ହୋଇ ଆସୁଛି । ଏଥିରେ ଗଳ୍ପ, ଗୀତ, ନାଟକ ଓ ଭାଷାଶିକ୍ଷଣ ଉପଯୋଗୀ ଅନ୍ୟାନ୍ୟ ବିଷୟ ପ୍ରକାଶିତ ହୋଇଥାଏ । ଫେବ୍ରୁଆରୀ ଓ ଅଗଷ୍ଟ ମାସରେ ପ୍ରକାଶିତ ହେଉଥିବା ଏହି ପତ୍ରିକାର ବାର୍ଷିକ ଚାନ୍ଦା ୪୦ ଟଙ୍କା ଓ ଆଜୀବନ ଚାନ୍ଦା (୨୦ ବର୍ଷ ପାଇଁ) ୬୦୦ ଟଙ୍କା Onlineରେ SABDAକୁ ପଠାଇ ହେବ ।

ସୁରଭାରତୀ ବହିର ୪ଟି ଭାଗରେ ଥିବା ସମସ୍ତ ଗୀତ ଓ 'ସଂସ୍କୃତ' ନାମକ ବହିରେ ଥିବା ସମସ୍ତ ଗୀତ ଓ ଶ୍ଲୋକକୁ ବନ୍ଦିତା ଅପା ସୁମଧୁର ବାଦ୍ୟ ସଙ୍ଗୀତ ସହ ଗାଇଛନ୍ତି । Online Sanskrit Classରେ ଯୋଗ ଦେଇଥିବା ସମସ୍ତ ଅପାଭାଇଙ୍କୁ

WhatsApp ମାଧ୍ୟମରେ ଅନେକ ଗୀତ ଯୋଗାଇ ଦିଆ ଯାଇଛି । କଟକ ମାତୃଭବନର ସମରେନ୍ଦ୍ର ଭାଇ ଓ ଭୁବନେଶ୍ୱରର ଅପର୍ତ୍ତି ଭାଇଙ୍କ ପାଖରେ ଏସବୁ ଗୀତ ଓ ଶ୍ଲୋକ ରହିଛି ।

Irelandର ରାଜଧାନୀ Dublin ସହରରେ ଅବସ୍ଥିତ John Scottus Schoolରେ ଏହି ଗୀତଗୁଡ଼ିକରୁ ଅଧିକାଂଶ Mr. Rutger ମହୋଦୟ ଶିଖାଉଛନ୍ତି । ୫୬ ବର୍ଷୀୟ, ଅବିବାହିତ ଏହି ସଂସ୍କୃତପ୍ରେମୀ ମହୋଦୟଙ୍କ ବିଷୟରେ ଗତ ଅଗଷ୍ଟ ମାସ ୨୯ ତାରିଖରେ ନିଜର 'ମନ୍ କି ବାତ୍'ରେ ମାନ୍ୟବର ପ୍ରଧାନମନ୍ତ୍ରୀ ମହୋଦୟ ଉଲ୍ଲେଖ କରିଛନ୍ତି ।

ପ୍ରତିବର୍ଷ ଥରେ କରି ଗତ ୧୨ ବର୍ଷ ହେଲା ଏହି ମହାଶୟ ଏଠାକୁ ଆସୁଛନ୍ତି । ଆମରି ପଦ୍ଧତିକୁ ଅନୁସରଣ କରି ସେ ୪ ଖଣ୍ଡ ବହି ଲେଖି କଟକସ୍ଥ ନନିଭାଇଙ୍କ ପ୍ରେସରେ ଛପାଇଛନ୍ତି । ଗତ ବର୍ଷ ଭାରତ ସରକାରଙ୍କର Indian Council for Cultural Relations ତରଫରୁ ଏହି ମହାଶୟଙ୍କୁ World Sanskrit Award, 2020 ବର୍ଷ ପାଇଁ ପ୍ରଦାନ କରାଯାଇଛି । ଏହି ମହାଶୟଙ୍କର website https://sanskrit.ie ରେ ଆମ ଗୀତଗୁଡ଼ିକ ଶୁଣିହେବ ।

୩୨ ବର୍ଷୀୟା, ଅବିବାହିତା, ମାତାପିତାଙ୍କର ଏକମାତ୍ର କନ୍ୟା Gabriella Burnel ମହୋଦୟା ଲଣ୍ଡନସ୍ଥ St. James Schoolରେ ନିଜର ୫ ବର୍ଷ ବୟସରୁ ୧୪ ବର୍ଷ କାଳ ସଂସ୍କୃତ ପଢ଼ିଛନ୍ତି । ସେ ଏଠାକୁ ୩ ଥର ଆସି ଆଶ୍ରମ ସ୍କୁଲର ପିଲାମାନଙ୍କୁ ଗୀତ ଶୁଣାଇ ଓ ଭାଷଣ ଦେଇ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି । YouTube ରେ ଅନେକ ବେଦମନ୍ତ୍ର, ସ୍ତୋତ୍ର ଓ ଗୀତ ଏହାଙ୍କ କଣ୍ଠରୁ ଶୁଣି ହେବ । ସୁରଭାରତୀ ବହିର ୪ର୍ଥ ଭାଗରେ ଥିବା ସୁରଭାରତୀ ସୁରମ୍ୟା ଗୀତଟି YouTubeରେ ଏହାଙ୍କ କଣ୍ଠରୁ ଶୁଣାଯାଇ ପାରିବ । ଏଠାରୁ ଶିଖି ଏ ମହାଶୟା Onlineରେ ସଂସ୍କୃତ ଶିଖାଉଛନ୍ତି ।

**ସଂସ୍କୃତ କିପରି ବଞ୍ଚିତ ହେଲା :**

ଆମ ଦେଶର ସମ୍ପର୍କ-ଭାଷା ଓ ରାଷ୍ଟ୍ରଭାଷା ସଂସ୍କୃତ ହେଉ ବୋଲି ମା' ଦେଇଥିବା ବାଣୀକୁ ଆମେ ଅର୍ଦ୍ଧ ଶତାବ୍ଦୀ ଧରି ପଢ଼ି ଆସିଅଛୁ । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏବେ ବି ଆମେ ନିଷ୍କ୍ରିୟ ଓ ଉଦାସୀନ ହୋଇ ରହିଛୁ । ଏହାର ପ୍ରଧାନ କାରଣଟି ନିମ୍ନ ପ୍ରଦତ୍ତ ବିବରଣୀରୁ ସ୍ପଷ୍ଟ ବୁଝି ହେବ –

ହିନ୍ଦୀ ଓ ସଂସ୍କୃତ ଭାଷା ଭିତରୁ କେଉଁଟା Official Language ହେବ ଏଥିପାଇଁ ସମ୍ବିଧାନ ରଚନା ସଭାରେ ମତ ଗ୍ରହଣ ସମୟରେ ଦୁଇ ପକ୍ଷର ସମର୍ଥକମାନେ ସମାନ ସଂଖ୍ୟକ ହେବାରୁ ହିନ୍ଦୀଭାଷୀ ସଭାପତି ମହୋଦୟ ହିନ୍ଦୀ ସପକ୍ଷରେ ନିଜ ମତ ଦେଇଥିଲେ । ଫଳରେ ଗୋଟିଏ ମାତ୍ର ଅଧିକ ଭୋଟରେ ହିନ୍ଦୀଭାଷା Official Language ରୂପେ ପରିଗଣିତ ହେଲା । ଏକଥା ପୂର୍ବତନ ଏମ. ପି. ଡକ୍ଟର ଧ୍ୟାନେଶ ନାରାୟଣ ଚକ୍ରବର୍ତ୍ତୀ ତାଙ୍କ ଦ୍ୱାରା ବଙ୍ଗଳା ଭାଷାରେ ଲିଖିତ 'ଜନଶିକ୍ଷା ଓ ସଂସ୍କୃତ' ନାମକ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ସେହି ପୁସ୍ତକରୁ କିଛି ଏଠାରେ ଉଦ୍ଧୃତ କରୁଛି –

''ଏହି ବହୁଭାଷୀୟ ଦେଶରେ ହିନ୍ଦୀ ଭଳି ଗୋଟିଏ କ୍ଷେତ୍ର ବିଶେଷର ଭାଷାକୁ ପ୍ରାଧାନ୍ୟ ଦିଆଗଲେ ଅନ୍ୟ ଭାଷାଭାଷୀ ଲୋକଙ୍କ ପ୍ରତି ଅବିଚାର, ପରିଣାମତଃ ଆତ୍ମକଳହର ଆଶଙ୍କା କରି ଦୂରଦର୍ଶୀ ବଙ୍ଗୀୟ ସଦସ୍ୟ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ମୈତ୍ର ସଂସ୍କୃତକୁ Official Language କରିବାକୁ ସମ୍ବିଧାନ ରଚନା ସଭାରେ (୧୯୪୯ ମସିହାରେ) ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବର ସମର୍ଥକ ଥିଲେ ନଜିରୁଦ୍ଦିନ ଅହମ୍ମଦ ନାମକ ଜଣେ ବଙ୍ଗୀୟ ମୁସଲମାନ । ସମ୍ବିଧାନ ରଚନା ସଭାରେ ଆଲୋଚନା ବେଳେ ବହୁ ଯୁକ୍ତି ଦେଇ ସ୍ୱର୍ଗତ ଡକ୍ଟର ବି. ଆର. ଅମ୍ବେଦକର, ଶ୍ରୀଯୁକ୍ତ ବି. ଭି. କେଶକର, ଶ୍ରୀଯୁକ୍ତ ଟି. ଟି. କୃଷ୍ଣମାଚାରୀ, ଡକ୍ଟର ପି. ସୁବ୍ବାରାୟନ୍, ଶ୍ରୀଯୁକ୍ତା ଦୁର୍ଗାବାଈ, ଶ୍ରୀଯୁକ୍ତ ଭି. ଏସ୍. ମୁନିସ୍ୱାମୀ ପିଲ୍ଲାଇ ଏବଂ ମାଡ୍ରାସ ଓ ବଙ୍ଗ ଅଞ୍ଚଳର ଅନେକ ସଦସ୍ୟ ଏହି ପ୍ରସ୍ତାବର ସମର୍ଥନ କରିଥିଲେ । କିନ୍ତୁ ସେତେବେଳେ ପ୍ରାୟ ସବୁ ଦଳର ରାଜନୈତିକ ନେତୃତ୍ୱ ହିନ୍ଦୀଭାଷୀ ଲୋକମାନେ କରୁଥିଲେ । ଏଣୁ ଅଣହିନ୍ଦୀଭାଷୀ ରାଜନୈତିକ ବର୍ଗ ନିଜ ନିଜ ଦଳୀୟ ନିର୍ଦ୍ଦେଶର ବେଦୀମୂଳରେ ଦେଶ କଲ୍ୟାଣକୁ ବଳି ଦେଇ ହିନ୍ଦୀଭାଷାର ଯୂପକାଷ୍ଠରେ ସଂସ୍କୃତର ହତ୍ୟା କଲେ । ଫଳରେ ଗୋଟିଏ ମତର ଆଧିକ୍ୟରେ ହିନ୍ଦୀଭାଷା ଅଖିଳ ଭାରତୀୟ ସମ୍ପର୍କ ଭାଷା ରୂପେ ଗୃହୀତ ହେଲା । କିନ୍ତୁ ଏହି ହଠକାରିତା ଦେଶରେ ଗୃହଯୁଦ୍ଧର ଭୂମିକା ସୃଷ୍ଟି କଲା, ସାର୍ବଜନୀନ ମାନବତାର ଅପମୃତ୍ୟୁର ସୂଚନା ଦେଲା । ଫଳରେ ୧୯୫୬ ମସିହାରେ ସ୍ୱର୍ଗତ ବାଳଗଙ୍ଗାଧର ଖେର ମହୋଦୟଙ୍କ ସଭାପତିତ୍ୱରେ Official Language Commission ଏବଂ ୧୯୫୭ ମସିହାରେ ଭାଷାଚାର୍ଯ୍ୟ ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କ ସଭାପତିତ୍ୱରେ Sanskrit Commission ସମଗ୍ର ଭାରତ ଭ୍ରମଣ କରି ସବୁ ସ୍ତରର

ଲୋକଙ୍କଠାରୁ ମତ ଗ୍ରହଣ କଲେ । ସେତେବେଳେ ଅସଂଖ୍ୟ ଲୋକ ହିନ୍ଦୀଭାଷାର ଅନ୍ୟାୟ ଆଧିପତ୍ୟକୁ ବିରୋଧ କରିଥିଲେ । ବିଶେଷତଃ ୧୯୫୫ ମସିହାରେ ରାଜ୍ୟ ପୁନର୍ଗଠନ ଆୟୋଗ ସମକ୍ଷରେ ହିନ୍ଦୀକୁ ବିରୋଧ କରି ପ୍ରାୟ ସବୁ ପ୍ରଦେଶର ଲୋକମାନେ ବିକ୍ଷୋଭ କରିଥିଲେ । ସେହି ସମୟରେ ସମଗ୍ର ଭାରତରେ ସଦ୍ୟଜାତ ଗୃହଯୁଦ୍ଧର ଉପକ୍ରମକୁ ଦୂର କରିବା ପାଇଁ ଅଖିଳ ଭାରତ ସଂସ୍କୃତ ରାଷ୍ଟ୍ରଭାଷା ସମ୍ମେଳନ ପକ୍ଷରୁ କେତେ ଲକ୍ଷ ଲୋକଙ୍କର ହସ୍ତାକ୍ଷର ସଂଗ୍ରହ କରି ସଂସ୍କୃତକୁ ରାଷ୍ଟ୍ରଭାଷା ଭାବରେ ଗ୍ରହଣ କରିବା ପାଇଁ ଆଲୋଚନା ପ୍ରସ୍ତାବ ଆଣିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଥିଲା । ସେତେବେଳକାର ବଙ୍ଗୀୟ ସଦସ୍ୟ ଶ୍ରୀ ଚପଳାକାନ୍ତ ଭଟ୍ଟାଚାର୍ଯ୍ୟ ସମ୍ବିଧାନରେ ହିନ୍ଦୀଭାଷା ସହ ସଂସ୍କୃତକୁ ''ସହଯୋଗୀ ସରକାରୀ ଭାଷା'' ଭାବରେ ଗ୍ରହଣ କରାଯାଉ ବୋଲି ଲୋକସଭାରେ ପ୍ରସ୍ତାବ ଆଣିଥିଲେ । ୧୯୬୩ ମସିହା ନଭେମ୍ବର ମାସ ୨୨ ତାରିଖରେ ଏହି ପ୍ରସ୍ତାବ ଆଲୋଚନା ପାଇଁ ଉପସ୍ଥାପିତ କରାଯାଇଥିଲା ଏବଂ ସେହି ନଭେମ୍ବର ମାସ ୨୨, ଡିସେମ୍ବର ମାସ ୬ ଓ ୨୦ ତାରିଖରେ ଏହା ଉପରେ ସୁଦୀର୍ଘ କାଳ ଲୋକସଭାରେ ଆଲୋଚନା କରାଯାଇଥିଲା । ନିର୍ଦ୍ଧାରିତ ସମୟଠାରୁ ସାଢ଼େ ଚାରି ଘଣ୍ଟା ଅଧିକ ସମୟ ଏହି ଆଲୋଚନାରେ ବ୍ୟତୀତ ହୋଇଥିଲା । ସମୟ ବଢ଼ାଇବା ପାଇଁ କରାଯାଇଥିବା ପ୍ରାର୍ଥନାର ସପକ୍ଷରେ ପ୍ରଥମ ଥର ୮୧ ଜଣ ଓ ବିପକ୍ଷରେ ୧୯ ଜଣ ଏବଂ ଦ୍ୱିତୀୟ ଥର ସପକ୍ଷରେ ୩୯ ଜଣ ଏବଂ ବିପକ୍ଷରେ ୧୦ ଜଣ ଥିଲେ ।

୧୯ ଜଣ ମାନନୀୟ ସଦସ୍ୟ ଏହି ପ୍ରସ୍ତାବର ଆଲୋଚନାରେ ଭାଗ ନେଇଥିଲେ । ସେଥିରୁ ୧୫ ଜଣ ସମର୍ଥନ ଓ ୪ ଜଣ ବିରୋଧ କରିଥିଲେ । ଯେଉଁ ୧୫ ଜଣ ସଦସ୍ୟ ସମର୍ଥନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ୮ଜଣ କଂଗ୍ରେସ, ୨ଜଣ କମ୍ୟୁନିଷ୍ଟ, ଜଣେ ଜନସଂଘ ଓ ୪ଜଣ ନିର୍ଦ୍ଦଳୀୟ ସଦସ୍ୟ ଥିଲେ । ଆଲୋଚନାର ଧାରା ଓ ଉତ୍ସାହକୁ ଦେଖି ଏହି ପ୍ରସ୍ତାବ ଗୃହୀତ ହୋଇଯିବ ବୋଲି ବିଶ୍ୱାସ କରାଯାଇଥିଲା । କିନ୍ତୁ କୌଣସି ଅଜ୍ଞାତ ନିଗୂଢ଼ କାରଣରୁ ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ହାଜାରନବୀଶ ଏହି ପ୍ରସ୍ତାବକୁ ମତ ଗ୍ରହଣ ପାଇଁ ଅନୁମତି ଦେଲେ ନାହିଁ । ଫଳରେ ଯେଉଁ ସଦସ୍ୟମାନେ ଏହି ଶୁଭ ପ୍ରସ୍ତାବର ସମର୍ଥନ କରି ଆଲୋଚନା କରିଥିଲେ ସେମାନେ ଦଳୀୟ ନିର୍ଦ୍ଦେଶ ହେତୁ ମତଦାନ ଅଧିକାରରୁ ବଞ୍ଚିତ ହେଲେ । ଏହିଭଳି ଭାବରେ ଗୋଟିଏ ଗୋଷ୍ଠୀର ଅଥବା ବ୍ୟକ୍ତି ବିଶେଷର ଅଶୁଭ ସଂକୀର୍ଣ୍ଣତାବୋଧ ଓ ଅଜ୍ଞାନଜନିତ ଔଦ୍ଧତ୍ୟ ଯୋଗୁଁ ଆମ ଦେଶ ଏକ ମହାକଲ୍ୟାଣର ଆଶୀର୍ବାଦରୁ ବଞ୍ଚିତ ହେଲା । ସେତେବେଳେ ଯେଉଁ ଦୂରଦର୍ଶୀ ମାନନୀୟ ସଦସ୍ୟମାନେ ସଂସ୍କୃତକୁ ସମର୍ଥନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ଭାଷଣାବଳିର ଅଂଶବିଶେଷ କେନ୍ଦ୍ର ସରକାର ''ଲୋକସଭା ଭାଷଣାବଳି'' ନାମରେ ପ୍ରକାଶିତ କରିଛନ୍ତି । ସେଥିରୁ କିଛି ଅଂଶ ଏଠାରେ ଉଦ୍ଧୃତ କରୁଛି –

**Shri Chapala Kanta Bhattacharya :**

"I hoped that if my arguments do not prevail with the Government of India, at least argument of the Prime Minister would. But somehow I have failed. While the Minister argued for Sanskrit and came to a conclusion against it, I feel there is some confusion somewhere. Otherwise, it could not have been so.

When I heard the Minister speaking like that, the Lord's saying in the Gita came to my mind :

'କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍' ।

"What you are not inclined to do today because of confusion in thinking, you will have to do someday out of force of circumstances." (ବଙ୍ଗଳା ଭାଷାରେ ଲିଖିତ 'ଜନଶିକ୍ଷା ଓ ସଂସ୍କୃତ', ପୃ. ୯୯)

**Constituent Assembly Debatesରୁ କିଛି :**

"An Honourable Member : What is your view ?

Mr. Naziruddin Ahmad : My own view is that it is one of the greatest languages and...

An Honourable Member : And should it

be adopted as the National language or not ? It is not spoken by anyone now.

Mr. Naziruddin Ahmad : Yes, and for the simple reason that it is impartially difficult to all. **Hindi is easy for the Hindi speaking areas, but it is difficult for other areas.** I offer you a language which is the grandest and the greatest and it is impartially difficult, equally difficult for all to learn. There should be some impartiality in the selection. If we have to adopt a language, it must be grand, great and the best. Then why we should discard the claims of Sanskrit, I fail to see. If the non-Hindi people have to learn a language, they would rather learn Sanskrit than a language which is infinitely below Sanskrit in status, quality and rank."

(Constituent Assembly Debates, Vol. IX, 12th Sept. 1949, P. 1333-34)

ଅକ୍ଟୋବର ୧, ୧୯୫୬ରେ ଭାରତ ସରକାରଙ୍କ ଦ୍ୱାରା Sanskrit Commission ଗଠିତ ହୋଇଥିଲା (Vide Govt. of India Resolution No. F.34-1/56-A-1) । ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ୮ ଜଣ ସଦସ୍ୟ ଥିଲେ ଏବଂ ଡା. ସୁନୀତି କୁମାର ଚାଟାର୍ଜୀ ଏହାର ଅଧ୍ୟକ୍ଷ ଥିଲେ । ନଭେମ୍ବର ୩୦, ୧୯୫୭ରେ ଏହି ଆୟୋଗ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା report ଭାରତ ସରକାରଙ୍କୁ ଦେଇଥିଲେ । ସେଥିରେ ୨୫୦ ପୃଷ୍ଠାରେ ନିମ୍ନଲିଖିତ ପରାମର୍ଶ ଅଛି –

"The Commission recommends the following pattern for the study of languages in Schools : (i) Class 1-5 : only the mother tongue with voluntary extra-curricular lessons in Sanskrit *Subhasitas*, etc. (ii) Class - 6 : the mother tongue and English, the extra-curricular lessons in Sanskrit *Subhasitas* etc. being continued; and (iii) Class 7-11 : the mother-tongue (reduced), English and Sanskrit. In this connection, the Commission thinks that it is not advisable to add the burden of Hindi as the fourth language at the School stage."

### ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀ :

"An attempt is made to impose an arbitrary law (Hindi) on them – the arbitrary law is stupid."

(India the Mother, Dec. 27, 1967, P. 170)

"Simplified Sanskrit to replace Hindi as the language of India."

(India the Mother, Dec. 15, 1970, P. 207)

"Hindi is good only for those who belong to a Hindi-speaking province. Sanskrit is good for all Indians. Sanskrit ought to be the national language of India."

(India the Mother, April 19, 1971, P. 212)

"It is only Sanskrit which will be ultimately acceptable to the people of India."

(India the Mother, P. 207)

ମୋର Ph.D. thesis ''ସଂସ୍କୃତସ୍ୟ ବ୍ୟାବହାରିକ-ସ୍ୱରୂପମ୍''ର ଭୂମିକା, ପ୍ରଥମ ଅଧ୍ୟାୟ ଓ ଉପସଂହାର ପଢ଼ିଲେ ଯେକୌଣସି ବିବେକଶୀଳ ବ୍ୟକ୍ତି ସଂସ୍କୃତ ଭାଷା ହିନ୍ଦୀ ଭାଷାଠାରୁ ଅତ୍ୟନ୍ତ ସରଳ ବୋଲି ହୃଦୟଙ୍ଗମ କରି ପାରିବ । UGC ଦ୍ୱାରା reference ବହି ଭାବରେ ଅନୁମୋଦିତ ଏହି ବହିଟି କେତେକ College ଓ Universityରେ ବ୍ୟବହୃତ ହେଉଛି । ଏହାର ପୁନଃ ମୁଦ୍ରଣ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ଏହା ଏବେ SABDAରେ କିଣିବାକୁ ମିଳୁଛି ।

"Of all the provinces the people of Odisha are the most willing to go forward, to change something..." ବୋଲି ମା କହିଛନ୍ତି । ସଂସ୍କୃତକୁ ଶିଖିବାକୁ ବ୍ୟାବହାରିକ ଭାଷାରେ ପରିଣତ କରିବାକୁ ମା ପାଞ୍ଚଥର Blessings ଦେଇଛନ୍ତି । ଏଣୁ ଏହି କାର୍ଯ୍ୟରେ ଆଉ ଉଦାସୀନତା, ବାଧା ଓ ନିଷ୍କ୍ରିୟତା ନ ରହୁ ବୋଲି ମା'ଙ୍କଠାରେ ବିନମ୍ର ପ୍ରାର୍ଥନା । ❑

# ଦିବାସ୍ୱପ୍ନ

## (୧୧)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ । ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ପ୍ରାରମ୍ଭରେ ଏହି ପ୍ରତିଭାବାନ୍ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସର୍ବୋପରି ତାଙ୍କର ଅଭିନବ ଶିକ୍ଷଣ-ଶୈଳୀ ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ଶିକ୍ଷା ଓ ପରୀକ୍ଷା ପରସ୍ପରର ପରିପୂରକ । ତାଙ୍କର ପ୍ରୟୋଗଶାଳାରେ ଷାଣ୍ମାସିକ ପରୀକ୍ଷା ଅଭିନବ ପଦ୍ଧତିରେ ସମ୍ପାଦିତ ହୋଇଯାଇଛି । ପିଲାମାନଙ୍କର ଭାଷା ଉପରେ ଦକ୍ଷତା, ସ୍ମୃତିଶକ୍ତିର ଅଭିବୃଦ୍ଧିମୂଳକ କାର୍ଯ୍ୟ, ସୃଜନାତ୍ମକ କାର୍ଯ୍ୟାବଳି, ଅଭିନୟ-ପଟୁତା, ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାର ପରିଚ୍ଛନ୍ନତା, କ୍ରୀଡ଼ାରେ ଦକ୍ଷତା, ରୁଚିପୂର୍ଣ୍ଣ ସଂଗ୍ରହାଳୟର ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ ଶିକ୍ଷାକେନ୍ଦ୍ରର ଅଧିକାରୀଙ୍କୁ ମୁଗ୍ଧ ଓ ଆମୋଦିତ କରିଛି । ଏସବୁ ତାଙ୍କ ଦ୍ୱାରା ଉନ୍ନତମାନର ଶିକ୍ଷାପଦ୍ଧତି ଭାବେ ଆଦୃତ ହୋଇଛି ମଧ୍ୟ । ପରିଶେଷରେ ସେ ପିଲାମାନଙ୍କୁ ପରୀକ୍ଷାରୁ ମୁକ୍ତ କରିଛନ୍ତି । ଏହି ଶିକ୍ଷା ପ୍ରଣାଳୀର ସଫଳତା ସହକର୍ମୀ ଶିକ୍ଷକ/ଶିକ୍ଷିକାମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଛି । ତାଙ୍କ ସହ ଆଲୋଚନା ମାଧ୍ୟମରେ ସେମାନେ ନିଜର ଦୃଷ୍ଟିଭଙ୍ଗୀ ତଥା ଶିକ୍ଷଣ-ଶୈଳୀକୁ ଉନ୍ନତ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

ବର୍ତ୍ତମାନ ଶିକ୍ଷାବର୍ଷର ଅନ୍ତିମ ପର୍ଯ୍ୟାୟ । ନୂତନ ପ୍ରୟୋଗ ଭିତରେ ଶିକ୍ଷକ ଜଣକ ଅନୁଭବ କରିଛନ୍ତି ଯେ କେତେକ ପିଲାଙ୍କୁ ଯଥାର୍ଥ ଶିକ୍ଷା-ପ୍ରଦାନ ପାଇଁ ସ୍କୁଲର ପାଠକ୍ରମ, ପରିବେଶ ଓ ପରିସ୍ଥିତି ଅଯୋଗ୍ୟ । ସେମାନେ ସ୍ୱତନ୍ତ୍ରଭାବେ ତାଲିମ ପାଇବା ଆବଶ୍ୟକ । ଶ୍ରେଣୀଗୃହର ଶିକ୍ଷା ଗ୍ରହଣରେ ଉପକୃତ ହୋଇ ନ ଥିବା କିଛି ପିଲାଙ୍କୁ ସ୍ୱତନ୍ତ୍ର ଭାବେ ସମୟ ଦେଇ ଶିକ୍ଷା ଦେବାକୁ ହେବ । ସ୍କୁଲର ଡାଇରେକ୍ଟର ତାଙ୍କର ମନ୍ତବ୍ୟକୁ ସ୍ୱାଗତ ଜଣାଇଛନ୍ତି । ବାର୍ଷିକ ସମ୍ମିଳନୀରେ ପୁରସ୍କାର ବିତରଣ କରିବାକୁ ଥିବା ଅର୍ଥରେ ବିଦ୍ୟାଳୟରେ ଗୋଟିଏ ପୁସ୍ତକାଳୟ ଉନ୍ମୋଚନ ହେବା କଥା ଗୃହୀତ ହୋଇଛି । ସମାପ୍ତ ହୋଇଛି ଶିକ୍ଷାବର୍ଷଟି । କିନ୍ତୁ ଶିକ୍ଷା ଅନୁରାଗୀମାନଙ୍କ ସ୍ୱପ୍ନ ସମାପ୍ତ ହୋଇ ନାହିଁ । ନୂଆ କିଛି ଖୋଜୁଥିବା ଶିକ୍ଷକ ପାଇଁ ଶିକ୍ଷାର ପରିସର ସୁଦୂର ପ୍ରସାରୀ... ଦୂର ଦିଗ୍‌ବଳୟ ହାତ ପାହାନ୍ତାରେ ମନେ ହେଲେ ବି ସେଠାରୁ ଆଉ କିଛି ଦିଶୁଥାଏ । ଏହି ପୁସ୍ତକଟି ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଅସରନ୍ତି ସ୍ୱପ୍ନ ଧରି ଚାଲିଛନ୍ତି; ନିଜ ଭିତରେ ଓ ବାହାରେ ନିରନ୍ତର ନୂଆ କିଛି ଖୋଜି ବୁଲୁଛନ୍ତି ।]

### ଚତୁର୍ଥ ଭାଗ

### ଅନ୍ତିମ ସମ୍ମିଳନୀ

(V)

ବାର୍ଷିକ ପରୀକ୍ଷା ପାଖେଇ ଆସୁଥାଏ । ମୁଁ ମୋ କାମର ହିସାବ କରିବାକୁ ବସିଲି । ବସି ବସି ମୁଁ ଗଣିତ ବିଷୟରେ ଚିନ୍ତା କଲି । ଅବଶ୍ୟ ଏମିତି ନୁହେଁ ଯେ ମୁଁ ଗଣିତ ଆରମ୍ଭ ମଧ୍ୟ କରିନି । କିନ୍ତୁ ତା’ର ବିଶେଷ ଆଲୋଚନା ପାଇଁ ଆଜି ଇଚ୍ଛା ହେଲା । ପିଲାଙ୍କର ଗଣିତ ଜ୍ଞାନର ପରୀକ୍ଷା କରିବା ଉଦ୍ଦେଶ୍ୟରେ ମୁଁ କିଛି ପ୍ରଶ୍ନ ପଚାରିଲି । ସେମାନେ ସବୁ ଠିକ୍ ଠିକ୍ ଉତ୍ତର ଦେଇ ଚାଲିଲେ । ପ୍ରଥମେ ମୁଁ ଭାବିଲି ଯେ ଏମାନେ

ଗଣିତରେ ଖୁବ୍ ପାରଙ୍ଗମ । ଭଲ ବି ହେଲା । ଯେଉଁ ବିଷୟରେ ମୁଁ କିଛି ନୂଆ ଜିନିଷ କରି ପାରିବିନି ବୋଲି ଭାବୁଥିଲି, ସେଥିରେ ପିଲାମାନେ ଠିକ୍ ଅଛନ୍ତି । କିନ୍ତୁ ଯେତେବେଳେ ମୁଁ ଏହି ପ୍ରଶ୍ନଗୁଡ଼ିକର ମୂଳରେ ଥିବା ନିୟମ ଓ କାରଣ ପଚାରିଲି ସେତେବେଳେ ପ୍ରକୃତ ଅବସ୍ଥା ଜାଣିପାରିଲି । ମୁଁ ଦେଖିଲି ଯେ ପିଲାଙ୍କୁ ମିଶାଣ, ଫେଡ଼ାଣ ଇତ୍ୟାଦି ଆସୁଛି; କିନ୍ତୁ ଏ ଜ୍ଞାନ ପୂରା ଯନ୍ତ୍ରବତ୍ । ମୁଁ ଭାବିଲି ଏହାର ଉପାୟ କ'ଣ ? ଏକେ ତ ଗଣିତ ମୋତେ ଏତେ ଭଲ ଲାଗେନି । ଦ୍ୱିତୀୟରେ ତାଙ୍କର ପଢ଼ାର ଦୋଷ ମୁଁ ଦେଖୁଛି । କିନ୍ତୁ ତାକୁ କିପରି ଦୂର କରାଯାଇପାରିବ ସେ ପନ୍ଥା ମୁଁ ଖୋଜି ନଥିଲି । ଏଇ ସମୟରେ ଏହା ଗୋଟିଏ ବଡ଼ କଠିନ ପ୍ରଶ୍ନ ହୋଇଗଲା ଯେ ମୁଁ କ'ଣ କରିବି ଠିକ୍ କରି ପାରିଲିନି । ଡେପୁଟୀ ଡାଇରେକ୍ଟରଙ୍କୁ କହିଲି, ''ପରିବର୍ତ୍ତନ ଆରମ୍ଭ ସମୟରୁ ଦରକାର । ପିଲାମାନେ ଗଣିବାକୁ ଶିଖିବା ସମୟରେହିଁ ତାଙ୍କୁ ଉଚିତ ପଦ୍ଧତି ବତାଇ ଦେବା ଦରକାର । ଗଣିତ ବିଷୟଟି ଏପରି ଯେ ଯଦି ମୂଳଦୁଆ ଠିକ୍‌ରେ ନ ପଡ଼ିଛି, ତେବେ ତାହା ସବୁଦିନ ପାଇଁ ଦୁର୍ବଳ ହୋଇ ରହିଯାଏ ।''

ସେ କହିଲେ, ''ତେବେ ତୁମେ ତାଙ୍କୁ ଆରମ୍ଭରୁ ଗଣିତ କାହିଁକି ଶିଖାଉ ନାହଁ ?''

ମୁଁ କହିଲି, ''ଏଥିପାଇଁ ସମୟ କାହିଁ ? ଯଦିବି ସମୟ ଥାଏ, ତେବେ ବି ଯେଉଁ ପିଲା ଯନ୍ତ୍ର ଭଳି ଗଣିତ କରୁଛି, ତା'ର କାରଣ କିଛି ପଚାରୁନି, ଅଭ୍ୟାସବଶତଃ ହିସାବ କରିଯାଉଛି, ଏବେ ତାକୁ ଠିକ୍ ରାସ୍ତାକୁ ଆଣିବା ବହୁତ କଷ୍ଟ ।''

ଡେପୁଟୀ ଡାଇରେକ୍ଟର କହିଲେ, ''ତା'ହେଲେ ଏ ପିଲାମାନଙ୍କର ଗଣିତ...''

ମୁଁ କହିଲି, ''ମୁଁ ତ ତାଙ୍କୁ ଭଲ କରି ଶିଖାଇ ଦେବି । କିନ୍ତୁ ମୋର କହିବାର ଅର୍ଥ ହେଉଛି ଏସବୁ ବିଷୟରେ ଯାହା ନୂଆ ପ୍ରୟୋଗ କରାଯାଇ ପାରନ୍ତା ତା' ମୁଁ କରିପାରିବି ନାହିଁ ।''

ସେ ପଚାରିଲେ, ''ଧରି ନିଅ ତୁମକୁ ପ୍ରଥମ ଶ୍ରେଣୀରେ ଗଣିତ ପଢ଼ାଇବାକୁ ଦିଆଗଲା । ତେବେ ତୁମେ ସେଥିରେ ଗଣିତର ପ୍ରୟୋଗସବୁ କରିବ ନା ନାହିଁ ?''

ମୁଁ କହିଲି, ''ଆଶା କରୁଛି ଯେ ଏ ପ୍ରୟୋଗ ମୁଁ ଏକ, ଦୁଇ ଗଣିବାଠାରୁ ହିଁ ଆରମ୍ଭ କରିବି । ତା'ହେଲେ ମୁଁ ଦୃଢ଼ ବିଶ୍ୱାସର ସହ କହିପାରିବି – ଦେଖ, ଏ ଉପାୟ ଭଲ । ମୁଁ ଜାଣେ ଯେ ମୋ ଶିକ୍ଷକ ଭାଇମାନେ ଗଣିତ ପଢ଼ାଇବା ପାଇଁ କୌଣସି ଗୋଟିଏ ପଦ୍ଧତି ବାଛି ନେଇଥା'ନ୍ତି । ଆସନ୍ତା ବର୍ଷ ଏ ବିଷୟରେ କିଛି ନିଶ୍ଚୟ କରିବି । ମୁଁ ଭାବୁଛି ଯେ ମଣ୍ଟେସୋରୀଙ୍କ ଗଣିତ ପଦ୍ଧତି ବେଶ୍ ଭଲ । ଅବଶ୍ୟ ଏ ବିଷୟରେ ମୁଁ କେବଳ ପଢ଼ିଛି ଓ ଭାବିଛି । ପ୍ରତ୍ୟକ୍ଷ ଅନୁଭୂତି କିଛି ନାହିଁ ।''

ସେ ମୋତେ ପଚାରିଲେ, ''ଆସନ୍ତା ବର୍ଷ ତୁମେ ଏଠାରେ ଡେପୁଟୀ ଡାଇରେକ୍ଟର ଭାବରେ ରହିବ କି ? ତେବେ ତୁମେ ଶିକ୍ଷକ ତାଲିମ କେନ୍ଦ୍ରରେ ଗଣିତ ଶିକ୍ଷା ଉପରେ ବିଭିନ୍ନ ପ୍ରୟୋଗ କରି ପାରନ୍ତ !''

ମୁଁ କହିଲି, ''ତା'ତ ପ୍ରଭୁଙ୍କ ଇଚ୍ଛା । କିନ୍ତୁ ଏଥରକ ପାଇଁ କହୁଛି ଯେ ଗଣିତ ଉପରେ କିଛି ବିଶେଷ ନୂଆ କଥା ମୁଁ ଦେଖାଇ ପାରିବି ନାହିଁ ।''

## (VI)

ବାର୍ଷିକ ପରୀକ୍ଷା ପାଖେଇ ଆସିଲା । ମୁଁ ମୋ ନିଜ ଢଙ୍ଗରେ ପିଲାମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାରେ ଲାଗିଲି । ପିଲାମାନେ ମଧ୍ୟ ଉତ୍ସାହର ସହିତ ଲାଗି ପଡ଼ିଥା'ନ୍ତି । ମୋ ପିଲାମାନେ ଯେ ପରୀକ୍ଷାରେ ସଫଳ ହେବେ ସେ ବିଷୟରେ ମୁଁ ନିଶ୍ଚିତ ଥାଏ ।

ପରୀକ୍ଷାର ଦିନ ଆସିଗଲା । ଅଧିକାରୀ ମହାଶୟ ସବୁ ଶ୍ରେଣୀର ପରୀକ୍ଷା ନେଇଗଲେ । ଆଜି ମୋ ଶ୍ରେଣୀର ପାଳି ଥିଲା । ଆମର ସର୍ତ୍ତ ଅନୁସାରେ ସେ ନିଜେହିଁ ଆମ ଶ୍ରେଣୀର ପରୀକ୍ଷା କରିବେ । ସେ ହସି ହସି କହିଲେ, ''ଲକ୍ଷ୍ମୀଶଙ୍କର, ମୁଁ ତୁମ ଶ୍ରେଣୀର ପରୀକ୍ଷା ନେବି ନାହିଁ । ତୁମ ଶ୍ରେଣୀର ସବୁ ପିଲାଙ୍କୁ ମୁଁ ଉପର ଶ୍ରେଣୀକୁ ଉଠାଇ ଦେଉଛି ।''

ମୁଁ କହିଲି, ''ଆଜ୍ଞା, ନା । ତା' ହୋଇପାରିବ ନାହିଁ । ଏପରି କଲେ ମୋର କେତେକ ପିଲାଙ୍କୁ ନ୍ୟାୟ ମିଳିବ ନାହିଁ । ଯେଉଁମାନେ ଉପରକୁ ଉଠିବାକୁ ଯୋଗ୍ୟ ନୁହନ୍ତି, ତାଙ୍କୁ ପାସ କରାଇବାଟା ଠିକ୍ ହେବ ନାହିଁ ।''

ସେ କହିଲେ, ''କିନ୍ତୁ ମୁଁ ଦେଖୁଛି ଯେ ତୁମେ ସମସ୍ତଙ୍କୁ ଭଲ ଭାବରେ ପଢ଼ାଇଛ ଓ ତୁମର ପଢ଼ାଇବା ଢଙ୍ଗ ସହ ମୁଁ ଏକମତ ।''

ମୁଁ କହିଲି, ''ଆପଣ ଠିକ୍ କହୁଛନ୍ତି । କିନ୍ତୁ ମୋ ପଢ଼ାଇବାର ପ୍ରଭାବ ସମସ୍ତଙ୍କ ଉପରେ ତ ସମାନ ଭାବରେ ପଡ଼ି ନାହିଁ । କେତେକ ପିଲାଙ୍କୁ ତ ଏହା ଛୁଇଁ ମଧ୍ୟ ପାରିନି ।

ତାଙ୍କ ମନରେ ଏହାର କୌଣସି ଛାପ ମଧ୍ୟ ପଡ଼ି ନାହିଁ । ତାଙ୍କର ମନଟା ପୂରା ଫାଙ୍କା ରହିଛି ।''

ଡାଇରେକ୍ଟର –''ତେବେ ତାଙ୍କ ପାଇଁ ତୁମେ କ'ଣ ଭାବିଛ ?''

ମୁଁ କହିଲି, ''ତାଙ୍କ ଭିତରୁ କେହି କେହି ତ ସ୍କୁଲ ଛାଡ଼ି ଦେବା ଉଚିତ । ରାଘବ ବାରିକର ପୁଅ ଇତିହାସ, ଭୂଗୋଳ, ଗଣିତ ପଢ଼ିବା ପିଲା ନୁହେଁ । ସେ ସ୍କୁଲ ଭିତରେ ଅତିଷ୍ଠ ହୋଇ ପଡ଼ୁଛି । କିନ୍ତୁ ସେ ଏତେ ଚାଲାକ ଓ ଚଞ୍ଚଳ ଯେ ଗୋଟିଏ ବଡ଼ ବାଳକଟା ସେଲୁନ୍ ଖୋଲିଲେ ଭଲରେ ଚଲାଇ ପାରିବ । ନୂଆ ଢଙ୍ଗର କେଶସଜ୍ଜା ଓ ସେଲୁନ୍ ପରିଚାଳନା କାମ ଶିଖିବା ପାଇଁ ତାକୁ ବମ୍ବେ ପଠାଇବା ଦରକାର ।''

ଡାଇରେକ୍ଟର – ''ଆଚ୍ଛା, ଆଉ କିଏ ଏପରି ଅଛି ଯେ ସ୍କୁଲ ପାଇଁ ଅଯୋଗ୍ୟ ?''

ମୁଁ କହିଲି, ''ସେମାନେ ସ୍କୁଲ ପାଇଁ ଅଯୋଗ୍ୟ ନୁହନ୍ତି ବରଂ ଆମର ଏ ସ୍କୁଲ ତାଙ୍କ ପାଇଁ ଅନୁପଯୁକ୍ତ । ଯେଉଁ କାମରେ ସେମାନେ ଆଗ୍ରହୀ ଓ ଦକ୍ଷ, ସ୍କୁଲ ତାଙ୍କୁ ସେ କାମ ଶିଖାଉ ନାହିଁ ।''

ଡାଇରେକ୍ଟର ପଚାରିଲେ, ''ଆଚ୍ଛା, ତାହାହିଁ ହେଉ । କିନ୍ତୁ ସେମିତି ଆଉ କିଏ କିଏ ଅଛନ୍ତି ?''

ମୁଁ କହିଲି, ''ଜୀବନ ସେଠ୍‌ର ପୁଅ ନେମି ପୁଲିସ ବିଭାଗ ପାଇଁ ଠିକ୍ । ସେ କୌଣସି ଖେଳ ସ୍କୁଲରେ ପଢ଼ିବା କଥା । ସେଠ୍‌ଜି ତା'ର ଖର୍ଚ୍ଚପତ୍ରର ବ୍ୟବସ୍ଥା କରି କେଉଁ ପୋଲିସ ଅଫିସର ପାଖରେ ରଖାଇ ଦେଲେ ସେ ନିୟମକାନୁନ ସବୁ ଜାଣିଯିବ । ପାଞ୍ଚବର୍ଷ ଭିତରେ ସେ ଜଣେ ଓସ୍ତାଦ ପୁଲିସ ଅଫିସର ହୋଇ ଯାଇପାରିବ । ଏବେ ତ ସ୍କୁଲରେ ସେ ଅଧାଅଧି ପୁଲିସର କାମ କରୁଛି ।

ଏମାନଙ୍କ ଛଡ଼ା ଆଉ ତିନିଜଣ ଦୁର୍ବଳିଆ ପିଲା ଅଛନ୍ତି । ତାଙ୍କୁ ଏ ଛୁଟିରେ ମୁଁ ମୋ ପାଖରେ ରଖି ଉପର ଶ୍ରେଣୀ ପାଇଁ ପ୍ରସ୍ତୁତ କରିବି । ମହାଶୟ, ଆମର ବର୍ତ୍ତମାନର ସ୍କୁଲର ରୀତିନୀତି ଏବଂ ପାଠ୍ୟକ୍ରମର କଠୋରତା ବିଷୟରେ ଆପଣ କିଛି କରିବେନି ?''

ଡାଇରେକ୍ଟର – ''ଏବେ ଏସବୁ ବିଷୟ ଥାଉ । ମୁଁ ତୁମକୁ ଅନେକ ଥର କହିଛି ଯେ ଏ ବିଷୟରେ ମୋର ହାତ ବନ୍ଧା । ଆଚ୍ଛା, ତେବେ ତୁମ ଶ୍ରେଣୀର ପରୀକ୍ଷା ଶେଷ ବୋଲି ଧରିବା ?''

ମୁଁ କହିଲି, ''ଆଜ୍ଞା, ସରି ନାହିଁ ।''

ଡାଇରେକ୍ଟର ହସି ହସି କହିଲେ, ''ଜଣା ପଡୁଛି ଷାଣ୍ମାସିକ ପରି ଏଥର ମଧ୍ୟ କିଛି ବିଶେଷ କାର୍ଯ୍ୟକ୍ରମ ତୁମେ ରଖିଛ । ଆମେ ତୁମର ଢଙ୍ଗ ସବୁ ବେଶ୍ ଜାଣି ଗଲୁଣି ।

## (VII)

ଆଜି ଆମ ସ୍କୁଲର ସମ୍ମିଳନୀ । ପରୀକ୍ଷା ପରେ ପ୍ରତ୍ୟେକ ବର୍ଷ ଏମିତି ସମ୍ମିଳନୀ ହୁଏ । ଯେଉଁ ପିଲା ଭଲ ନମ୍ବର ରଖି ପାସ କରନ୍ତି, ତାଙ୍କୁ ସେ ଦିନ ପୁରସ୍କାର ମିଳେ । ସମ୍ମିଳନୀରେ ଗାଁର ସାହୁକାର, ସେଠ୍ ଓ ବଡ଼ବଡ଼ିଆ ସବୁ ଉପସ୍ଥିତ ଥାଆନ୍ତି । ଏବର୍ଷର କାର୍ଯ୍ୟକ୍ରମଟି କରିବାର ଦାୟିତ୍ୱ ମୋତେ ଦିଆଯାଇଛି । ମୁଁ ଏ କାମ ମୋ ପିଲାମାନଙ୍କୁ ଦେଇଦେଲି । ଯାହାକିଛି ହୋଇଥିଲା, ମୋର ତତ୍ତ୍ୱାବଧାନରେ ସେମାନେହିଁ କରିଥିଲେ ।

ପ୍ରଥମେ କାଠି ବଜେଇ ରାସଲୀଳା ଆରମ୍ଭ ହେଲା । ଅଧଘଣ୍ଟା ପର୍ଯ୍ୟନ୍ତ ପୂରା ଜମିଗଲା । ତା'ପରେ ଆରମ୍ଭ ହେଲା ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଦୌଡ଼, ଏକଗୋଡ଼ିଆ ଦୌଡ଼, ଚୌକି ଧରି ଦୌଡ଼, ଜିଲାପିଖିଆ ଦୌଡ଼ ଇତ୍ୟାଦି । ଲୋକମାନେ ମୁଗ୍ଧ ହୋଇ ଦେଖୁଥା'ନ୍ତି । ଏହା ପରେ ମୂକ ଅଭିନୟ ଆରମ୍ଭ ହେଲା । ପିଲାମାନେ ବିଭିନ୍ନ ପ୍ରକାର ଚରିତ୍ରର ଅନୁକରଣ କରି ଦେଖାଇଲେ । କିଏ ଗାଁର ସେଠ୍‌ଜିଙ୍କର, କିଏ ଶିକ୍ଷା ଅଧିକାରୀଙ୍କର, କିଏ ଫୌଜଦାର ବା କିଏ ନେତାଙ୍କର ସୁନ୍ଦର ନକଲ କରି ଚାଲିଲେ । ତା'ପରେ ନିଜେ କରିଥିବା ଚିତ୍ର ସବୁ ଆଣି ଜଣେ ଜଣେ ଦର୍ଶକଙ୍କ ପାଖକୁ ଯାଇ ଦେଖାଇଲେ । ସାରା ଘରଟିର ଲୋକେ ପିଲାଙ୍କର ଚିତ୍ର ଦେଖିବାରେ ମଗ୍ନ ହୋଇଗଲେ ।

ଶେଷ କାର୍ଯ୍ୟକ୍ରମ ଥିଲା ପୁରସ୍କାର ବିତରଣ । ପ୍ରତ୍ୟେକ ବର୍ଷ ଏକଶହ ପଚିଶ ଟଙ୍କାର ପୁରସ୍କାର ବଣ୍ଟାଯାଏ । ଏ ପୁରସ୍କାର ପିଲାମାନଙ୍କୁହିଁ ମିଳେ ।

ଶେଷରେ ଡାଇରେକ୍ଟର ଠିଆ ହୋଇ ସବୁଥର ଭଳି ଦୁଇପଦ କହିଲେ, ''ଭଦ୍ରମଣ୍ଡଳୀ, ମୋ ମତରେ ଆଜିର ଏ ପୁରସ୍କାର ବିତରଣ ଉତ୍ସବ ଅଲଗା ପ୍ରକାରର ହୋଇଛି । ମୋ ପାଖରେ ବସିଥିବା ଏହି ଭଦ୍ର ବ୍ୟକ୍ତି ମୋତେ କିଛି ନୂଆ କଥା ଶିଖାଇଛନ୍ତି । ଏ ବର୍ଷର ଏକଶହ ପଚିଶ ଟଙ୍କା ମୁଁ ଅଲଗା ଅଲଗା କରି ବାଣ୍ଟିବି ନାହିଁ । ବରଂ ଏହି ଟଙ୍କାରେ ପୂରା ସ୍କୁଲ

ପାଇଁ ଗୋଟିଏ ପୁସ୍ତକାଳୟ ଖୋଲାଯିବ । ମୁଁ ଉଚ୍ଚ ଅଧିକାରୀଙ୍କଠାରୁ ଏ ସମ୍ବନ୍ଧରେ ଅନୁମତି ମଧ୍ୟ ପାଇ ସାରିଛି । ଆସନ୍ତା ବର୍ଷଠାରୁ ପୁରସ୍କାର ଅର୍ଥ ପୁସ୍ତକାଳୟ ପାଇଁ ହିଁ ଖର୍ଚ୍ଚ ହେବ । ଆପଣମାନଙ୍କୁ ଏ ଶୁଭ ସମାଚାର ଶୁଣାଇଥିବାରୁ ମୁଁ ବଡ଼ ଖୁସି ଅନୁଭବ କରୁଛି । ବ୍ୟକ୍ତିଗତଭାବେ ପୁରସ୍କାର ଦେବା ଫଳରେ ପିଲା ଭିତରେ ବୃଥା ଗର୍ବ ଓ ନୈରାଶ୍ୟ ସୃଷ୍ଟି ହୁଏ । କିନ୍ତୁ ଏ ନୂଆ ବ୍ୟବସ୍ଥା ଏପରି ଯେ ଏଥିରୁ ସମସ୍ତେ କିଛି ଲାଭ ପାଇପାରିବେ । ମୋତେ ପୁରସ୍କାରର ନିରର୍ଥକତା ଓ ସତ୍ ପ୍ରୟୋଗ ବିଷୟରେ ବୁଝାଇଲା ବାଲା ଏ ଭାଇଙ୍କର ଋଣ ମୁଁ ସମସ୍ତଙ୍କ ଆଗରେ ସ୍ୱୀକାର କରୁଛି । ଏହି ଅବସରରେ ମୁଁ ସ୍ୱୀକାର କରୁଛି ଯେ – ଯେତେବେଳେ ଏ ମହାଶୟ ଚତୁର୍ଥ ଶ୍ରେଣୀରେ ଶିକ୍ଷାର ନୂଆ ପ୍ରୟୋଗ କରିବା ପାଇଁ ଆସିଲେ, ମୁଁ ତାଙ୍କୁ ଜଣେ ଅତି ପାଠୁଆ ମୂର୍ଖ ବୋଲି ଭାବିଥିଲି । ଏମିତି ଅନେକ ଆସନ୍ତି । କିଛିଦିନ ପରେ ପରୀକ୍ଷାର ସମ୍ମୁଖୀନ ହେଲେ ଛାଡ଼ିଦେଇ ପଳାନ୍ତି । ମୁଁ ଏହାଙ୍କୁ ସେମିତି ଭାବି ଅନୁମତି ଦେଇଥିଲି । ତାଙ୍କ ଉପରେ ମୋର ବିଶେଷ ବିଶ୍ୱାସ ନଥିଲା । କିନ୍ତୁ ଆଜି ମୁଁ ଖୁସିର ସହିତ ସ୍ୱୀକାର କରୁଛି ଯେ ଏହାଙ୍କର ପ୍ରୟୋଗ ବହୁତ ସଫଳ ହୋଇଛି । ମୋ ବିଚାରରେ ଏ ବହୁତ ପରିବର୍ତ୍ତନ ଆଣିପାରିଛନ୍ତି । ମୋର ଅନ୍ତର ଭିତରେ ମୁଁ ଅନୁଭବ କରୁଛି ଯେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଖୁବ୍ ଶୀଘ୍ର ଆସିବ । ଆମ ଭଳି ପୁରୁଣା ଢାଞ୍ଚାର ଶିକ୍ଷକ ଓ ଅଧିକାରୀମାନଙ୍କୁ ନିଜ ଇଚ୍ଛାରେ ଦୂରେଇ ଯିବାକୁ ପଡ଼ିବ । ନୂଆ ଚିନ୍ତା ନେଇ ଆସୁଥିବା ଉତ୍ସାହୀ ଯୁବକମାନଙ୍କୁ ଓ ତାଙ୍କର ନୂତନ ଶିକ୍ଷାପଦ୍ଧତିକୁ ଆମେ ହସି ହସି ବାଟ ଛାଡ଼ିଦେବା ଦରକାର ।

ବନ୍ଧୁଗଣ ! ମୁଁ ଜାଣିପାରୁନି, ମୋ ଖୁସିକୁ ମୁଁ କିପରି ଭାବରେ ବ୍ୟକ୍ତ କରିବି ? ତାଙ୍କ ଶ୍ରେଣୀର ଏ ପିଲାମାନଙ୍କୁ ଦେଖନ୍ତୁ । କେତେ ଶୃଙ୍ଖଳିତ, ସୁସ୍ଥ ସବଳ ଓ ଖୁସ୍‌ମିଜାଜର ପିଲା ଏମାନେ ହୋଇଛନ୍ତି । ଏମାନଙ୍କର ଶକ୍ତି ଓ ବୁଦ୍ଧିର ବିକାଶର ସାକ୍ଷୀ ମୁଁ ନିଜେ । ଏମାନଙ୍କର ମାଆବାପାମାନେ ମଧ୍ୟ ଏମାନଙ୍କ ବିଷୟରେ ବେଶ୍ ଖୁସି ବୋଲି ମୁଁ ଅନେକ ଥର ଶୁଣିଛି ।''

ଡାଇରେକ୍‌ଟରଙ୍କର ଭାଷଣ ସହିତ ସେଦିନର କାର୍ଯ୍ୟକ୍ରମ ଶେଷ ହେଲା । ସମସ୍ତେ ନିଜ ନିଜ ଘରକୁ ଗଲେ ।

ମୁଁ ବି ମୋର ଏକ ବର୍ଷର ସଫଳ ପ୍ରୟୋଗ ବିଷୟରେ ଚିନ୍ତା କରି କରି ଖୁସି ମନରେ ଘରେ ପହଞ୍ଚିଲି । ନୂତନ ଶିକ୍ଷା ପଦ୍ଧତିର ଉଜ୍ଜ୍ୱଳ ଭବିଷ୍ୟତ୍ ବିଷୟରେ ମଧୁର ସ୍ୱପ୍ନ ଦେଖିବାରେ ଲାଗିଲି ।

(ସମାପ୍ତ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ,
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୨) :

# ଶିକ୍ଷାକେନ୍ଦ୍ରର ଅଗ୍ରଗତି

## ପ୍ରସାଦ ତ୍ରିପାଠୀ

ଯେତେବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କାର୍ଯ୍ୟକ୍ରମ ଆରମ୍ଭ କରାଗଲା ସେତେବେଳେ କାର୍ଯ୍ୟରେ ସିଧା-ସଳଖ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଖୁବ୍ ଅଳ୍ପ କେତେଜଣ ଏବେ ସକ୍ରିୟ ଭାବରେ ସେହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି । କେତେଜଣ ତ ସଂସାରରୁ ବିଦାୟ ନେଇ ଗଲେଣି । କେତେଜଣ ନିଷ୍କ୍ରିୟ ହୋଇ ଯାଇଛନ୍ତି । ମାତ୍ର ଯେଉଁମାନେ ତଥାପି ସକ୍ରିୟ ଅଛନ୍ତି ସେମାନେ ନିଶ୍ଚୟ ମୋ ସହିତ ଏକମତ ହେବେ ଯେ ସେତେବେଳେ ଆଗପଛ ହିସାବ ନିକାଶ କିଛି କରି ସାରିବା ପରେ ଶିକ୍ଷାକେନ୍ଦ୍ରସବୁ ଆରମ୍ଭ କରାଯାଇ ନଥିଲା । ଭବିଷ୍ୟତରେ କ'ଣ ହେବ, ସ୍କୁଲସବୁ ସରକାରୀ ସ୍ୱୀକୃତି ପାଇବେ କି ନାହିଁ, ପରୀକ୍ଷା କିପରି ହେବ, ପଣ୍ଡିଚେରୀ ସହିତ କି ପ୍ରକାର ସମ୍ପର୍କ ରହିବ, ସାଧାରଣ ଶିକ୍ଷାକେନ୍ଦ୍ରରୁ କେଉଁ ପ୍ରକାରେ ପୃଥକ୍ ରହିବ ଇତ୍ୟାଦି କୌଣସି କଥା ବିଚାରକୁ ନିଆ ନ ହୋଇ ସ୍କୁଲଗୁଡ଼ିକ ଗୋଟିକ ପରେ ଗୋଟିଏ ଧୀରେ ଧୀରେ ଖୋଲି ଚାଲିଲା । ଠିକ୍ ଯେମିତି ଦଶ ବର୍ଷ ପୂର୍ବେ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଧୀରେ ଧୀରେ ପାଠଚକ୍ରସବୁ ଖୋଲିଥିଲା । କେତେକଙ୍କ ଅନ୍ତରରେ ମା'ଙ୍କର ପ୍ରେରଣା, ତାଙ୍କ ପ୍ରତି ସେବା କରିବାର ମନୋଭାବ ଏବଂ ସର୍ବୋପରି ଏକ ନୂତନ ଧାରାରେ, ପ୍ରଣାଳୀରେ, ଲକ୍ଷ୍ୟରେ ଜୀବନ ବଞ୍ଚିବାର ଇଚ୍ଛାହିଁ ଆମକୁ ପାଠଚକ୍ରସବୁ ଆରମ୍ଭ କରିବା ପାଇଁ ପ୍ରେରଣା ଦେଇଥିଲା । ଭବିଷ୍ୟତରେ କ'ଣ ଘଟିବ, କିଛି ଅସୁବିଧା ହେବ କି ନାହିଁ ଇତ୍ୟାଦି ଚିନ୍ତା କରିବାର ଅବକାଶ ନଥିଲା । ତେବେ ଯାହା ହେଉ କେବଳ ଶ୍ରୀମାଶ୍ରୀଅରବିନ୍ଦଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ଏକାଗ୍ର ତଥା ତାଙ୍କରି ପ୍ରେରଣାରେ କାମ କରିବାର ବ୍ୟାକୁଳତାହିଁ ଏହିସବୁ କର୍ମରେ ଆମକୁ ବ୍ୟାପୃତ କରାଇଥିଲା ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ ଆରମ୍ଭ କରିବା ପୂର୍ବରୁ ଓଡ଼ିଶାରେ ଶରୀରଚର୍ଚ୍ଚା ଉପରେ ମଧ୍ୟ ଅନେକ କାର୍ଯ୍ୟ କରାଯାଇ ବିଭିନ୍ନ କେନ୍ଦ୍ରସବୁ ଆରମ୍ଭ କରାଯାଇ ସାରିଥିଲା । ଶରୀରରେ ଶକ୍ତି ସାମର୍ଥ୍ୟକୁ ବୃଦ୍ଧି କରିବାରେ କେବଳ ସହାୟକ ନୁହେଁ ବରଂ ଏକ ନୂତନ ମାନବ ଗଢ଼ା ହେବା ନିମନ୍ତେ ଆବଶ୍ୟକୀୟ ଶରୀରଟିଏ ସୃଷ୍ଟି କରିବା ନିମନ୍ତେ ପ୍ରାରମ୍ଭିକ ପଦକ୍ଷେପ ହେଲା ଶାରୀରିକ ଶିକ୍ଷା । ଏକ ସୁନ୍ଦର, ସବଳ, ସାହସୀ, ଧୈର୍ଯ୍ୟବାନ୍ ତଥା ନମ୍ର ଏବଂ କର୍ମଠ ଶରୀରଟିଏ ଆମର ପ୍ରୟୋଜନ । ଆମେ କରୁଥିବା ଶାରୀରିକ ଶିକ୍ଷା ଏହା ନିମନ୍ତେ ଏକ ଅତ୍ୟନ୍ତ ବିନମ୍ର ଉଦ୍ୟମ । ଏଥିରେ ଆମ୍ଭେମାନେ ସମସ୍ତେ ଚେଷ୍ଟା କରୁଥିଲୁ । ଏବେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଉ ହେଉ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମକୁ ଠିକ୍ ସେଇ ମନୋଭାବରେ ଆରମ୍ଭ କରାଗଲା । **ଅନ୍ୟକୁ ଅତିକ୍ରମ କରିଯିବା ଉଦ୍ଦେଶ୍ୟରେ ନୁହେଁ, ଅନ୍ୟକୁ ପ୍ରତିଯୋଗିତାରେ ପଛରେ ପକାଇବା ଉଦ୍ଦେଶ୍ୟରେ ନୁହେଁ – କେବଳ ଏକ ନୀରୋଗ, ଶକ୍ତ, ସୁରକ୍ଷିତ ଶରୀର ପାଇଁ ଯେ ଶାରୀରିକ ଶିକ୍ଷା ଆବଶ୍ୟକ ଏକଥା ମଧ୍ୟ ସମସ୍ତେ ଅନୁଭବ କରି କାର୍ଯ୍ୟକ୍ରମ କଲେ ।** ଯଦିଓ ସେତେବେଳେ ସମସ୍ତ ଶିକ୍ଷକ ଅପାଭାଇମାନେ ସାଧାରଣ ଶିକ୍ଷାକେନ୍ଦ୍ରରୁ ଶିକ୍ଷାଲାଭ କରି ଆସିଥିଲେ ତଥାପି ଏକ ଭିନ୍ନ ଉଦ୍ଦେଶ୍ୟରେ (ହୁଏତ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ନିଶ୍ଚିତ ନଥିଲେ) ଯେ ପୂର୍ଣ୍ଣାଙ୍ଗ ଶିକ୍ଷା କାର୍ଯ୍ୟକ୍ରମ କରାଯାଇଛି ଏଥିରେ ବିଶ୍ୱାସ ଥିଲା । ଏହାର କାରଣ ହେଲା ପାଠଚକ୍ର । ଶିକ୍ଷାକେନ୍ଦ୍ରର ପରିଚାଳକ, ଅପାଭାଇ, କେତେକ ସ୍ଥାନରେ କିଛି ଅଭିଭାବକ ସମସ୍ତେ ପାଠଚକ୍ରରୁ ଆସିଥିଲେ । ପାଠଚକ୍ର କରୁଥିଲେ ଏବଂ ଶିକ୍ଷାକେନ୍ଦ୍ରକୁ ସେହି ପାଠଚକ୍ର ଛଡ଼ା ଆଉ କିଛି ଭାବୁ ନଥିଲେ । କାର୍ଯ୍ୟ ଯାହା ହେଲେ ବି ଲକ୍ଷ୍ୟ ଥିଲା ସମାନ ।

ସେତେବେଳେ ପାଠଚକ୍ର, ସଭା, ଶିବିର, ସମ୍ମିଳନୀ ଇତ୍ୟାଦି କରାଯାଇଥିଲା । ସ୍କୁଲ ଆରମ୍ଭ ହେଲା ପରେ ସ୍କୁଲକୁ କେନ୍ଦ୍ରକରି ସଭା, ସମ୍ମିଳନୀ, ଶିବିର ଇତ୍ୟାଦି ଚାଲିଲା । ସ୍କୁଲର ସମସ୍ତ କର୍ମୀ ଶିବିର, ସମ୍ମିଳନୀ ଇତ୍ୟାଦି ନିଜ ନିଜ ଶିକ୍ଷାକେନ୍ଦ୍ରରେ ସ୍କୁଲର ଉତ୍ସବ ଭଳି ପାଳନ କଲେ । ପାଠଚକ୍ରର ଉତ୍ସବ ହେଉ ବା ସ୍କୁଲର ଉତ୍ସବ ହେଉ ସବୁଗୁଡ଼ିକ ଯେ ଗୋଟିଏ ପ୍ରକାରର ଉତ୍ସବ ଏକଥାକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ । ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଧ୍ୟ ପାଠଚକ୍ରର ସମସ୍ତ କର୍ମୀ ସ୍କୁଲ

ଅପାଭାଇଙ୍କ ସହିତ ମିଶି ଅଂଶ ଗ୍ରହଣ କରୁଥିଲେ । କାରଣ ବାସ୍ତବରେ ସବୁଗୁଡ଼ିକ କାର୍ଯ୍ୟକ୍ରମ ଥିଲା ଗୋଟିଏ କାର୍ଯ୍ୟକ୍ରମ — ପାଠଚକ୍ର କାର୍ଯ୍ୟକ୍ରମ — ଅବଶ୍ୟ ଭିନ୍ନ ଧାରାରେ । ଅସଲ କଥା ହେଲା କେଉଁ ଲକ୍ଷ୍ୟରେ କାର୍ଯ୍ୟ କରାଯାଉଛି ତାହାହିଁ ଥିଲା ଗୁରୁତ୍ୱପୂର୍ଣ୍ଣ । ଯେହେତୁ ଲକ୍ଷ୍ୟ ପାଠଚକ୍ରରେହିଁ ନିର୍ଦ୍ଧାରିତ ହୋଇ ସାରିଥିଲା ତେଣୁ ପାଠଚକ୍ରହିଁ ଥିଲା ସବୁକିଛି । ବାକି ସବୁ କାର୍ଯ୍ୟ କେବଳ ଆନୁଷଙ୍ଗିକ ।

ଧୀରେ ଧୀରେ ଶିକ୍ଷାକେନ୍ଦ୍ରମାନ ବଢ଼ିବାକୁ ଲାଗିଲା । ପୂଜ୍ୟ ପ୍ରପତ୍ତି ନିଜେ ପ୍ରତ୍ୟେକଟି ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କରିବାକୁ ଆସୁଥିଲେ । ଶିକ୍ଷାକେନ୍ଦ୍ରଗୁଡ଼ିକୁ ସେ ଅତ୍ୟନ୍ତ ଯତ୍ନର ସହିତ ଲାଳନପାଳନ କଲା ଭଳି ଆଚରଣ ଦେଖାଉଥିଲେ ।

୧୯୭୫ ମସିହା ସୁଦ୍ଧା ସମୁଦାୟ ୮ଟି ଶିକ୍ଷାକେନ୍ଦ୍ର ଖୋଲିଗଲା । ସେଗୁଡ଼ିକ ହେଲେ ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ଗୋପୀନାଥପୁର(କଟକ), ଆଚାର୍ଯ୍ୟ ବିହାର (ଭୁବନେଶ୍ୱର), ପୁରୀ, ବହରମ୍ପୁର ଏବଂ କଟକ । ୧୯୭୫ ମସିହା ଜୁଲାଇ ୧୮ ତାରିଖ ଦିନ କଟକ ଏବଂ ବରହମ୍ପୁରଠାରେ ଏକାବେଳକେ ଦୁଇଟି ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା । ସେତେବେଳେ ସମୁଦାୟ ୮ଟି ସ୍କୁଲରେ ଅପା ଭାଇଙ୍କ ସଂଖ୍ୟା ୩୦ରୁ ଅଳ୍ପକିଛି ଅଧିକ । ପ୍ରପତ୍ତି ସିଦ୍ଧାନ୍ତ କଲେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଗୋଟିଏ ଶିକ୍ଷକ ସମ୍ମିଳନୀ କରିବେ । ସେତେବେଳେ ମାତୃଭବନ, କଟକର କୌଣସି ବିଶେଷ ଗୃହନିର୍ମାଣ କାର୍ଯ୍ୟ ହୋଇ ନଥାଏ । କେବଳ ସମାଧି ଅଞ୍ଚଳଟି ଛଡ଼ା ଲାଇବ୍ରେରି ଏବଂ ମେଡ଼ିଟେସନ ହଲ୍ ଦୁଇଟିର ଛାତ ପଡ଼ି ଯାଇଥାଏ । ମାତ୍ର ସେତିକିରେ ମଧ୍ୟ ପ୍ରପତ୍ତି ଚାହିଁଲେ ମାତୃଭବନଠାରେ ପ୍ରଥମ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମିଳନୀ କରିବାକୁ ଏବଂ ତାହା ୧୯୭୫ ମସିହାରେ ତିନି ଦିନ ପାଇଁ କରାଯାଇଥିଲା । ପ୍ରଥମ ଦୁଇ ଦିନ କଟକରେ ଏବଂ ଉଦ୍‌ଯାପନ ଉତ୍ସବ ଭୁବନେଶ୍ୱର ପଟେଲ ହଲ୍‌ଠାରେ ଅନୁଷ୍ଠିତ ହେଲା । ଅପାଭାଇ ପ୍ରାୟ ତିରିଶ ଜଣ । ମାତ୍ର ସମସ୍ତେ ଯୋଗ ଦେଇଥିଲେ । ପାଠଚକ୍ରରେ ଯେପରି ଶିବିର ଅନୁଷ୍ଠିତ ହେଉଥିଲା, ଅନୁରୂପ ଭାବରେ ସ୍କୁଲମାନଙ୍କରେ ମଧ୍ୟ ପ୍ରପତ୍ତି ମହାଶୟ ଏଇ ସମ୍ମିଳନୀସବୁ ଆରମ୍ଭ କଲେ । ଅତ୍ୟନ୍ତ ଆନନ୍ଦ, ଆଗ୍ରହ, ଉତ୍ସାହ ମଧ୍ୟରେ ସମ୍ମିଳନୀ ଅନୁଷ୍ଠିତ ହେଲା ।

ସେତେବେଳେ ଏଇ ଆଠଟି ଶିକ୍ଷାକେନ୍ଦ୍ରର ମୁଖ୍ୟକର୍ମୀମାନଙ୍କ ମଧ୍ୟରେ ଦେବେନ୍ଦ୍ର ଶତପଥୀ, ପଞ୍ଚାନନ ଭାଇ, ବିପିନ ଭାଇ, ଗୋପାଳ ଭାଇ, ନୀଳମଣି ମଉସା, ଅଧ୍ୟାପକ ଚନ୍ଦ୍ରଶେଖର ରଥ, ଡ: ରଘୁନାଥ ପାଣି, ଚିତ୍ତ ଭାଇ, ପ୍ରୀତି ଅପା, ଶଙ୍କର ଭାଇ, ମିଲି, ମାମୁଁ (ଗଦାଧର ମିଶ୍ର) ଇଲା ଅପା, ଲୀଳା, ନୀତା, ନନ୍ଦା, ଶିଶିର ପଣ୍ଡା, ଧ୍ରୁବ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜଗନ୍ନାଥ, ସ୍ନିଗ୍ଧା, ବୀର ଭାଇ, ସୁଲୋଚନା, ଅନ୍ନପୂର୍ଣ୍ଣା, ଅଞ୍ଜଳି, ଦୀନବନ୍ଧୁ ଭାଇ, ସୁଲେଖା, ସାଧୁଚରଣ ପଟ୍ଟନାୟକ ପ୍ରଭୃତି ଅନ୍ୟତମ । ଏମାନେ ସମସ୍ତେ ପାଠଚକ୍ରରୁହିଁ ଆସିଥିଲେ । ତେଣୁ ପାଠଚକ୍ର କିଂବା ସ୍କୁଲ ମଧ୍ୟରେ ଆଦୌ କୌଣସି ଫରକ ନଥିଲା । ସମସ୍ତେ ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ ଆମେ ଯେତେ ଯାହା କାର୍ଯ୍ୟକ୍ରମ କଲେ ମଧ୍ୟ ପାଠଚକ୍ରହିଁ ଆମର ପ୍ରାଣକେନ୍ଦ୍ର, ମୂଳଉତ୍ସ — ସମସ୍ତ ପ୍ରେରଣା, ଲକ୍ଷ୍ୟର କେନ୍ଦ୍ରବିନ୍ଦୁ । ସେହି ଆନନ୍ଦରେ ବିଭୋର ହୋଇ ସମସ୍ତେ ମାତୃକର୍ମ କରି ଚାଲିଥିଲେ ।

(‘ପୂର୍ଣ୍ଣତା ପଥେ’, ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑

ସବୁ ଛାତ୍ର ଏହାକୁ ପ୍ରତ୍ୟେକ ଦିନ ଆବୃତ୍ତି କରିବେ :

ଆମ ପରିବାର ପାଇଁ ନୁହେଁ, କୌଣସି ଏକ ଉତ୍ତମ ସ୍ଥାନପ୍ରାପ୍ତି ପାଇଁ ନୁହେଁ, ଅର୍ଥୋପାର୍ଜନ ପାଇଁ ନୁହେଁ, ଗୋଟିଏ ଡିଗ୍ରୀ ବା ଡିପ୍ଲୋମା ବି ପାଇବାକୁ ନୁହେଁ, — ଆମେ ଏସବୁ କୌଣସିଟି ଲାଗି ଏଠାରେ ପାଠ ପଢୁ ନାହୁଁ ।

କେବଳ ଶିଖିବା ଲାଗି, ଜାଣିବା ଲାଗି, ପୃଥିବୀକୁ ବୁଝିବା ଲାଗି ଓ ଅଧ୍ୟୟନ ଦ୍ୱାରା ଯେଉଁ ଆନନ୍ଦ ଉପଲବ୍ଧ ହୋଇଥାଏ, ସେହି ଆନନ୍ଦଟିକୁ ଲାଭ କରିବା ସକାଶେହିଁ ଆମେ ପାଠ ପଢୁଛୁ ।

(ଜୁନ୍, ୧୯୬୭)

— ଶ୍ରୀମା

କାହାଣୀ :

# ଟିନା ଏବଂ ଅନ୍ଧାରି ମୁଲକର କଦାକାର ଭୂତଟିଏ

[ତାହାକୁ (ମନ୍ଦ ଗତିସ୍ପନ୍ଦନକୁ) ତଡ଼ିଦେଇ ତଳକୁ ଚାଲିଯିବା ଲାଗି ବାଧ୍ୟ କରିବା ପରିବର୍ତ୍ତେ ଆମେ ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ନିବେଦନ କରିଦେବା ।... ଅର୍ଥାତ୍, ସେହି କଥାଟିକୁ (ସେହି ଗତିସ୍ପନ୍ଦନଟିକୁ)... ଯଦି ଆଲୋକ ମଧ୍ୟକୁ ପ୍ରକ୍ଷେପିତ କରି ରଖିବାକୁ ସମର୍ଥ ହେବା... – ସେହି ଯଥାର୍ଥ ଆଲୋକଟି ମଧ୍ୟକୁ ପ୍ରକ୍ଷେପିତ କରି ରଖି ପାରିଲେ, ତାହାରି ଦ୍ୱାରାହିଁ ଆରୋଗ୍ୟ ବିଧାନ ସମ୍ଭବ ହୋଇପାରିବ ।

(CWM : Vol. 11, p. 211) – ଶ୍ରୀମା]

ଟିନାକୁ କିଛି ଭଲ ଲାଗୁ ନଥିଲା । ତାକୁ ଜ୍ୱର କିଂବା ଥଣ୍ଡା ଭଳି କିଛି ହୋଇ ନଥିଲା; କିନ୍ତୁ ତା' ମନର ଗହନରେ କିଛି ଗୋଟାଏ ତାକୁ ଅତୃପ୍ତ କରି ରଖିଥିଲା ।



ଏହା ଆରମ୍ଭ ହୋଇଥିଲା ତାଙ୍କ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଦୌଡ଼ ପ୍ରତିଯୋଗିତା ଦିନଠାରୁ । ତା' ଭିତରେ କିଛି ଗୋଟାଏ ସୂକ୍ଷ୍ମ ଗତିବୃତ୍ତି ସେ ଅନୁଭବ କରିଥିଲା – ଯାହାକି ତାକୁ ଯଥାର୍ଥ ଲାଗୁ ନଥିଲା । ତଥାପି ଟିନା ତାକୁ ତା'ର ମନ ଓ ଚିନ୍ତାରେ ପ୍ରବେଶ କରିବାକୁ ସୁଯୋଗ ଦେଇଥିଲା ।

ଟିନା ଅନ୍ୟ ପିଲାମାନଙ୍କ ସହ ଦୌଡ଼ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ଧାଡ଼ିରେ ଠିଆ ହୋଇଥିଲା । ଠିକ୍ ଦୌଡ଼ ଆରମ୍ଭ ହେବାର ପୂର୍ବ ମୁହୂର୍ତ୍ତରେ ସେ ତା'ର ଡାହାଣ ପଟକୁ ଚାହିଁ ଦେଲା ଓ ଦେଖିଲା ତା'ର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ମିତା ସେଠାରେ ଠିଆ ହୋଇଛି, ଗୋଟାଏ ଅନିଷ୍ଟ ଚିନ୍ତା ତା' ମନ ଭିତରେ ଖେଳିଗଲା । ସେହି ମନ୍ଦ ଚିନ୍ତାଟି ଖୁବ୍ କ୍ଷୀଣ କଣ୍ଠରେ ଅଥଚ ସ୍ପଷ୍ଟ ଭାବରେ ତାକୁ କହିଲା, ''ମୁଁ ଚାହୁଁଛି ମିତା ଦୌଡ଼ିଲା ବେଳେ ଝୁଣ୍ଟି ପଡ଼ି ତଳେ ପଡ଼ି ଯାଆନ୍ତା କି ! ତା'ହେଲେ ମୁଁ ନିଶ୍ଚୟ ଜିତି ଯାଆନ୍ତି ।'' ଏଇଟା ହେଲା ପ୍ରଥମ ଥର, ଯେତେବେଳେ କି ସେ ଗୋଟାଏ ଭୁଲ୍ ଗତିବୃତ୍ତିକୁ ନିଜ ଭିତରେ ଲୁଚିଛପି ପ୍ରବେଶ କରିବାକୁ ଏବଂ ସେଠାରେ ଲାଖି ରହିବାକୁ ସୁଯୋଗ ଦେଲା ।

ତୁମ ଭିତରେ ଏପରି କିଛି ଅସ୍ୱସ୍ତିକର ଅନୁଭବ କେବେ ଆସିଛି କି ? ଅନ୍ୟ କାହା ପାଇଁ ଏପରି ଛୋଟ-ମୋଟ ଅନିଷ୍ଟକର ଚିନ୍ତା ଆସିଛି କି ? କିଂବା ସାମାନ୍ୟ ଘୃଣା ଅଥବା ଈର୍ଷାଭାବ ଆସିଛି ? ମୁଁ ଭାବୁଛି ନିଶ୍ଚୟ ଆସିଥିବ । ଆମ ସମସ୍ତଙ୍କ ମନରେ କେବେ ନା କେବେ ଏମିତି ଚିନ୍ତା ଆସେ – ଏହା ସ୍ୱାଭାବିକ । କିନ୍ତୁ ଏହା କ୍ଷଣସ୍ଥାୟୀ । ସାଧାରଣତଃ ଆମେ ଏପରି ଚିନ୍ତା ଭିତରେ ବୁଡ଼ି ରହୁନା କିଂବା ଏହାକୁ ଆମ ମନ ଭିତରେ ବସାବାନ୍ଧି ରହିବାକୁ ଛାଡ଼ି ଦେଉନା ଅଥବା ଏହାକୁ ଶକ୍ତିଶାଳୀ ହେବାକୁ ଦେଉନା । ଏଭଳି ଭାବନା ଆସିବାର କିଛି ସମୟ ପରେ ଆମେ ସେସମ୍ପର୍କରେ ଭୁଲି ଯାଉ ଏବଂ ଏହା ଧୀରେ ଧୀରେ ନିଷ୍କ୍ରିୟ ହୋଇ ମିଳାଇ ଯାଏ । ଦୁର୍ଭାଗ୍ୟର କଥା, ଟିନା କ୍ଷେତ୍ରରେ ସେଭଳି ହେଲା ନାହିଁ । ମନ୍ଦ ଚିନ୍ତାମାନେ ତା' ଭିତରେ ବସାବାନ୍ଧି ଅଟକି ରହିଲେ ଏବଂ ତା'ର ବ୍ୟକ୍ତିତ୍ୱକୁ

ସମ୍ପୂର୍ଣ୍ଣ ବଦଳାଇ ଦେଲେ । ଏବେ ମୁଁ ତୁମକୁ କହୁଛି, ଏହା କିପରି ହେଲା ।

''ଏକ-ଦୁଇ- ଦୌଡ଼ ଆରମ୍ଭ କର !'' (1 - 2 - Go !)

ଏହି ନିର୍ଦ୍ଦେଶ ପାଇବା ମାତ୍ରେ ପିଲାମାନେ ଦ୍ରୁତଗତିରେ ଦୌଡ଼ିବା ଆରମ୍ଭ କରିଦେଲେ ଏବଂ ମିତା ଖୁବ୍ ସହଜରେ ଦୌଡ଼ ପ୍ରତିଯୋଗିତାରେ ଜିତିଗଲା । ଠିକ୍ ସେହି ସମୟରେ ଟିନା ନିଜର ନିପାରିଲା ପଣ ଯୋଗୁଁ ଦୁଃଖିତ ହୋଇଉଠିଲା । ଭାବୁଥିଲା ଯଦି ସେ ମିତାକୁ ଅସତର୍କ ଅବସ୍ଥାରେ ଠେଲି ଦେଇଥା'ନ୍ତା ତେବେ ସେ ନିଜେ ଜିତି ଯାଇଥା'ନ୍ତା । ତା' ଭିତରେ ଥିବା ତୀବ୍ର ଈର୍ଷାଭାବ ତାକୁ ଅତିଷ୍ଠ କରି ତୋଳୁଥିଲା । ପ୍ରତିଦିନ ଟିନା ଯାହା ଚାହୁଁ ଥିଲା ସେସବୁ ନପାଇଲେ ସେଇ ମନ୍ଦ ଚିନ୍ତା ତା' ଭିତରେ ତୀବ୍ର ଭାବରେ ବୃଦ୍ଧି ପାଇବାକୁ ଲାଗିଲା – ଏପରି ହେଲା ଏହା ଏକ କଦାକାର ଜୀବର ଆକାର ଧାରଣ କଲା ।

ତୁମେ ଜାଣିଛ କି ସେ କଦାକାର ଜୀବ କ'ଣ ? ଏହା କେଉଁଠାରୁ ଆସେ ଏବଂ କ'ଣ ସବୁ କରେ ? ଏହି କଦାକାର ଜୀବଟି ଗୋଟିଏ ଅତୃପ୍ତ ଆତ୍ମା ବା ବାମନ ଭୂତ ଭଳିଆ ଜୀବଟିଏ; ଏ ଭୂତଟି ଖୁବ୍ କ୍ଷତିକାରକ, ଏକ ଦୁଷ୍ଟ ପ୍ରାଣୀ ଯାହା ଟିନା ମନର ଅଣ-ଆଲୋକିତ ସ୍ଥାନରୁ ଓ ସଂବେଦନହୀନ ହୃଦୟ ଭିତରୁ ଉଠି ଆସିଛି । ଏହା ଆସିଛି ଏକ ଅନ୍ଧାରି ମୂଳକରୁ ଯେଉଁଠି ଈର୍ଷା, ଘୃଣା ଓ ମନ୍ଦ ଇଚ୍ଛାମାନେ ସୃଷ୍ଟି ହୁଅନ୍ତି ।

ତୁମେ କ'ଣ କେବେ ଏପରି କଦାକାର ଜୀବକୁ ତୁମ ଭିତରେ ବାସ କରିବାକୁ ଦେବ କି ? ମୁଁ ଭଲ ଭାବରେ ଜାଣିଛି ତୁମେ କେବେ ବି ଦେବନି । କିନ୍ତୁ ଟିନା ଯଦିଓ ସେପରି ଚାହୁଁ ନ ଥିଲା ତଥାପି ସେ ସେଇ କଦାକାର ଭୂତକୁ ନିଜ ଭିତରେ ଆସ୍ଥାନ ଜମାଇବାକୁ ଛାଡ଼ି ଦେଲା । ଖୁବ୍ ଅଳ୍ପ ଦିନ ଭିତରେ ସେ ନିଜ ଭିତରେ ଥିବା ସୁଗୁଣସବୁକୁ ପ୍ରତିଷ୍ଠିତ କରିବାକୁ ସଂଘର୍ଷ ନ କରି ସେଇ 'କଦାକାର ଭୂତ'ର ନିର୍ଦ୍ଦେଶ ମତେ କାର୍ଯ୍ୟ କରିବାକୁ ଆରମ୍ଭ କରିଦେଲା । ଉଦାହରଣ ସ୍ୱରୂପ, ସ୍କୁଲର ନାଟକ ପ୍ରଦର୍ଶନ ହେବା ଦିନ ସେଇ 'ଭୂତ'ଟି ଟିନାକୁ କହିଲା, ''ସମବେତ ସଙ୍ଗୀତ ଗାନ ପୂର୍ବରୁ ଯେତେବେଳେ ଆଲୁଅ ଲିଭିଯିବ ସେତେବେଳେ ମିତାକୁ ଜୋର୍‌ରେ ଠେଲି ଦେବୁ ଓ ଚିତ୍କାର କରି କହିବୁ, 'ମିତା, ମୋତେ ଠେଲ ନାହିଁ !' ଏବଂ ତା'ପରେ ଦେଖିବୁ କେମିତି ମଜା ହେବ ।''

ଟିନା ଠିକ୍ ସେଇଭଳିହିଁ କଲା । ପିଲା ଦଳଟି ସମ୍ପୂର୍ଣ୍ଣ ଭାରସାମ୍ୟ ହରାଇ ବସିଲେ, ଏପରିକି କେତେ ଜଣ ରଙ୍ଗମଞ୍ଚରୁ ଖସି ପଡ଼ିଲେ ମଧ୍ୟ । ଏହା କିଛି ଉପଭୋଗ୍ୟର ବିଷୟ ନଥିଲା କାରଣ କିଛି ପିଲା ଆଘାତ ମଧ୍ୟ ପାଇଥିଲେ । ପରେ ଶିକ୍ଷକ ମିତାକୁ ଅନେକ ଗାଳି ଦେଲେ । ସମସ୍ତେ ଭାବୁଥିଲେ ମିତାହିଁ ପୂରା ଦଳକୁ ଠେଲି ଦେଇଛି, କାରଣ ସେମାନେ, 'ମିତା, ମୋତେ ଠେଲ ନାହିଁ !' ବୋଲି ଟିନା କହିବାର ଶୁଣିଥିଲେ । ମିତା ଯେତେବେଳେ ସେ ନିର୍ଦ୍ଦୋଷ ବୋଲି ଆପତ୍ତି କଲା ତା' କଥା କେହି ବିଶ୍ୱାସ କଲେ ନାହିଁ ।



ପରବର୍ତ୍ତୀ ସମୟରେ, ଦିନେ ବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରତିଯୋଗିତା ଦିବସରେ, ରଘୁ ଯେ କି ସ୍କୁଲର ସବୁଠାରୁ ଦକ୍ଷ ଚିତ୍ରକର, ତା'ର ଖୁବ୍ ନିକଟରେ ଟିନା ବସିଥିଲା । ସେ ସବୁବେଳେ ତାକୁ ଈର୍ଷା କରୁଥିଲା । ସମସ୍ତେ ଜାଣିଥିଲେ ରଘୁହିଁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପାଇବ, ଯାହା ଟିନାର ଦୁଃଖର କାରଣ ଥିଲା । ରଘୁର ଡାହାଣ ପଟରେ ସ୍ୱାତୀ ବସିଥିଲା । କଦାକାର ଭୂତଟି ଟିନା ଭିତରୁ କହି ଉଠିଲା, ''ସ୍ୱାତୀ ଯେମିତ ତା'ର ସବୁତକ କଳା ରଙ୍ଗ ରଘୁର ଚିତ୍ରାଙ୍କନ ଉପରେ ପକେଇ ଦେବ, ତାହାହିଁ କର ।''

ସ୍ୱାତୀକୁ ଟିନା କହିଲା ତା'ର କଳା ରଙ୍ଗଟି ତାକୁ ଦେବା ପାଇଁ ଏବଂ ଯେତେବେଳେ ସ୍ୱାତୀ ରଙ୍ଗଟି ଦେବାକୁ ଟେକି ଧରିଲା, ଟିନା ପ୍ରତାରଣାପୂର୍ବକ କାଇଦା କରି ତା'ର କହୁଣିକୁ

ଠେଲି ଦେଲା । ସବୁତକ କଳା ରଙ୍ଗ ରଘୁର ଚିତ୍ରକଳା ଉପରେ ଢାଳି ହୋଇଗଲା; କିନ୍ତୁ ସ୍ୱାତୀ ଅନୁଶୋଚନା ଜଣାଇ ରଘୁକୁ କିଛି କହିବା ପୂର୍ବରୁ ଟିନା ଚିତ୍କାର କରି କହିଉଠିଲା, ''ଦେଖ ସ୍ୱାତୀ ତୁ କ'ଣ କରି ବସିଲୁ, ରଘୁର ଚିତ୍ରଟିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲୁ ! ଏବେ ସେ ପ୍ରତିଯୋଗିତାରେ ବିଜୟୀ ହୋଇ ପୁରସ୍କାର ପାଇବ ନାହିଁ !'' ଫଳରେ ସମସ୍ତେ ଏହି ଅଘଟଣ ପାଇଁ ସ୍ୱାତୀକୁ ଦୋଷୀ କଲେ ।

ଟିନା ଏହିପରି ଅନେକ କିଛି କରି ଚାଲିଥିଲା । ପ୍ରଥମେ ପ୍ରଥମେ ସେ ଏସବୁ ଉପଭୋଗ କରୁଥିଲା; କିନ୍ତୁ ଧୀରେ ଧୀରେ ସେ ଗୋଟିଏ ପରେ ଗୋଟିଏ ବନ୍ଧୁଙ୍କୁ ହରାଇବାକୁ ଲାଗିଲା । ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ମଧ୍ୟ ଘଟିଲା । ପ୍ରତ୍ୟେକଟି ଧୂର୍ତ୍ତ ଲୁଚାଛପା କାର୍ଯ୍ୟ କରିବା ପରେ ତା'ର ହୃଦୟ ଖୁବ୍ ଭାରୀ ଭାରୀ ଲାଗୁଥିଲା । କାରଣ ଏପରି ବିଶ୍ୱାସଘାତକ କାର୍ଯ୍ୟସବୁ କରି ସେ ତା' ଭିତରେ ସେହି କଦାକାର ଭୂତକୁ ଖାଦ୍ୟ ଯୋଗାଇ ଚାଲିଥିଲା ଏବଂ ଭୂତଟି ତା' ଭିତରେ ପୃଥୁଳ ହେବାରେ ଲାଗିଥିଲା । ଯେତେବେଳ ସେ ତା'ର ହୃଦୟ ଉପରେ ମାଡ଼ି ବସିଲା ସେତେବେଳେ ଟିନା ତା' ହୃଦୟରେ ଯନ୍ତ୍ରଣା ଅନୁଭବ କରିବାକୁ ଲାଗିଲା ।



ଦିନେ ଟିନା ଖେଳ ପଡ଼ିଆରେ ଗୋଟିଏ ବେଞ୍ଚରେ ଏକା ବସିଥାଏ; କାରଣ କେହି ତା' ସହିତ ଖେଳିବାକୁ ରାଜି ନୁହଁନ୍ତି; ତା' ହୃଦୟ ଏତେ ଭାରୀ ହୋଇ ଯାଇଥାଏ ଯେ ସେ ଚାଲିବାକୁ ବଳ ପାଉ ନଥାଏ । ଯେତେବେଳେ ସୂର୍ଯ୍ୟ ପ୍ରଦୀପ୍ତ ଦିଶୁଥା'ନ୍ତି ଏବଂ ବାତାବରଣରେ ଆନନ୍ଦ ଉଲ୍ଲାସ ଭରି ରହିଥାଏ, ଟିନାକୁ ସବୁ ଅନ୍ଧକାରମୟ ଦିଶୁଥାଏ, ସବୁ ଖୁସୀରୁ ବଞ୍ଚିତ ଓ ଏକୁଟିଆ ଲାଗୁଥାଏ ।

ପିଲାମାନେ ଦଳବଦ୍ଧ ହୋଇ ବଲ୍‌ଟିଏ ନେଇ 'କ୍ୟାଚ୍' ନାମକ ଖେଳ ଆରମ୍ଭ କରି ଦେଇଥା'ନ୍ତି ।

ଶୀଲା ପଚାରିଲା, ''ଆମେ କାହିଁକି ଟିନାକୁ ଖେଳିବାକୁ ଡାକିବା ନାହିଁ ?'' ଶୀଲା ଶ୍ରେଣୀରେ ନୂଆ କରି ଯୋଗ ଦେଇଥାଏ ଏବଂ ଟିନା ସହିତ କେହି ସାଥୀ ହେବାକୁ ଚାହୁଁ ନାହାନ୍ତି ବୋଲି ଜାଣି ନଥାଏ ।

ପୁନିତ ଖୁବ୍ ଜୋର୍‌ରେ କହି ଉଠିଲା, ''ଟିନା ଆମ ସହିତ ଖେଳୁ ବୋଲି ଆମେ କେହି ଚାହୁଁନା । ସେ ବହୁତ ନୀଚମନା !''

''ଭୟଙ୍କର ମଧ୍ୟ,'' ମିତା ଦୃଢ଼ତାର ସହ ମତ ବ୍ୟକ୍ତ କଲା ।

ପାରୁଲ ଯୋଡ଼ି ଦେଲା, ''ଦୁଷ୍ଟ ମଧ୍ୟ'' ।

''ସତରେ କହିବାକୁ ଗଲେ ଖଳ ପ୍ରକୃତିର,'' ଘୃଣାରେ ମୁହଁକୁ ମୋଡ଼ି ସ୍ୱାତୀ ମତ ବ୍ୟକ୍ତ କଲା ।

ଟିନା ନିଜ ସମ୍ପର୍କରେ ଏତେ ଗୁଡ଼ିଏ ନାସ୍ତିସୂଚକ ବିବୃତି ଶୁଣି ସମ୍ଭାଳି ପାରିଲାନି ଏବଂ ବେଞ୍ଚରୁ ଉଠି ସେ ସ୍ଥାନ ଛାଡ଼ି ଦୌଡ଼ି ପଳାଇଲା । ସେ ଗୋଟିଏ ବୁଦା ପଛପଟେ ନିଜକୁ ଲୁଚାଇ ରଖି କାନ୍ଦିବାକୁ ଲାଗିଲା । ତା'ର କ'ଣ ଅସୁବିଧା ହୋଇଯାଇଛି ? ତାକୁ କାହିଁକି କେହି ବି ଭଲ ପାଉ ନାହାନ୍ତି ? ସତରେ କ'ଣ ସେ ନୀଚମନା, ଭୟଙ୍କର ଆଉ ଖଳ ପ୍ରକୃତିର ? ଏପରି ଘୃଣ୍ୟ ଏବଂ ପରିତ୍ୟକ୍ତ ହେବାଟା ସେ ଗ୍ରହଣ କରିପାରୁ ନଥିଲା । ସେ ସମସ୍ତଙ୍କ ଠାରୁ ବର୍ଜିତ ହେବା ଏବଂ ଏକୁଟିଆ ଓ ଦୟନୀୟ ହେବାକୁ ଚାହୁଁ ନଥିଲା । ସେ ନିଜକୁ ନିଜେ କହିଲା, ''ମୁଁ ପୁଣି ମୋ ସାଥୀମାନଙ୍କ ସହ ଖେଳିବାକୁ ଚାହେଁ । ମୁଁ ହସଖୁସିରେ ସେମାନଙ୍କ ସହ ମିଳିମିଶି ରହିବାକୁ ଚାହେଁ ।''

ସେ ଚିନ୍ତା କଲା ଏବଂ ଯାହାସବୁ ଘଟି ଯାଇଛି ସେସବୁରେ ମନୋନିବେଶ କରିବାକୁ ଲାଗିଲା । ଯାହାସବୁ ସେ କରିଛି ସେସବୁ ଏତେ ଭୁଲ୍‌ଭ୍ରାନ୍ତିରେ ଭରା ? କାହିଁକି ତା'ର

ବନ୍ଧୁମାନେ ତା' ବିରୋଧରେ ସ୍ୱର ଉଠାଉଛନ୍ତି ? ସେ ହୃଦୟଙ୍ଗମ କଲା ଯେ ତା' ଭିତରେ କିଛି ଗୋଟାଏ ଭାରୀ ଓ ଅନ୍ଧାରୁଆ ଲାଗୁଛି । ''ଏଇଟା ପୁଣି କ'ଣ ?'' ସେ ନିଜକୁ ପ୍ରଶ୍ନ କରିବାକୁ ଲାଗିଲା । ପୂର୍ବରୁ ତ ଏହା ଏପରି ନଥିଲା । ସେ ଅନୁଭବ କଲା ଏକ ଦୁର୍ବୋଧ ଅନ୍ଧକାର ତାକୁ ଅଧିକାର କରିଛି – ଏକ ବିରାଟ ଶୂନ୍ୟତା ଯାହା ଆଲୁଅରେ ଭରି ଯିବାକୁ ବିକଳ ଚିତ୍କାର କରୁଛି; କିନ୍ତୁ କିପରି ସେ ତାକୁ ପାଇପାରିବ ?

ସେଦିନ ସେ ସ୍କୁଲରୁ ଘରକୁ ଫେରିଲା ପରେ ତାକୁ ଖୁବ୍ ବେଶୀ ଏକେଲା ଓ ଦୁଃଖ ଲାଗୁଥିଲା । ସେ ହୃଦୟରେ ଏକ ଯନ୍ତ୍ରଣା ଅନୁଭବ କରୁଥିଲା ଏବଂ ଏହାର ନିରାକରଣ କିପରି କରାଯାଇ ପାରିବ ତାହା ବୁଝିପାରୁ ନଥିଲା । ସେ କେବଳ ଏତିକି ଜାଣିଥିଲା ଯେ ଯାହାସବୁ ସେ କରୁଛି ସେସବୁ ଠିକ୍ କରୁ ନାହିଁ; କିନ୍ତୁ କିପରି ସେସବୁରୁ ନିସ୍ତାର ମିଳିବ ସେକଥା ତାକୁ ଜଣା ନଥିଲା । ଫଳସ୍ୱରୂପ, ସେଦିନ ରାତିରେ ସେ ବେଶ୍ ହାଲିଆ ଅନୁଭବ କରି ଶୋଇ ପଡ଼ିଥିଲା ଏବଂ ଶିକ୍ଷକ ଦେଇଥିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ପାଠର ପ୍ରସ୍ତୁତି କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲା ।

ପରଦିନ ସକାଳେ ଅଧିକାଂଶ ପିଲା ସ୍କୁଲ ଯିବା ପାଇଁ ଖୁବ୍ ଉତ୍ସାହୀ ଥିଲେ । ସେଦିନ ସେମାନଙ୍କୁ ଶ୍ରେଣୀରେ କିଛି ପ୍ରଦର୍ଶନ କରିବାକୁ ହେବ ଏବଂ ସେସମ୍ପର୍କରେ କିଛି କହିବାକୁ ହେବ । ପାରୁଲ ଗୋଟାଏ ପାତ୍ରରେ ଛୋଟ ଚାରାଗଛଟିଏ ଆଣିଥିଲା । ''...ଅଳ୍ପ କେତୋଟି ସପ୍ତାହ ତଳେ ମୁଁ ଏକ ଛୋଟ ମଞ୍ଜି ଏଇ ମାଟିପାତ୍ରରେ ପୋତିଥିଲି ଏବଂ ଏବେ ଦେଖ ଏହା କେଡ଼େ ସୁନ୍ଦର ଛୋଟ ଚାରାଗଛଟିଏ ହୋଇଯାଇଛି; ଏବଂ ପରେ ଏହା ଏକ ବଡ଼ ବୃକ୍ଷରେ ପରିଣତ ହୋଇ ଏଥିରେ ଫୁଲ ଫୁଟିବ; ଫୁଲସବୁ ପୁଣି ଫଳରେ ପରିଣତ ହେବେ,'' ପାରୁଲ ବୁଝାଇ ଚାଲିଥିଲା ।

ତା'ପରେ ପୁନିତର ମାଆ ତାଙ୍କର ପୋଷା କୁକୁର 'ସ୍ନଫ୍' ସହ ଶ୍ରେଣୀଗୃହକୁ ଆସିଲେ । ସ୍ନଫ୍ ଯେଉଁସବୁ କୌତୁକ ପ୍ରଦର୍ଶନ କରିପାରେ ସେସବୁ ପୁନିତ ଶ୍ରେଣୀର ପିଲାମାନଙ୍କୁ ଦେଖାଇଲା ଏବଂ କହିଲା ସ୍ନଫ୍‌ର ପେଟ ଗଣ୍ଡଗୋଳ ହେଲେ ସେ ଘାସ ମଧ୍ୟ ଖାଏ । ସମସ୍ତେ ସ୍ନଫ୍‌କୁ ଖୁବ୍ ଭଲ ପାଉଥିଲେ ଏବଂ ତାକୁ ଆଦର ମଧ୍ୟ କଲେ । ଶ୍ରେଣୀରେ ନୂଆ ଯୋଗ ଦେଇଥିବା ଝିଅ ଶୀଲା ନିଜେ ଲେଖିଥିବା କବିତାଟିଏ ଆବୃତ୍ତି କଲା । କବିତାରେ ନୂଆ ସ୍କୁଲରେ ନୂଆ ସାଙ୍ଗ କରିବା ବିଷୟରେ ଲେଖିଥିଲା ।

ଏସବୁ ପରେ ଶିକ୍ଷକ ଟିନାକୁ ଡାକିଲେ କିନ୍ତୁ ଟିନା ଘରପଢ଼ା ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲିଯାଇଥିଲା । ସେ ଦେଖାଇବା ପାଇଁ ସାଥୀରେ କିଛି ବି ଆଣି ନଥିଲା; କିନ୍ତୁ ସେ ଗଲା ଏବଂ ଶ୍ରେଣୀର ପିଲାମାନଙ୍କ ସମ୍ମୁଖରେ ଠିଆ ହେଲା । ସେ ତଳକୁ ମୁଣ୍ଡ ପୋତି ଠିଆ ହୋଇଥିଲା ଏବଂ କ'ଣ କହିବାକୁ ହେବ ଜାଣିପାରୁ ନଥିଲା । ପିଲାମାନେ ପରସ୍ପର ସହ ଚାପାକଣ୍ଠରେ କଥା ହେବାକୁ ଆରମ୍ଭ କରିଦେଲେ ।

''ଚୁପ୍ ହୁଅ !'' ଶିକ୍ଷକ କହିଲେ । ''ଟିନା, ଶ୍ରେଣୀରେ କହିବାକୁ ବା ଦେଖାଇବା ପାଇଁ ତୋର କିଛି ନାହିଁ ?

ଟିନା ମୁଣ୍ଡ ହଲାଇଲା । ଶିକ୍ଷକ ଜଣକ ଖୁବ୍ ଦୟାଳୁ ଓ ଉତ୍ତମ ପର୍ଯ୍ୟବେକ୍ଷକ ଥିଲେ । ସେ ଟିନାକୁ ଟିକେ ଦୂରକୁ ଡାକିନେଲେ ଏବଂ ଖୁବ୍ କୋମଳ ଭାବେ କହିଲେ, ''ଟିନା, ଏହା କେବଳ ମୋର ଏକ ପ୍ରସ୍ତାବ । ଆଜିକାଲି କାହିଁକି ତୁ ଏତେ ଦୁଃଖୀ ରହୁଛୁ ସେସମ୍ପର୍କରେ ଆମକୁ କିଛି କହିପାରୁ ।''

ଶିକ୍ଷକଙ୍କ ଠାରୁ ଏପରି କିଛି ସହାନୁଭୂତିପୂର୍ଣ୍ଣ କଥା



ଶୁଣିବା ପରେ ଟିନା ଭିତରେ କିଛି ଗୋଟାଏ ପ୍ରଜ୍ୱଳିତ ହୋଇ ଉଠିଲା । ତା'ର ହୃଦ୍‌ବୋଧ ହେଲା ଯେ ଏପରି ଗୋଟାଏ

ସୁଯୋଗର ଅପେକ୍ଷାରେ ସେ ଥିଲା ଯେତେବେଳେ ସେ କ'ଣ ଅନୁଭବ କରୁଛି ସେକଥା କହି ସମସ୍ତ ପ୍ରକାର ସନ୍ଦେହମୋଚନ କରି ପାରିବ ଏବଂ ସ୍ୱୀକାର କରି ନେବ କିପରି ଗୋଟାଏ କ୍ଷୁଦ୍ର ଖଳ ଚିନ୍ତାକୁ ପ୍ରଶ୍ରୟ ଦେଇ ତାକୁ ବହୁରେ ପରିଣତ କରିଦେଲା ଓ ଏପରି ଏକ ଚକ୍ରବ୍ୟୂହ ଭିତରେ ରହିଗଲା ଯାହା ତା' କ୍ଷମତା ବାହାରକୁ ଚାଲିଗଲା । ଏହା ଖୁବ୍ କଷ୍ଟକର ଥିଲା କିନ୍ତୁ ସେ ସେପରି କରିବାକୁ ଚାହୁଁଥିଲା । ସେ ଶ୍ରେଣୀରେ ଉପସ୍ଥିତ ସମସ୍ତଙ୍କୁ ଚାହିଁଲା ଏବଂ ପରେ ତା'ର ଶିକ୍ଷକଙ୍କ ଆଡ଼େ ଦୃଷ୍ଟି ଫେରାଇଲା ଯିଏକି ତାକୁ ଏକ ମୃଦୁ ସମ୍ମତିସୂଚକ ସଂକେତ ଦେଲେ ।

ଭୟରେ ଥରୁଥିଲେ ମଧ୍ୟ ଦୃଢ଼ ପଦକ୍ଷେପ ସହ ସେ ଶ୍ରେଣୀ ସମ୍ମୁଖରେ ଦଣ୍ଡାୟମାନ ହେଲା । ସମଗ୍ର ଶ୍ରେଣୀ ତାକୁ ବିସ୍ଫାରିତ ଦୃଷ୍ଟିରେ ଚାହିଁ ରହିଥିଲେ, ଉତ୍ସୁକତାର ସହ ଅପେକ୍ଷା କରୁଥିଲେ କ'ଣ ସେ କହିବ ବୋଲି । କେତେ ଜଣ ନିଜ ନିଜ ଭିତରେ ଗୁଣୁଗୁଣୁ ହୋଇ କ୍ଷୀଣ କଣ୍ଠରେ କଥା ହେବାକୁ ଆରମ୍ଭ କଲେ ।

''ସମସ୍ତେ ନୀରବ ରୁହ !'' ଶିକ୍ଷକ ପୁନରାବୃତ୍ତି କଲେ,''ଦୟାକରି ଟିନାକୁ କହିବାକୁ ଦିଅ ।''

ଟିନା ଶ୍ରେଣୀଗୃହର ଚତୁର୍ଦ୍ଦିଗରେ ଆଖି ବୁଲାଇ ଆଣିଲା ଏବଂ ଯେଉଁମାନଙ୍କ ମନରେ ସେ ଆଘାତ ଦେଇଛି ସେମାନଙ୍କୁ ମଧ୍ୟ ଦେଖିଲା । ନିଜ ଭୁଲ୍‌କୁ ସଂଶୋଧନ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଟିନା କହିବାକୁ ଆରମ୍ଭ କଲା । ପ୍ରଥମେ ତା'ର କଣ୍ଠସ୍ୱର ଖୁବ୍ କ୍ଷୀଣ ଶୁଭୁଥାଏ; କିନ୍ତୁ ପ୍ରତ୍ୟେକ ଶବ୍ଦ ଉଚ୍ଚାରଣ କଲା ବେଳେ ସେ କିଛି ସାହସ ସଂଚୟ କରୁଥାଏ । ଟିନା କହିଲା, ''ଆଜି ମୁଁ ତୁମମାନଙ୍କୁ କହିବାକୁ ଚାହେଁ ଯେ ତୁମମାନଙ୍କ ଭିତରୁ କେତେ ଜଣଙ୍କ ପ୍ରତି ମୁଁ ଯେଉଁ ନୀଚ ଓ ଭୟଙ୍କର ବ୍ୟବହାର ଦେଖାଇଛି ତା' ପଶ୍ଚାତରେ ଥିବା ସତ୍ୟଟି କ'ଣ । ମୁଁ ତୁମକୁ ଜଣାଇବାକୁ ଚାହେଁ ଯେ ଗୋଟିଏ କ୍ଷୁଦ୍ର ଖଳଚିନ୍ତା ଜଣକୁ କେତେ ଦୁଃଖୀ ଓ ଏକାକୀ କରିଦେଇପାରେ ।''

''ତୁମମାନଙ୍କୁ ଏକଥା କହିବା ମୋ ପକ୍ଷରେ ଏତେ ସହଜ ନୁହେଁ କିନ୍ତୁ ମୁଁ କହିବାକୁ ଚାହେଁ । ମୁଁ ଚାହେଁ ତୁମେମାନେ ଜାଣିବା ଉଚିତ ଯେ ଗୋଟିଏ ଖଳ ଚିନ୍ତାକୁ ମନ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଛାଡ଼ିଦେଲେ କ'ଣ ସବୁ ଘଟେ । ଏହା ଆରମ୍ଭ ହୁଏ ଯେତେବେଳେ ତୁମମାନଙ୍କ ମଧ୍ୟରୁ କେତେଜଣ କ୍ଲାସରେ ଖୁବ୍ ଭଲ କଲ, ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହେଲ, ସ୍କୁଲର ଡ୍ରାମାରେ ଭଲ ଅଭିନୟ କଲ, ସେତିକିବେଳେ ସେମାନଙ୍କ ପ୍ରତି ମୋର ଈର୍ଷା ଉଦ୍ରେକ ହେଲା । ସେମାନଙ୍କ ସଫଳତାରେ ଖୁସୀ ହେବା ଓ ଉତ୍ସାହିତ କରିବା ପରିବର୍ତ୍ତେ ଏବଂ ନିଜେ ଅଧିକ ଭଲ କରିବା ପାଇଁ ପ୍ରୟାସ କରିବା ପରିବର୍ତ୍ତେ ମୁଁ ଚିନ୍ତା କରିବାକୁ ଆରମ୍ଭ କଲି କ'ଣ କଲେ ତୁମେସବୁ ଅସଫଳ ହେବ । ତେଣୁ ଦିନ ପରେ ଦିନ, ମୁଁ ନୀଚ ଓ ଘୃଣ୍ୟ କାର୍ଯ୍ୟସବୁ ଆରମ୍ଭ କରି ଦେଲି ଯାହା ଫଳରେ ମୁଁ ଭଲ ଦେଖାଯିବି ଓ ତୁମମାନଙ୍କ ମଧ୍ୟରୁ କିଏ ନା କିଏ ବଦନାମ ହେବ ।''

ଟିନା ଟିକେ ଅଟକି ପୁଣି ଦୀର୍ଘଶ୍ୱାସ ନେଇ ଚାରିଆଡ଼କୁ ଚାହିଁଲା । ମିତା ତା' ଆଡୁ ଦୃଷ୍ଟି ଫେରାଇ ନେଲା, ସ୍ୱାତୀ କିନ୍ତୁ ତାକୁ ବିସ୍ଫାରିତ ଆଖିରେ ଚାହିଁ ରହିଥିଲା । କିଛି ପିଲା ଯେମିତି ଗୋଲକଧନ୍ଦାରେ ପଡ଼ିଗଲା ପରି ଲାଗୁଥିଲେ, ଆଉ କିଛି ପିଲା କେବଳ ଅସ୍ୱସ୍ତି ବୋଧ କରୁଥିଲେ ।

ତଳକୁ ଚାହିଁ ଟିନା କହିଚାଲିଲା, ''ମୁଁ ତୁମମାନଙ୍କ ମଧ୍ୟରୁ କେତେ ଜଣଙ୍କର ଦୌଡ଼ ପ୍ରତିଯୋଗିତାରେ ହାରିଯିବା ପାଇଁ ଦାୟୀ; ମୁଁ ସ୍ଥିର କରି ନେଇଥିଲି କେତେ ଜଣ ପରୀକ୍ଷାରେ ଅସଫଳ ହୁଅନ୍ତୁ ଏବଂ ସେମାନଙ୍କ ଘରପଢ଼ା ନଷ୍ଟ କରି ଦେଉଥିଲି । ଆଶ୍ଚର୍ଯ୍ୟଜନକ ଭାବେ ଏହି ବିଦ୍ୱେଷ ପ୍ରଣୋଦିତ କାମସବୁ ମୋତେ ଆନନ୍ଦ ଦେଇ ପାରୁ ନଥିଲା । ପ୍ରତ୍ୟେକଟି କଦର୍ଯ୍ୟ କାର୍ଯ୍ୟ ମୋର ହୃଦୟକୁ ଆହୁରି ଭାରୀ କରିଦେଉ ଥିଲା, ଯେମିତି ନିଜ ଭିତରେ କିଛି ଗୋଟାଏ ପୃଥୁଳରୁ ପୃଥୁଳ ଆକାର ଧାରଣ କରି ଚାଲିଛି । ସେହି ଜିନିଷଟି ଯେତେ ମୋଟା ହୋଇ ଚାଲିଥିଲା, ମୋତେ ସେତେ ଅଧିକ ଖରାପ ଲାଗୁଥିଲା ଏବଂ ମୁଁ ଯାହାସବୁ କରୁଥିଲି ସେସବୁ ଅଧିକରୁ ଅଧିକ ଘୃଣ୍ୟ ଏବଂ ଲଜ୍ଜାଜନକ ବୋଧ ହେଉଥିଲା । କିଛିଦିନ ପରେ ମୁଁ ଅନୁଭବ କଲି ଯେ ମୋର ଆଉ ଖୁବ୍ କମ୍ ବନ୍ଧୁ ଅଛନ୍ତି, କେହି ମୋର ସାଥୀ ହେବାକୁ ଚାହୁଁ ନାହାନ୍ତି ।''

ଟିନା ଅନୁଭବ କଲା ଦୁଇଧାର ଲୁହ ତା' ଆଖିରୁ ଝରିଆସୁଛି ଏବଂ ସେ ତାକୁ ପୋଛିଦେଲା ।

ସେ ପୁଣି ଆରମ୍ଭ କଲା, ''ମୁଁ ଅନୁଭବ କଲି ଯେ ମୁଁ ଏପରି ଭାବେ ବଞ୍ଚିବାକୁ ଚାହୁଁନି, ମୁଁ ମୂଳତଃ ଏପରି ନିଷ୍ଠୁର ବା ନୀଚମନା ନୁହେଁ । ମୁଁ ହୃଦୟଙ୍ଗମ କଲି ଯେ ମୁଁ ଯଦି ସେହି ପ୍ରଥମ ଲଜ୍ଜାଜନକ ଚିନ୍ତାଟିକୁ ଶକ୍ତି ପ୍ରଦାନ କରି ନଥା'ନ୍ତି, ମୋର ଆଜି ଏପରି ଅବସ୍ଥା ହୋଇ ନଥା'ନ୍ତା । ମୁଁ ଏବେ ଜାଣୁଛି

ଯେ ମୋତେ ତାକୁ ପରିତ୍ୟାଗ କରିବା ଦରକାର; କିନ୍ତୁ ମୁଁ ତାକୁ ଧରି ରଖିଲି ଏବଂ ଏହା ମୋ ଜୀବନକୁ ନିଜ ଅଧୀନରେ ରଖିବାକୁ ଆରମ୍ଭ କରିଦେଇଛି, ମୋତେ ଏପରି ସବୁ କାମ କରାଉଛି ଯାହା ମୋର ବାସ୍ତବ ବ୍ୟକ୍ତିତ୍ୱର ବିପକ୍ଷରେ ଯାଉଛି ।''

ଟିନା ଯେତେବେଳେ କହି ଚାଲିଥିଲା, ସେଇ ସମୟରେ ଗୋଟିଏ ବିଚିତ୍ର କଥା ଘଟିବାକୁ ଆରମ୍ଭ କଲା । ସେଇ ଅନ୍ଧାରି ମୁଲକର କଦାକାର ଭୂତ ବାହାରକୁ ଘୋଷାରି ହୋଇ ଆସିଲା । ଅବଶ୍ୟ କେହି ବି ତାକୁ ବାସ୍ତବରେ ଦେଖିପାରୁ ନଥିଲେ, କାରଣ ଏହା ଏକ ଭିନ୍ନ ଜଗତର ଜୀବ ଥିଲା; କିନ୍ତୁ ଟିନା ଧୀରେ ଧୀରେ ହୃଦୟରେ ଅଧିକରୁ ଅଧିକ ହାଲୁକା ଓ ଉଶ୍ୱାସ ଅନୁଭବ କଲା । ତୁମେ ତ ଜାଣିଛ ଏଇ କଦାକାର ଭୂତ ଗୋଟାଏ ଅନ୍ଧାର ଘେରା ସ୍ଥାନରୁ ଆସିଛି ଯାହାକୁ ଅନ୍ଧାରି ମୁଲକ କୁହାଯାଏ; ଏବଂ ସେ ଏପରି ଉଜ୍ଜ୍ୱଳତା ସହ୍ୟ କରିପାରୁ ନାହିଁ । ସେ ଟିନାର ହୃଦୟକୁ ଜାବୁଡ଼ି ଧରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଟିନା ତା' ଜୀବନରେ କ'ଣ ସବୁ ଘଟିଛି ସେସମ୍ପର୍କରେ ଯେତେ ଅଧିକ ସତ୍ୟ ବୟାନ କରି ଚାଲିଥିଲା, ସେ ଭୂତ ସେତେ ଅଧିକରୁ ଅଧିକ ଆଲୁଅ ସାମନାକୁ ଟାଣି ହୋଇ ଆସୁଥିଲା । ଯେତେବେଳେ ସେ ବାମନ ଭୂତଟି ପୂରାପୂରି ଔଜ୍ଜ୍ୱଲ୍ୟ ଭିତରକୁ ଆସିଗଲା, ଭୟାତୁର ହୋଇ ସେ ସମ୍ପୂର୍ଣ୍ଣରୂପେ ଉଭେଇ ଗଲା ।

ଟିନା ଆଉ ମୁଣ୍ଡପୋତି ଠିଆ ହୋଇ ନଥିଲା । ସେ ସମ୍ମୁଖକୁ ଚାହିଁଥିଲା । ସେ କଥା କହିବା ବନ୍ଦ କରି ତା'ର ବନ୍ଧୁମାନଙ୍କ ଆଖିକୁ ଚାହିଁଲା ଓ ହସିଦେଲା; କିନ୍ତୁ ଟିକେ ସଂକୋଚର ସହ । ଶିକ୍ଷକ ପ୍ରଶଂସାସୂଚକ କରତାଳି ଦେବାକୁ ଆରମ୍ଭ କଲେ ଓ ଶୀଲା ତାଙ୍କ ସହ ଯୋଗଦେଲା । ତା'ପରେ ଜଣକ ପରେ ଜଣେ କରତାଳି ଦେବାକୁ ଆରମ୍ଭ କଲେ ଏବଂ ଖୁବ୍ କମ୍ ସମୟ ଭିତରେ ସମଗ୍ର ଶ୍ରେଣୀର ପିଲା କରତାଳି ସହ ଉତ୍ସାହପୂର୍ଣ୍ଣ ଧ୍ୱନି ଦେବାକୁ ଆରମ୍ଭ କରିଦେଲେ । ସମସ୍ତେ ତାକୁ ଚାହିଁ ହସୁଥିଲେ ।

ଶିକ୍ଷକ ଟିନା ନିକଟକୁ ଆସିଲେ ଓ ତାକୁ ଆଲିଙ୍ଗନ କରି କହିଲେ, ''ଟିନା, ତୁ ଯାହା କରିଥିଲୁ ତାହା ଖୁବ୍ ସାହସ ଓ ବିଶ୍ୱସ୍ତତାର ସହ କହିପାରିଲୁ !'' ତା'ପରେ ସେ ସମଗ୍ର ଶ୍ରେଣୀର ପିଲାମାନଙ୍କୁ କହିଲେ, ''ତୁମେ ଅନ୍ୟ ଜଣକୁ ଖରାପ ବୋଲି ସାବ୍ୟସ୍ତ କରି ନିଜେ ଭଲ ହୋଇପାରିବ ନାହିଁ । ଯେତେବେଳେ ତୁମ ଭିତରେ ନୀଚ ଓ ଘୃଣ୍ୟ ଚିନ୍ତାସବୁ ଆସୁଛି, ସେସବୁକୁ ତତ୍‌କ୍ଷଣାତ୍ ବାହାରକୁ ଫିଙ୍ଗି ଦିଅ !''

ପରଦିନ, ଟିନା ପୁରୁଣା ଦିନମାନଙ୍କରେ ସାଙ୍ଗମାନେ ତାକୁ ଯେପରି ଜାଣିଥିଲେ ସେହିପରି ଟିନା ହୋଇ ସ୍କୁଲକୁ ଆସିଗଲା । ସେ ରଘୁକୁ ଚମତ୍କାର ଛବିଟିଏ ଆଙ୍କିବାରେ ସାହାଯ୍ୟ କଲା, ଯାହାକି ସ୍କୁଲର ବାର୍ଷିକ ଚିତ୍ରାଙ୍କନ ମେଳାରେ ପ୍ରଦର୍ଶିତ ହୋଇଥିଲା । ଘରପଢ଼ା କରିବାରେ ସେ କମଲକୁ ଓ କମଲ ତାକୁ, ପରସ୍ପର ପରସ୍ପରକୁ ସାହାଯ୍ୟ କରୁଥିଲେ । ନୂଆ କରି



ଆସିଥିବା ଶୀଲା ସହ ସେ ବନ୍ଧୁ ହୋଇଗଲା; ମିତା, ପାରୁଲ ଏବଂ ସ୍ୱାତୀ – କେହି ବି ତାକୁ ଆଉ ଭୟଙ୍କର, ମନ୍ଦ ଓ ଖଳ ପ୍ରକୃତିର ବୋଲି କହିଲେ ନାହିଁ । ଯିଏ କରଣକୁ ମୋଟା ବୋଲି କହୁଥିଲା ସେ ତାକୁ ଗାଳି ଦେଉଥିଲା ଏବଂ ଯେତେଦୂର ସମ୍ଭବ ତାକୁ ସାହାଯ୍ୟ କରୁଥିଲା । ସେ ବର୍ଷ ପୁଣି ଯେତେବେଳେ ମିତା ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହେଲା, ଟିନା ତା' ପାଇଁ ଖୁବ୍ ଖୁସୀ ହୋଇଯାଇଥିଲା ।

ଯଦି ତୁମମାନଙ୍କ ଭିତରେ କେବେ କୌଣସି ଖଳ ଚିନ୍ତା ଆସେ କିଂବା ତୁମ ଭିତରେ କିଛି ଅନ୍ଧାରୁଆ ଅବା ଅସ୍ୱସ୍ତିକର ଅନୁଭବ ଆସେ କେବେ ବି ତାକୁ ତୁମ ମନ କିଂବା ହୃଦୟରେ ବସାବାନ୍ଧି ରହିବାକୁ ପ୍ରୋତ୍ସାହିତ କରିବ ନାହିଁ । ତାକୁ ତା'ର ଅନ୍ଧାରି ମୁଲକରେ ରହିବାକୁ ଛାଡ଼ିଦିଅ ।

(Walk the Luminous Path ରୁ ସଂଗୃହୀତ ।
© Navavihan and Meera Guthi,
ପ୍ରାପ୍ତିସ୍ଥାନ – VAK)

ଅନୁବାଦ ଓ ଉପସ୍ଥାପନା : ଜୟନ୍ତୀ

❑❑❑

ଚେତନାର ଦିଗ୍‌ବଳୟ :

# ଦୁର୍ଜୟ ଆଶା ଅଭୀପ୍ସାର ଆଲେଖ୍ୟ – ବିକ୍ରମ ବେତାଳ କାହାଣୀ

***ପ୍ରଶ୍ନ :** ଆଦିକବି ବାଲ୍ମୀକି ଏବଂ ମହାକବି କାଳିଦାସଙ୍କ ସମ୍ପର୍କରେ ପ୍ରଚଳିତ କିଂବଦନ୍ତୀ ଉପରେ ଆପଣଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଖ୍ୟା ଆମକୁ ଆଲୋକିତ ଓ ଚମତ୍କୃତ କରିଛି । ମୋର ପ୍ରଶ୍ନ, କାଳିଦାସଙ୍କ ପୃଷ୍ଠପୋଷକ ରାଜା ବିକ୍ରମାଦିତ୍ୟଙ୍କ ଉପରେ ଆରୋପିତ ବେତାଳ କାହାଣୀସବୁର ସତ୍ୟତା କେତେ ? ସେମିତି କିଛି ଘଟିଥିବା କ'ଣ ସମ୍ଭବପର ? ଚମତ୍କାର କାହାଣୀଟିମାନ ହେବା ବ୍ୟତିରେକେ ସେସବୁର ଅନ୍ୟ ମୂଲ୍ୟ କିଛି ଅଛି କି ?*

**ଉତ୍ତର :** ଇତିହାସରେ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିବା ରାଜା ବେଶ୍ କେତେଜଣ ରହିଛନ୍ତି । ଶକମାନଙ୍କୁ ପରାଜିତ କରିଥିବା ଉଜ୍ଜୟିନୀର ରାଜା ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ଖ୍ରୀଷ୍ଟପର ୩୮୦-୪୧୫)ଙ୍କୁ କିଂବଦନ୍ତୀ ପୁରୁଷ ବିକ୍ରମାଦିତ୍ୟ ଭାବରେ ଭଣ୍ଡରକର ଏବଂ ଅନ୍ୟାନ୍ୟ ଅନେକ ଐତିହାସିକ ଗ୍ରହଣ କରିଛନ୍ତି ।

ଭାରତର ଇତିହାସ ଅଦ୍ୟାବଧି ପାଶ୍ଚାତ୍ୟ ଗବେଷକମାନଙ୍କ ପରିବେଷିତ ତଥ୍ୟ ଏବଂ ସିଦ୍ଧାନ୍ତକୁ ଅନୁସରଣ କରୁଛି । ସେମାନେହିଁ ଯେ ଆମର ବହୁ ପ୍ରୋଥିତ, ବିସ୍ମୃତ ଐତିହ୍ୟର ଉଦ୍ଧାରକାରୀ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏ ଲେଖକର ଧାରଣା, ସେମାନେ ଭାରତୀୟ ଐତିହ୍ୟର ପ୍ରକୃତ ପ୍ରାଚୀନତାକୁ ସ୍ୱୀକାର କରିବାକୁ ଯେପରି ସାମୂହିକ ଭାବରେ କୁଣ୍ଠିତ । ଶୋଚନାର କଥା, ମୌଳିକ ଗଗେଷଣାବ୍ରତୀ ଓ ପ୍ରତ୍ନତତ୍ତ୍ୱ ବିଶାରଦ ଭାରତୀୟ ଐତିହାସିକଙ୍କ ସଂଖ୍ୟା ଅତ୍ୟନ୍ତ ସୀମିତ ।

ବହୁ କାରଣରୁ ଏ ଲେଖକର ବିଶ୍ୱାସ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେହିଁ ଜଣେ ବିକ୍ରମାଦିତ୍ୟ ଉଜ୍ଜୟିନୀରେ ରାଜତ୍ୱ କରୁଥିଲେ – ତାଙ୍କ ଅଗ୍ରଜ ଭର୍ତ୍ତୃହରି ସିଂହାସନ ତ୍ୟାଗ କରିବା ଅନ୍ତେ । ସପ୍ତମ ଶତାବ୍ଦୀର ବ୍ୟାକରଣବିଦ୍, ''ଭଟ୍ଟିକାବ୍ୟମ୍''ର ରଚୟିତା ଭର୍ତ୍ତୃହରି ଏବଂ ତିନୋଟି ବିଖ୍ୟାତ ''ଶତକମ୍''ର କବି ଭର୍ତ୍ତୃହରି ଏକ ବ୍ୟକ୍ତି ନୁହନ୍ତି । ସେ ଯାହାହେଉ, ଉକ୍ତ ବିକ୍ରମାଦିତ୍ୟ ଥିଲେ ଅତ୍ୟନ୍ତ ଉଦାର ଏବଂ ସାହସୀ । ସମ୍ଭବତଃ ସେ ତନ୍ତ୍ରରେ ବିଶେଷ ଆଗ୍ରହୀ ଥିଲେ ଏବଂ ସେ ଦିଗରେ କିଛି ସିଦ୍ଧି ମଧ୍ୟ ଆୟତ୍ତ କରିଥିଲେ । ଲୋକେ ଯାହାକୁ ଭଲ ପାଆନ୍ତି ତାଙ୍କ ଉପରେ ନିର୍ଭୀକତା, ବୁଦ୍ଧି ଓ ମହତ୍ତ୍ୱର ବିଭିନ୍ନ ଦୃଷ୍ଟାନ୍ତ ଆରୋପ କରନ୍ତି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଆନ୍ଧ୍ର ମୂଳକର ଏକ ବ୍ୟାପକ ଅଞ୍ଚଳ ଉପରେ ରାଜୁତି କରୁଥିବା ସାତବାହନ ବଂଶର ଜଣେ ରାଜାଙ୍କ ଆନୁକୂଲ୍ୟରେ ଗୁଣାଢ୍ୟ ନାମକ ବିଦ୍ୱାନ୍ ଭାରତର ବହୁ ଅଞ୍ଚଳ ପରିଭ୍ରମଣ କରି ପ୍ରଚଳିତ କାହାଣୀମାନ ସଂଗ୍ରହ କରିଥିଲେ ଏବଂ ଏକଦା ତାହା ''ବୃହତ୍ କଥା'' ନାମରେ ଦେଶବ୍ୟାପୀ ଜନପ୍ରିୟ ଥିଲା । ଏହି ଲିଖିତ ଗ୍ରନ୍ଥଟି ଭାରତୀୟ କଥା ସାହିତ୍ୟର ଭିତ୍ତି । କିନ୍ତୁ ଯେଉଁ ଲୋକଭାଷାରେ ତାହା ଲିଖିତ ହୋଇଥିଲା ତାହା ନିଶ୍ଚିହ୍ନ । ଏହି ଗ୍ରନ୍ଥକୁ ଭିତ୍ତି କରି ଏକାଦଶ ଶତାବ୍ଦୀରେ କାଶ୍ମୀର ରାଜା ଅନନ୍ତଙ୍କ ଦରବାରର ବିଦ୍ୱାନ୍ ସୋମଦେବ ରଚନା କଲେ ସୁବିଖ୍ୟାତ ''କଥାସରିତ୍ ସାଗର'' – ଯାହା ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର' ଭଳି ସମଗ୍ର ପୃଥିବୀର କଥାସାହିତ୍ୟକୁ ପ୍ରଭାବିତ କରିଛି ।

ଗୁଣାଢ୍ୟ ତାଙ୍କ ସମୟରେ ବିଖ୍ୟାତ ନଗରୀ ଉଜ୍ଜୟିନୀ ଅବଶ୍ୟ ଯାଇଥିବେ ଏବଂ ସେଠାକାର ଜନପ୍ରିୟ ରାଜା ବିକ୍ରମାଦିତ୍ୟଙ୍କ ସମ୍ପର୍କୀୟ କାହାଣୀମାନ ସଂଗ୍ରହ କରିଥିବେ । ସେସବୁ ସ୍ଥାନ ନେଲା ସୋମଦେବଙ୍କର ''କଥାସରିତ୍ ସାଗର''ରେ । ଅବଶ୍ୟ କେହି କେହି ଗବେଷକ ମନେ କରନ୍ତି ବିକ୍ରମ ବେତାଳ କାହାଣୀମାଳା ସୋମଦେବଙ୍କରହିଁ ଅବଦାନ । କହି ହେବ ନାହିଁ, ଯେହେତୁ ''ବୃହତ୍ କଥା''ର ଗୋଟିଏ ମଧ୍ୟ ପାଣ୍ଡୁଲିପି ବର୍ତ୍ତି ରହିପାରି ନାହିଁ । ପରବର୍ତ୍ତୀ ସମୟରେ ଦ୍ୱାଦଶ ଶତାବ୍ଦୀର ଶିବଦାସ ଏବଂ ଜମ୍ଭଳ ଦତ୍ତ ନାମକ ଦୁଇଜଣଙ୍କ ବ୍ୟତୀତ ଆହୁରି ଦୁଇଜଣ ଲେଖକ ମଧ୍ୟ ବିକ୍ରମ ବେତାଳ କାହାଣୀମାଳାକୁ ନିଜ ନିଜ ଶୈଳୀରେ ଲେଖିଲେ । ଗୋଟିକରେ ଉଜ୍ଜୟିନୀର ବିକ୍ରମାଦିତ୍ୟଙ୍କ ସ୍ଥାନରେ ପ୍ରତିଷ୍ଠାନ ନଗରୀର ରାଜା ତ୍ରିବିକ୍ରମସେନଙ୍କୁ ଅଭିଷିକ୍ତ କରାଇ ଦିଆଗଲା ।

ପ୍ରତ୍ୟେକ ମଣିଷ ଭିତରେ ନିଜ ସୀମାବଦ୍ଧ ଶକ୍ତି ଅତିକ୍ରମ କରିବା ନିମନ୍ତେ ସୁପ୍ତ ଅଭିଳାଷ ରହିଥାଏ; ତେଣୁ ଦୁଃସାହସ,

ନିର୍ଭୀକତା, ତ୍ୟାଗଶୀଳତା ତଥା ଅଜଣାକୁ ଜାଣିବା ଦିଗରେ ରୋମାଞ୍ଚକର ଅଭିଯାନର ଦୃଷ୍ଟାନ୍ତ ଆମକୁ ଆକୃଷ୍ଟ କରେ । ଏହିସବୁ ଗୁଣ-ବିଭୂଷିତ ଜଣେ ନାୟକ ପ୍ରତିଷ୍ଠିତ ହୋଇଗଲେ ସେହିସବୁ ବିଷୟବସ୍ତୁଭିତ୍ତିକ କାହାଣୀମାନ ତାଙ୍କରି ଉପରେ ଆରୋପିତ ହୁଏ । ଏ କ୍ଷେତ୍ରରେ ତାହାହିଁ ହୋଇଛି । ଯେମିତି କେତେ ମଜାକଥା ଆରୋପିତ ହୋଇଛି ମୁଲ୍ଲା ନାସିରୁଦ୍ଦିନ୍, ଗୋପାଳ ଭାଣ୍ଡ ଓ ତେନାଲି ରମନ୍‌ଙ୍କ ଉପରେ । ଆମ ଓଡ଼ିଶାର ଯଦୁମଣି ସମ୍ଭ୍ରାନ୍ତ ସ୍ତରର ତଥା ଅଦୂର ଅତୀତର ପ୍ରାମାଣ୍ୟ ଚରିତ୍ର ହୋଇଥିବା ଯୋଗୁଁ ତାହା ହୋଇପାରି ନାହିଁ ।

ଆପଣଙ୍କ ପ୍ରଶ୍ନର ଶେଷ ବାକ୍ୟଟି ମୋତେ ଭାବିତ କଲା । ''ଚମତ୍କାର କାହାଣୀଟିମାନ'' ହେବା କ'ଣ ଯଥେଷ୍ଟ ମୂଲ୍ୟବାନ୍ ନୁହେଁ ? ଯଦି ଶହ ଶହ ବର୍ଷ ଧରି ସେସବୁ କାହାଣୀ ଆବାଳବୃଦ୍ଧବନିତାଙ୍କର ମନୋରଞ୍ଜନ କରି ଆସିଛନ୍ତି, ସେ ଦୃଷ୍ଟିରୁ କ'ଣ ସେମାନେ ଅମାପ ମୂଲ୍ୟବାନ୍ ନୁହନ୍ତି ? ଆଜିର ଚଳଚ୍ଚିତ୍ର, ଟି.ଭି. ଏବଂ ଆମ କୋଳ ଦଖଲ କରିଥିବା ଆମୋଦ ପ୍ରଦାୟୀ ଯାନ୍ତ୍ରିକ ମାଧମସବୁ ଆମ ଚେତନାରେ ଆଧିପତ୍ୟ ବିସ୍ତାର କରିବା ପୂର୍ବରୁ ସେହି ପର୍ଯ୍ୟାୟର କାହାଣୀମାନ ଥିଲେ ବ୍ୟାପକ ଜନ ସମାଜ ସକାଶେ ଆନନ୍ଦ ସଙ୍ଗେ ସଙ୍ଗେ ବିଦ୍ୟା ଓ ସାଧାରଣ ଜ୍ଞାନର ଉତ୍ସ ।

ସେ ଯାହାହେଉ, ସେସବୁରୁ ଅନେକ କାହାଣୀରୁ ଆମକୁ ବହୁ ପ୍ରାଚୀନ ସଂସ୍କାର, ମୂଲ୍ୟବୋଧ, ଜୀବନ ଦର୍ଶନ ଓ କଳ୍ପନାପ୍ରବଣତାର ସାକ୍ଷ୍ୟ ମଧ୍ୟ ମିଳେ । ଗୋଟିଏ ଦୃଷ୍ଟାନ୍ତ ଦେଉଛି : କୌଣସି ଏକ ଜନପଦ ନିବାସୀ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଥିଲେ ଏକ ଗୁଣବତୀ, ରୂପବତୀ କନ୍ୟା । ଜନପଦର ତିନିଜଣ ତରୁଣ ତାକୁ ବିବାହ କରିବାକୁ ପ୍ରସ୍ତାବ ପଇଠ କରିଥିଲେ । ତେବେ କନ୍ୟାପକ୍ଷ କୌଣସି ସିଦ୍ଧାନ୍ତକୁ ଆସିବା ପୂର୍ବରୁ ଅକସ୍ମାତ୍ କନ୍ୟାଟିର ମୃତ୍ୟୁ ହେଲା । ତିନିଜଣଯାକ ଯୁବକ ହେଲେ ମର୍ମାହତ । ଜଣେ ଯୁବକ କନ୍ୟାର କିଞ୍ଚିତ୍ ଭସ୍ମାବଶେଷ ଧରି ଗଙ୍ଗାରେ ବିସର୍ଜନ ଦେଇ ଆସିଲା । ଦ୍ୱିତୀୟ ଜଣକ ସଂସାର-ବିରାଗୀ ହୋଇ ଅରଣ୍ୟକୁ ପଳାଇଲା । ତୃତୀୟ ତରୁଣଟି କିନ୍ତୁ ଶ୍ମଶାନରେ କନ୍ୟାର ଭସ୍ମରାଶି ସାନ୍ନିଧ୍ୟରେ ପଡ଼ି ରହିଲା — ଖରା ବର୍ଷା ନ ମାନି ।

ଯୋଗକୁ ସଂସାର-ବିରାଗୀ ଜଣକ ଜଣେ କରିତ୍‌କର୍ମା ସନ୍ନ୍ୟାସୀଙ୍କୁ ଭେଟିଲା ଯିଏ କି ତାକୁ ଶିଖାଇ ଦେଲେ ମୃତସଂଜୀବନୀ ମନ୍ତ୍ର । ତରୁଣ ଜଣକ ଆସି ସେ ମନ୍ତ୍ର ଉଚ୍ଚାରଣ-ପୂର୍ବକ କନ୍ୟାର ଭସ୍ମରାଶି ଉପରେ ନୀର ସିଞ୍ଚନ କରନ୍ତେ ପୂର୍ଣ୍ଣାଙ୍ଗ କନ୍ୟା ଉଠି ବସିଲା । କନ୍ୟାର ପରିବାର ତଥା ତିନି ତରୁଣ ଏବଂ ଜନପଦବାସୀମାନଙ୍କର ଆନନ୍ଦ ଓ ବିସ୍ମୟ କଥା କହିଲେ ନ ସରେ ।

ଏତକ କହି ବେତାଳ ପ୍ରଶ୍ନ କଲା ବିକ୍ରମକୁ, ''ରାଜା, ତିନି ଯୋଗ୍ୟ ତରୁଣଯାକ ବର୍ତ୍ତମାନ କନ୍ୟାଟିକୁ ପାଇବା ନିମନ୍ତେ ଉଦ୍‌ଗ୍ରୀବ । କିନ୍ତୁ କିଏ ହେବ ତା'ର ବରପାତ୍ର ଏବଂ କେଉଁ ଯାଥାର୍ଥ୍ୟ ଭିତ୍ତିରେ ?''

ରାଜା ବିକ୍ରମଙ୍କ ଉତ୍ତର : ''ଯିଏ ଯାଇ ଗଙ୍ଗାରେ କନ୍ୟାର ଭସ୍ମ ବିସର୍ଜନ ଦେଲା, ସେ କଲା କନ୍ୟାର ପୁତ୍ରତୁଲ୍ୟ ଆଚରଣ । ଯେଉଁ ତରୁଣ ତାକୁ ଦେଲା ଜୀବନ୍ୟାସ, ସେ ନେଲା ପିତାର ଭୂମିକା । ଅତଏବ, କହିବାବାହୁଲ୍ୟ, ସେହିଠାରେ ମାଟି କାମୁଡ଼ି ପଡ଼ି ରହିଥିବା ତରୁଣହିଁ ତା' ପାଣି ଗ୍ରହଣ ସକାଶେ ହକ୍‌ଦାର ।''

ବିଗତ ଏକ ଯୁଗର ସମାଜ ଦର୍ଶନ ଉପରେ ଆକର୍ଷଣୀୟ ଆଲୋକପାତ କରେ ଏ କାହାଣୀ ।

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୩୬-୧୩୯)

❑❑❑

କୌଣସି ଗଳ୍ପକୁ ମହନୀୟ ବା ଶ୍ରୀସମ୍ପନ୍ନ କରି ଶେଷ କରିବା ଏବଂ ନିଜକୁ ଅତିକ୍ରମ କରିଯିବା ପାଇଁ ଅନୁସନ୍ଧାନ କରୁଥିବା ପ୍ରତିଭାଶାଳୀ ନାୟକର ବ୍ୟକ୍ତିତ୍ୱକୁ ରୂପାୟିତ କରିବା ବହୁତ ବେଶୀ କଠିନ । କାରଣ ସେଥିପାଇଁ ନିଜେ ପ୍ରତିଭାଶାଳୀ ହେବା ଦରକାର ଏବଂ ଏହି ପ୍ରତିଭା ପ୍ରତ୍ୟେକଙ୍କୁ ଦିଆଯାଇ ନ ଥାଏ ।

(CWM Vol. 4, page : 155) — ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935 / 9442249355
Email :sales@ayurlabsindia.com
Website: www.ayurlabsindia.com

**Vol. LIII, No. 1** **R.N.I. No. 18163/70.**
Navaprakash (Monthly), January, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ୱଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**